www.adyashgroup.com
@adyashalivee
adyashalive

ADYASHA
ଆଦ୍ୟାଶା Live
Published by Er Debabrata Behera

PRGI No. : ORORI/25/A0506
Daily Edition
Email : adyashaalive"gmail.com

BHUBANESWAR | Vol. 02 | Issue : 106 | Friday | 23 October. 2026 | Page 8 | Rs. 7 |
ବର୍ଷ ୦୨ | ସଂଖ୍ୟା ୧୦୬ | ଭୁବନେଶ୍ୱର | ଶୁକ୍ରବାର | ୨୩ ଅକ୍ଟୋବର ୨୦୨୬ | ପୃଷ୍ଠା : ୮ | ମୂଲ୍ୟ ୭ ଟଙ୍କା

## ପୁଣି ଡରାଇଲାଣି ବାତ୍ୟା

# ସମ୍ଭାବ୍ୟ ବାତ୍ୟାକୁ ନେଇ ସରକାର ପ୍ରସ୍ତୁତ

**ଭୁବନେଶ୍ୱର, ୨୨/୧୦ (ଆଦ୍ୟାଶା) :** ଚଳିତ ମାସ ଶେଷ ଆଡ଼କୁ ବଙ୍ଗୋପସାଗରରେ ଏକ ସାମୁଦ୍ରିକ ଝଡ଼ ସୃଷ୍ଟି ହୋଇପାରେ। କେତେକ ଘରୋଇ ପାଣିପାଗ ସଂସ୍ଥାର ମଡେଲଗୁଡ଼ିକ ଏପରି ପୂର୍ବାନୁମାନ କରିଛନ୍ତି। ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ୬୦%ରୁ ଅଧିକ ଏବଂ ପ୍ରାଥମିକ ସଙ୍କେତ ଅନୁସାରେ ଆନ୍ଧ୍ରପ୍ରଦେଶ-ଓଡ଼ିଶା ଆଡ଼କୁ ସମ୍ଭାବ୍ୟ ଝଡ଼ ମୁହାଁଇପାରେ ବୋଲି ମଡେଲଗୁଡ଼ିକ ଦାବି କରିବା ପରେ ଓଡ଼ିଶାବାସୀଙ୍କ ମନରେ ଛନକା ପଶିଛି। ତେବେ, ବାତ୍ୟା ହେଲେ ଏହାର ଗତିପଥ, ତୀବ୍ରତା ଏବଂ ସ୍ଥଳଭାଗ ଛୁଇଁବା ଉପରେ ମଡେଲଗୁଡ଼ିକ କୌଣସି ଆକଳନ କରିନାହାନ୍ତି। ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ସମ୍ଭାବ୍ୟ ବାତ୍ୟା ଉପରେ ଅଧିକ ସ୍ପଷ୍ଟ ଆକଳନ କରାଯାଇପାରିବ ବୋଲି କହିଛନ୍ତି।

ଏ ସଂକ୍ରାନ୍ତରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଆଇଏମ୍‌ଡି ପକ୍ଷରୁ କୁହାଯାଇଛି, ଗଲ୍ଫ ଥାଇଲାଣ୍ଡ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ମ୍ୟାଁମାର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହି ଘୂର୍ଣ୍ଣିବଳୟ ଉତ୍ତର ଆଣ୍ଡାମାନସାଗରରେ ପହଞ୍ଚିଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଆଗକୁ ବଢ଼ିବ। ଆସନ୍ତା ୨୩ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପରେ ପରିଣତ ହୋଇପାରେ। ପରବର୍ତ୍ତୀ ସମୟରେ ସମ୍ଭାବ୍ୟ ଲଘୁଚାପ ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ଅଧିକ ଘନୀଭୂତ ହୋଇପାରେ। ଅନ୍ୟପଟେ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ନିକଟବର୍ତ୍ତୀ ତାମିଲନାଡୁ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୬ ଓ ୨୭ତାରିଖ ବେଳକୁ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳରେ ବିଜୁଳି ଓ ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଆସନ୍ତା ୨୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ଓ ଏହା ସହ ଲାଗିଥିବା ପୂର୍ବ-ମଧ୍ୟ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୨୫ ତାରିଖ ସୁଦ୍ଧା ଅବପାତରେ ପରିଣତ ହୋଇପାରେ। ଏହା ଆହୁରି ଶକ୍ତିଶାଳୀ ହୋଇ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଆସନ୍ତା ୨୬ରୁ ୨୮ତାରିଖ ବେଳକୁ ଏହା ଘୂର୍ଣ୍ଣିବାତ୍ୟାରେ ପରିଣତ ହେବାକୁ ଅସ୍ୱୀକାର କରାଯାଇନପାରେ। ଆରମ୍ଭରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ କିମ୍ବା ଉତ୍ତର-ପଶ୍ଚିମ ଦିଗକୁ ଗତି କରିପାରେ। ପରେ ଏହା ଆନ୍ଧ୍ରପ୍ରଦେଶ-ଓଡ଼ିଶା ଉପକୂଳ ଦିଗକୁ ଯାଇପାରେ। କିନ୍ତୁ ଏହା କେଉଁ ଅଞ୍ଚଳରେ ଭୂମିକୁ ଛୁଇଁବ ଓ କେଉଁ ଦିନ ଛୁଇଁବ, ତାହା ଏପର୍ଯ୍ୟନ୍ତ ନିଶ୍ଚିତ ନୁହେଁ। ଆସନ୍ତା ୨୬ରୁ ୨୯ ତାରିଖ ବେଳକୁ ଉପକୂଳ ଓଡ଼ିଶାରେ ବର୍ଷାର ସମ୍ଭାବନା ବଢ଼ିପାରେ। ବିଶେଷକରି ଯଦି ଏହି ପ୍ରଣାଳୀ ପଶ୍ଚିମ-ମଧ୍ୟ କିମ୍ବା ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଦିଗକୁ ଯାଏ, ତେବେ ପ୍ରଭାବିତ ଅଞ୍ଚଳରେ ଭାରି ବର୍ଷା, ଜୋର ପବନ ଓ ପାଣି ଜମିବା ସମ୍ଭାବନା ଅଛି। କିନ୍ତୁ କେଉଁଠାରେ, କେତେ ତୀବ୍ର ଓ କେବେ ଏହା ଘଟିବ, ତାହା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ସ୍ପଷ୍ଟ ଆକଳନ କରାଯାଇ ପାରିବ।



ପାଣିପାଗ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ କହିଛନ୍ତି, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ନିକଟବର୍ତ୍ତୀ ତାମିଲନାଡୁ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ ତାମିଲନାଡୁ-କେରଳ ମଧ୍ୟରେ ସ୍ଥଳଭାଗ ଦେଇ ଆରବସାଗର ପ୍ରବେଶ କରିବ। ଆରବସାଗରରେ ପୁଣି ଘନୀଭୂତ ହେବ କି ନାହିଁ, ତାହା ଅସ୍ପଷ୍ଟ ରହିଛି। ଆସନ୍ତା ୨୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୋଟିଏ ସମୟରେ ଦୁଇଟି ସିଷ୍ଟମ ଘନୀଭୂତ ହୋଇ ବାତ୍ୟା ରୂପ ନେବା ସମ୍ଭାବନା କମ। ତାମିଲନାଡୁ ଉପକୂଳରେ ଥିବା ଲଘୁଚାପ ଆରବ ସାଗରରେ ଦୁର୍ବଳ ହେଉଛି କି ଘନୀଭୂତ ହେଉଛି, ତାହା ଉପରେ ନଜର ରଖାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ସମ୍ଭାବ୍ୟ ଲଘୁଚାପ ଘନୀଭୂତ ହୋଇ ବାତ୍ୟାରେ ପରିଣତ ବୋଲି ପ୍ରାଥମିକ ସଙ୍କେତ ମିଳୁଛି। ଯଦି ବାତ୍ୟା ହୁଏ, ତାହା କେଉଁ ଆଡକୁ ମୁହାଁଇବ, କେତେ ଶକ୍ତିଶାଳୀ ହେବ ଏବଂ କେଉଁଠି ସ୍ଥଳଭାଗ ଛୁଇଁବ, ତାହା ଆସନ୍ତା ୨୪ କିମ୍ବା ୨୫ ତାରିଖ ବେଳକୁ ସ୍ପଷ୍ଟ ଆକଳନ କରାଯାଇପାରିବ।

ପାଣିପାଗ ବିଶେଷଜ୍ଞ ବିଶ୍ୱଜିତ ସାହୁ କହିଛନ୍ତି, ୨୩ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ସମ୍ଭାବ୍ୟ ଲଘୁଚାପ ୨୪ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆବପାତ ରୂପ ନେଇ ୨୬ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ। ବାତ୍ୟା ପାଇଁ ପାଗ ଅନୁକୂଳ ରହିଥିବା ବେଳକୁ ଆସନ୍ତା ୨୫ ତାରିଖ ବେଳକୁ ସ୍ପଷ୍ଟ ଆକଳନ କରାଯାଇ ପାରିବ। କିନ୍ତୁ, କେତେକ ମଡେଲର ପ୍ରାଥମିକ ଆକଳନ ସମ୍ଭାବ୍ୟ ସାମୁଦ୍ରିକ ଝଡ଼ ଉତ୍ତର ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରୁ କାକିନାଡ଼ କିମ୍ବା ଇଚ୍ଛାପୁରମ ମଧ୍ୟରେ କୌଣସିଠାରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି। ଯଦି କାକିନାଡ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଅତିକ୍ରମ କରେ, ତେବେ ଓଡ଼ିଶା ଉପରେ ବିଶେଷ ପ୍ରଭାବ ପଡ଼ିବା ସମ୍ଭାବନା କମ। ବିଶାଖାପାଟଣା ନିକଟବର୍ତ୍ତୀ ଅଞ୍ଚଳରେ ସ୍ଥଳଭାଗ ଅତିକ୍ରମ କଲେ, ଦକ୍ଷିଣ ଓଡ଼ିଶାର ଜିଲାଗୁଡ଼ିକରେ ବର୍ଷା ପବନ ବହିବାର ସମ୍ଭାବନା ରହିଛି। ଯଦି ଇଚ୍ଛାପୁରମ୍ ନିକଟବର୍ତ୍ତୀ କୌଣସିଠାରେ ସ୍ଥଳଭାଗକୁ ଛୁଇଁବ, ତେବେ ଦକ୍ଷିଣ ଓଡ଼ିଶା ସହିତ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ପବନ ବହିବାର ସମ୍ଭାବନା ରହିଛି।

## ସରକାର ପ୍ରସ୍ତୁତ

**ଭୁବନେଶ୍ୱର, ୨୨/୧୦ (ଆଦ୍ୟାଶା) :** ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାର ସଜାଗ ରହିଥିବା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସୁରେଶ ପୂଜାରୀ। ବାତ୍ୟା ସମ୍ପର୍କରେ ଏଯାଏଁ କୌଣସି ସ୍ପଷ୍ଟ ଅପଡେଟ୍ ମିଳିନଥିବାରୁ ଲୋକଙ୍କୁ ବିଚଳିତ ନହେବାକୁ ସେ ପରାମର୍ଶ ଦେଇଛନ୍ତି। ପାଣିପାଗର ସ୍ଥିତି ଉପରେ ସରକାର ନଜର ରଖିବା ସହ ଆବଶ୍ୟକ ପ୍ରସ୍ତୁତି ଜାରି ରଖିଥିବା ସେ କହିଛନ୍ତି।

ମନ୍ତ୍ରୀଙ୍କ କହିବା ଅନୁଯାୟୀ, ସମ୍ଭାବ୍ୟ ବାତ୍ୟାର ଗତିପଥ ଓ ଏହାର ପ୍ରଭାବକୁ ନେଇ ଏଯାଏଁ ସ୍ପଷ୍ଟ ଚିତ୍ର ମିଳିନାହିଁ। ଏଥିପାଇଁ ବିଭିନ୍ନ ୟୁରୋପୀୟ ପାଣିପାଗ ମଡେଲ୍‌ର ଆକଳନକୁ ଅନୁଧ୍ୟାନ କରାଯାଉଛି। ଏଥିସହ ଭାରତୀୟ ପାଣିପାଗ ବିଭାଗ ସହ ମଧ୍ୟ ରାଜ୍ୟ ସରକାର ନିୟମିତ ଯୋଗାଯୋଗରେ ରହିଛନ୍ତି। ଆସନ୍ତାକାଲି ସୁଦ୍ଧା ସମ୍ଭାବ୍ୟ ବାତ୍ୟାକୁ ନେଇ ଅଧିକ ସ୍ପଷ୍ଟ ସୂଚନା ମିଳିପାରେ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ବିଭାଗର ଆକଳନ ସ୍ପଷ୍ଟ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।



## ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର

# ଅନର କିଲିଂ ଅଭିଯୋଗ

**ଭୁବନେଶ୍ୱର, ୨୨/୧୦ (ଆଦ୍ୟାଶା) :** ନିଖୋଜର ୫ ଦିନ ପରେ ପ୍ରେମୀ ଯୁଗଳଙ୍କ ଗଳିତ ମୃତଦେହ ଆଜି ବେହେରା ସ୍ଥିତ ଭଣାର ଡଙ୍ଗରିରେ ଠାବ ହୋଇଛି। ମୃତକ ମାନେ କୋକସରା ଥାନା ଅନ୍ତର୍ଗତ ତେଣ୍ଡାପାଲି ଗ୍ରାମର ପ୍ରହ୍ଲାଦ ନାଏକଙ୍କ ପୁଅ ଅଜିତ କୁମାର ନାଏକ ଏବଂ ଧର୍ମଗଡ଼ କେନ୍ଦୁମୁଡ଼ି ପଡ଼ାର ପ୍ରିୟଦର୍ଶିନୀ ନାଏକ ବୋଲି ଜଣାପଡିଛି। ପୁଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଏହାକୁ କେନ୍ଦ୍ରକରି ଉଭୟ ପରିବାର ମଧ୍ୟରେ ତିକ୍ତତା ଦେଖାଦେଇଥିଲା। ତେବେ ଗତ ୧୭ ତାରିଖ ଦୁର୍ଗାପୂଜା ଦିନଠାରୁ ସେମାନେ ନିଖୋଜ ହୋଇଯାଇଥିଲେ। ଏନେଇ ଉଭୟ ପରିବାର ପକ୍ଷରୁ କୋକସରା ଓ ଧର୍ମଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଆଜି ସକାଳେ କିଛି ଲୋକ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଦୁଇଟି ମୃତଦେହ ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ଉଭୟଙ୍କ ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ମୃତଦେହ ରେ ରକ୍ତ ଛିଟା ଥିବା ଏବଂ ଉଭୟଙ୍କ ହାତ ପଛପଟେ ବନ୍ଧା ହୋଇଥିବା କୁହାଯାଉଥିବା ବେଳେ, ଅଜିତ୍ ଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏସଂକ୍ରାନ୍ତରେ ଜଣଙ୍କୁ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି। କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା ଘଟଣାସ୍ଥଳ ପରିଦର୍ଶନ କରିଫେରିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଯାଇଛି। ଧର୍ମଗଡ ଏସଡିପିଓ ଉର୍ଷିତା ଆଡେସ୍ସୁ ଙ୍କ ନେତୃତ୍ୱରେ ଧର୍ମଗଡ ଓ କୋକସରା ପୁଲିସ ମିଳିତ ଭାବେ ଘଟଣାର ତଦନ୍ତ କରୁଛନ୍ତି।

# ନାବାଳିକାଙ୍କ ପେଟରୁ ବାହାରିଲା ୨୦ କେଜି ଓଜନର ଟ୍ୟୁମର

**ମାଲକାନଗିରି, ୨୨/୧୦ (ଆଦ୍ୟାଶା) :** ଚିକିତ୍ସା କ୍ଷେତ୍ରରେ ବଡ଼ ସଫଳତା। ଇତିହାସ ରଚିଛି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ସଫଳ ଅସ୍ତ୍ରୋପଚାର ଦ୍ୱାରା ଜଣେ ୧୭ ବର୍ଷୀୟ ଝିଅ ପେଟରୁ ବାହାର କରାଯାଇଛି ୨୦ କେଜି ଓଜନର ବିଶାଳ ଟ୍ୟୁମର। ଡାକ୍ତର ସପନ କୁମାର ଦିଣ୍ଡାଙ୍କ ନେତୃତ୍ୱରେ ଏହି ବିରଳ ଅସ୍ତ୍ରୋପଚାର ସଫଳତାର ସହ ଶେଷ ହୋଇଛି। ଏବେ ନାବାଳିକା ଜଣଙ୍କ ସଂପୂର୍ଣ୍ଣ ସୁସ୍ଥ ରହିଥିବା ଜଣାପଡ଼ିଛି। ମାଲକାନଗିରି ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାର ବାଙ୍ଗାବାଡ଼ି ଗାଁର ତୁଳସୀ ଦୀର୍ଘଦିନ ଧରି ପେଟ ଯନ୍ତ୍ରଣାର ସାମ୍ନା କରୁଥିଲେ। ତାଙ୍କ ପେଟ ସବୁ ବେଳେ ଅସ୍ୱାଭାବିକ ଢଙ୍ଗରେ ଫୁଲି ରହୁଥିଲା। ଏଥିଯୋଗୁ ତାଙ୍କୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସାମ୍ନା କରିବାକୁ ପଡୁଥିଲା। ଏଥିପାଇଁ ସେ ବିଭିନ୍ନ ସ୍ଥାନରେ ଚିକିତ୍ସା କରିଥିଲେ। ତଥାପି କେହି ବି ଏହାର ଉପଚାର ତ ଦୂରର କଥା ପେଟ ଫୁଲିବା ସମସ୍ୟା ସମ୍ପର୍କରେ ମଧ୍ୟ ଜାଣି ପାରି ନଥିଲେ।

ସବୁଆଡୁ ନିରାଶ ହେବା ପରେ ତୁଳସୀଙ୍କୁ ଧରି ପରିବାର ଲୋକ ଶେଷରେ ମାଲକାନଗିରି ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚିଥିଲା। ସେଠାରେ ତାଙ୍କର ବିଭିନ୍ନ ଟେଷ୍ଟ ହୋଇଥିଲା। ଏହି ସମୟରେ ତାଙ୍କ ପେଟରେ ଥିବା ବିଶାଳ ଟ୍ୟୁମର ସମ୍ପର୍କରେ ଜାଣିବାକୁ ପାଇଥିଲେ ଡାକ୍ତର। ତେବେ ଟ୍ୟୁମରର ଆକାର ଅତ୍ୟନ୍ତ ବିଶାଳ ଥିବାରୁ ଏହାକୁ ବାହାର କରିବା ଡାକ୍ତରୀ ଟିମ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ତଥାପି ଡାକ୍ତର ସପନ କୁମାର ଦିଣ୍ଡା ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଥିଲେ। ଆଉ ଦୀର୍ଘ ଘଣ୍ଟାର ଅପରେସନ ପରେ ତୁଳସୀଙ୍କ ପେଟରୁ ଟ୍ୟୁମରକୁ ସଫଳତାର ସହ ବାହାର କରାଯାଇଛି। ଏହାର ଓଜନ ୨୦ କେଜି ହେବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଅସ୍ତ୍ରୋପଚାର ସଫଳ ହୋଇଥିବାରୁ ଏବେ ତୁଳସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି।

## ମୃତଦେହ ଉଦ୍ଧାର

# ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ



**ଭୁବନେଶ୍ୱର, ୨୨/୧୦ (ଆଦ୍ୟାଶା) :** ଶେଷରେ ୫ ଦିନ ହେଲା ନିଖୋଜ ଥିବା ନାବାଳିକାଙ୍କ ମୃତଦେହ ମିଳିଛି। ଜଙ୍ଗଲ ଭିତରୁ ନାବାଳିକାଙ୍କ ଗଳିତ ମୃତଦେହ ମିଳିବା ପରେ ପୂରା ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଆଶଙ୍କା କରିଛନ୍ତି ସ୍ଥାନୀୟ ଲୋକ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପ ଫାଣ୍ଡି ଅଧୀନ ବର୍ତ୍ତନା ଗ୍ରାମ ପଞ୍ଚାୟତର ଗୋଟିଏ ଜଙ୍ଗଲରୁ ଆଜି ନାବାଳିକାଙ୍କ ମୃତଦେହ ମିଳିବା ପରେ ଏପରି ଆଶଙ୍କା କରିଛନ୍ତି ଲୋକେ। ପୁଲିସ୍ ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛନ୍ତି। କିନ୍ତୁ ପୁଲିସ ଏ ସମ୍ପର୍କରେ କିଛି ବି କହି ନାହିଁ। ଏବେ ଘଟଣାର ତଦନ୍ତ ଚାଲିଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

ପରିବାର ଲୋକଙ୍କ କହିବା କଥା ଯେ ନାବାଳିକା ଜଣଙ୍କ ୫ ଦିନ ତଳେ ଘରେ ଥିଲେ। ସେ କୌଣସି କାମରେ ଘରୁ ବାହାରି ଥିବା ବେଳେ ଆଉ ଫେରି ନଥିଲେ। ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ସହ ପୁଲିସରେ ମଧ୍ୟ ଅଭିଯୋଗ କରିଥିଲେ। ୫ ଦିନ ହେଲା ପୁଲିସ୍ ଘଟଣାର ଯାଞ୍ଚ କରୁଥିବା ବେଳେ ଆଜି ବର୍ତ୍ତନା ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଜଙ୍ଗଲରୁ ନାବାଳିକାଙ୍କ ମୃତଦେହ ଠାବ ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କ ମୃତ୍ୟୁର ପ୍ରକୃତ କାରଣ ଓ ଘଟଣା ପଛରେ ଥିବା ସତ୍ୟାସତ୍ୟ ଏଯାଏ ସ୍ପଷ୍ଟ ହୋଇନାହିଁ। ତଥାପି ତାଙ୍କୁ ଦୁଷ୍କର୍ମ ପରେ ତାଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜଳେଶ୍ୱର ପୁଲିସ ବିଭିନ୍ନ ଦିଗକୁ ନଜରରେ ରଖି ତଦନ୍ତ ଚଳାଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

# ଡିଭାଇଡର୍‌ରେ ପିଟି ହୋଇ ଚାଲିଗଲା ଦୁଇ ଯୁବ ଆଥଲେଟ୍‌ଙ୍କ ଜୀବନ

**ଭୁବନେଶ୍ୱର, ୨୨/୧୦ (ଆଦ୍ୟାଶା) :** ବିଜୟା ଦଶମୀରେ ମାଆଙ୍କ ଦର୍ଶନ କରି ଖୁସିରେ ହଷ୍ଟେଲକୁ ଫେରୁଥିଲେ ଦୁଇ ଯୁବ ଆଥଲେଟ୍। ହେଲେ ଅଧ ବାଟରେ ସତେ ଯେମିତି ଛକି ବସିଥିଲା ମୃତ୍ୟୁ। ବୁଧବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଦୁଇ ପ୍ରତିଭାବାନ ଆଥଲେଟଙ୍କ ଜୀବନର ଦୀପ ଲିଭି ଯାଇଛି। କଟକ-ଭୁବନେଶ୍ୱର ଜାତୀୟ ରାଜପଥର ନଖରା ସ୍ଥିତ ଗୋଟିଏ କାର ଶୋ'ରୁମ୍ ସାମ୍ନାରେ ଘଟିଛି ଅଘଟଣ। ଦର୍ଶନ ସାରି ଫେରୁଥିବା ଦୁଇ ଆଥଲେଟଙ୍କ ବାଇକ୍ ? ଭାରସାମ୍ୟ ହରାଇ ଡିଭାଇଡରର ପିଟି ହୋଇଯାଇଥିଲା। ତୁରନ୍ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ କଟକ ସ୍ଥିତ ଏସସିବି ମେଡିକାଲକୁ ନିଆଯାଇଥିଲା। କିନ୍ତୁ ହସ୍ପିଟାଲରେ ପହଞ୍ଚିଲା ବେଳକୁ ୨ ଆଥେଲେଟଙ୍କ ଜୀବନ ଚାଲିଯାଇଥିଲା। ମୃତକ ହେଲେ ଜୟରାମ ଦଣ୍ଡପତି ଓ ମଳୟ ବାରିକ। ଏହି ଦୁଇ ଆଥଲେଟ୍ ଭୁବନେଶ୍ୱରର ଉଭୟେ କଳିଙ୍ଗ ଷ୍ଟାଡିୟମରେ ଥିବା ରିଲିଆନ୍ସ ହାଇ ପାରଫର୍ମାନ୍ସ ସେଣ୍ଟରେ ରହି ପ୍ରଶିକ୍ଷଣ ନେଉଥିଲେ। ହଷ୍ଟେଲରେ ରହୁଥିବା ଜୟରାମ ଓ ମଳୟ ଦୁର୍ଗାପୂଜା ପାଇଁ ମା'ଙ୍କ ଦର୍ଶନ କରିବାକୁ ବାହାରିଥିଲେ। ସମ୍ଭବତଃ ଉଭୟ କଟକ ଯାଇଥିଲେ। କଟକରୁ ଫେରିବା ସମୟରେ ଉଭୟ ନଖରା ସ୍ଥିତ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।



ଜୟରାମ ଆନ୍ଧ୍ରପ୍ରଦେଶର କାକିନାଡ଼ାର ବାସିନ୍ଦା ହୋଇଥିଲେ ହେଁ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ରହି ନିଜ କ୍ରୀଡ଼ା ଜୀବନକୁ ଆଗକୁ ବଢ଼ାଉଥିଲେ। କିନ୍ତୁ ଆଜି ସେହି ଦ୍ରୁତଗାମୀ ପାଦ ଚିରଦିନ ପାଇଁ ଥମିଯାଇଛି। ସେହିପରି ମଳୟ ବାରିକ ହେଉଛନ୍ତି ବରଗଡ଼ ଜିଲ୍ଲା ଅତାବିରା ବାସିନ୍ଦା। ଏହି ଯୁବ ଆଥଲେଟ୍ ଜଣକ ୪୦୦ ମିଟର ଦୌଡ଼ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଛନ୍ତି। ତାଙ୍କ ପାଖରେ ଥିବା ଦକ୍ଷତା ତାଙ୍କୁ ଭବିଷ୍ୟତର ଜଣେ ତାରକା ଭାବେ ସଜାଇଥିଲା। ଭାରତ ତଥା ଓଡ଼ିଶା ତାଙ୍କ ଠାରୁ ଅନେକ କିଛି ଆଶା କରିଥିଲା। ହେଲେ ମଳୟ ଓ ଜୟରାମ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ଉଭୟଙ୍କ ମୃତ୍ୟୁ ଓଡ଼ିଶାର କ୍ରୀଡ଼ା ଜଗତ ପାଇଁ ଗୋଟିଏ ଅପୂରଣୀୟ କ୍ଷତି। ଦୁଇ ଆଥଲେଟଙ୍କ ଦୁଃଖଦ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଭସାଣରେ ଭୁବନେଶ୍ୱରର ଟ୍ରାଫିକ୍ କଟକଣା

**ଭୁବନେଶ୍ୱର, ୨୨/୧୦ (ଆଦ୍ୟାଶା) :** ଦୁର୍ଗାପୂଜା ଭସାଣ ଉତ୍ସବକୁ ଦୃଷ୍ଟିରେ ରଖି ରାଜଧାନୀରେ ଟ୍ରାଫିକ୍ କଟକଣା ଜାରି କରିଛି କମିଶନରେଟ୍ ପୁଲିସ। ଭସାଣ ଶୋଭାଯାତ୍ରା ସମୟରେ ଟ୍ରାଫିକ୍‌କୁ ସୁବ୍ୟବସ୍ଥିତ କରିବା ଏବଂ ଜନସାଧାରଣଙ୍କ ଯାତାୟାତକୁ ସୁଗମ କରିବା ପାଇଁ ଏହି କଟକଣା ଲାଗୁ କରାଯାଇଛି। ରାତି ପ୍ରାୟ ଗୋଟାଏ ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ।



ସହିଦନଗର ଓ ନୟାପଲ୍ଲୀ ଭସାଣ କମିଟିର ଶୋଭାଯାତ୍ରାକୁ ନଜରରେ ରଖି ବିଭିନ୍ନ ରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଏଥିସହ ଗାଡ଼ି ଚାଳକଙ୍କ ପାଇଁ ବିକଳ୍ପ ରୁଟ୍ ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ସହିଦନଗର ଭସାଣ କମିଟିର ଶୋଭାଯାତ୍ରା ସମୟରେ ଜନପଥରେ ଗାଡ଼ି ଚଳାଚଳ ବନ୍ଦ ରହିବ। ଏହି ସମୟରେ ଜନପଥ ବଦଳରେ ସଚିବାଳୟ ମାର୍ଗ ଏବଂ ଏହାର ସଂଲଗ୍ନ ରାସ୍ତା ଦେଇ ଯାତାୟାତ କରିବାକୁ ପଡ଼ିବ। ସେହିପରି ନୟାପଲ୍ଲୀ ଭସାଣ କମିଟିର ଶୋଭାଯାତ୍ରା ଚାଲିଥିବା ସମୟରେ ଏକାମ୍ର ରାସ୍ତା ଦେଇ ଯାନବାହନ ଚଳାଚଳ କରିବ। ଏହାଦ୍ୱାରା ଭସାଣ ଶୋଭାଯାତ୍ରା ଅଞ୍ଚଳରେ ଟ୍ରାଫିକ୍ ଚାପ ହ୍ରାସ କରିବାକୁ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସିଆର୍‌ପି ଛକରୁ ଜୟଦେବ ବିହାର ଆଡ଼କୁ ଯିବାକୁ ଚାହୁଁଥିବା ଗାଡ଼ି ଚାଳକମାନେ ଏକାମ୍ର ରାସ୍ତା ଦେଇ ଯାତାୟାତ କରିବେ। ଅନ୍ୟପଟେ ନନ୍ଦନକାନନ ଛକ ଦିଗରୁ ଜୟଦେବ ବିହାର ଆଡ଼କୁ ଆସୁଥିବା ଯାନବାହନ କିଟ୍ ରାସ୍ତା କିମ୍ବା କଳାରାହାଙ୍ଗ ଛକରେ ଥିବା ସଂଲଗ୍ନ ରାସ୍ତା ଦେଇ ଯାଇପାରିବେ। ଏହି ବିକଳ୍ପ ରାସ୍ତାଗୁଡ଼ିକୁ ବ୍ୟବହାର କରି ଗାଡ଼ି ଚାଳକମାନେ ଭସାଣ ଶୋଭାଯାତ୍ରା ଯୋଗୁଁ ହେବାକୁ ଥିବା ଟ୍ରାଫିକ୍ ଭିଡ଼କୁ ଏଡ଼ାଇ ପାରିବେ। ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ଭାରୀଯାନ ଓ ବସ୍‌ଗୁଡ଼ିକ ସର୍ଭିସ୍ ରୋଡ୍ ଦେଇ ଯାତାୟାତ କରିପାରିବେ ନାହିଁ। ଏହି ଯାନଗୁଡ଼ିକ କେବଳ ଜାତୀୟ ରାଜପଥ ଦେଇ ଯାତାୟାତ କରିପାରିବେ ବୋଲି ନିୟମ ରହିଛି। ତେଣୁ ଭସାଣ ଉତ୍ସବ ସମୟରେ ରାଜଧାନୀରେ ଯାତାୟାତ କରିବାକୁ ଥିବା ଲୋକେ ଟ୍ରାଫିକ୍ କଟକଣା ସମ୍ପର୍କରେ ଅବଗତ ହୋଇ ବିକଳ୍ପ ରାସ୍ତା ବ୍ୟବହାର କରିବା ସହ ନିର୍ଦ୍ଦେଶାବଳୀ ମାନିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଚାଲିବ ବାଦାମପାହାଡ଼-ପୁରୀ ସ୍ୱତନ୍ତ୍ର ଟ୍ରେନ୍

**ରାଇରଙ୍ଗପୁର, ୨୨/୧୦ (ଆଦ୍ୟାଶା) :** ମୟୂରଭଞ୍ଜ ଜିଲା ତଥା ବିଶେଷକରି ଉପାନ୍ତ ବାମନଘାଟି ଉପଖଣ୍ଡବାସୀଙ୍କୁ ରେଳ ମନ୍ତ୍ରଣାଳୟ ପୂଜା ଭେଟି ଦେଇଛି। ବାଦାମପାହାଡ଼ଠାରୁ ରାଇରଙ୍ଗପୁର ଦେଇ ପୁରୀକୁ ସ୍ୱତନ୍ତ୍ର ଏକ୍ସପ୍ରେସ ଟ୍ରେନ୍ ଗଡ଼ିବ ବୋଲି ନିଷ୍ପତ୍ତି ନିଆଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିରନ୍ତର ପ୍ରୟାସ ଯୋଗୁଁ ଦୀର୍ଘ ଦିନର ଏହି ଦାବି ପୂରଣ ହେବାକୁ ଯାଉଛି। ଗତ ଦୁଇବର୍ଷ ହେବ, କେବଳ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସମୟରେ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରାଯାଇଥିଲା। ଏବେ ବାଦାମପାହାଡ଼ଠାରୁ ପୁରୀ ଯାଏ ଦୈନିକ ଏକ୍ସପ୍ରେସ୍ ଟ୍ରେନ୍ ଚାଲିବ। ଏହାଦ୍ୱାରା ରାଜ୍ୟ ରାଜଧାନୀ ଭୁବନେଶ୍ୱର ଦେଇ ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମ ପୁରୀକୁ ଯାତ୍ରା କରିବା ମୟୂରଭଞ୍ଜବାସୀଙ୍କ ପାଇଁ ସୁବିଧାଜନକ ହେବ। ଏହି ରେଳ ସେବା ଛାତ୍ରଛାତ୍ରୀ, ଚାକିରିଆ, ବ୍ୟବସାୟୀ, ସ୍ୱାସ୍ଥ୍ୟ ସେବା, ତୀର୍ଥଯାତ୍ରୀ ଓ ସାଧାରଣ ଯାତ୍ରୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଏଥିସହ ଅଞ୍ଚଳର ପର୍ଯ୍ୟଟନ, ବାଣିଜ୍ୟ ଓ ଆର୍ଥିକ ବିକାଶକୁ ମଧ୍ୟ ନୂତନ ଦିଗ ମିଳିବ ବୋଲି ଆଶା କରାଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗର ଦ୍ୱାରା ଖଣିବହୁଳ ବାଦାମପାହାଡ଼, ରାଇରଙ୍ଗପୁର, ମୟୂରଭଞ୍ଜବାସୀଙ୍କ ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରେଳ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ରେଳ ଚଳାଚଳ ନେଇ ରେଳବାଇ ପକ୍ଷରୁ ସମୟ ସାରଣୀ ଜାରି କରାଯାଇଛି।

Adyasha masthead

PRGI No. ORORI/25/A0506 | Daily Edition | Email : adyashalive@gmail.com

BHUBANESWAR | Vol. 02 | Issue 12 | ଶୁକ୍ରବାର, ୨୩ ଅକ୍ଟୋବର ୨୦୨୬ | ପୃଷ୍ଠା ୦୩ | Rs. 7

ଆଜିର ପ୍ରମୁଖ

## ସଭାପତି ଭାବେ ଆଚାର୍ଯ୍ୟ ବିଶ୍ୱରଞ୍ଜନ ଓ ସାଧାରଣ ସମ୍ପାଦକ ଭାବେ ଗୋପାଳ ଚନ୍ଦ୍ର ବିଶ୍ୱାଳନିର୍ବାଚିତ



ନୟାଗଡ଼:(ଆଦ୍ୟାଶା):୨୧/୧୦:ଓଡ଼ିଶା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ (ଓୟୁଜେ) ନୟାଗଡ଼ ଜିଲ୍ଲା ଶାଖାର ସାଙ୍ଗଠନିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଓୟୁଜେର ନିର୍ଦ୍ଦେଶକ୍ରମେ ଚଳିତ ଅକ୍ଟୋବର ୩୦ ତାରିଖ ପୂର୍ବରୁ ସମସ୍ତ ଜିଲ୍ଲାରେ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ଥିବା ନିୟମ ଅନୁଯାୟୀ, ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ଏହି ନିର୍ବାଚନୀ ପ୍ରକ୍ରିୟା ଅତ୍ୟନ୍ତ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ବରିଷ୍ଠ ସାମ୍ବାଦିକ ସଞ୍ଜୟ ସ୍ୱାଇଁଙ୍କ ଆବାହକତ୍ୱରେ ଆୟୋଜିତ ଏହି ସାଙ୍ଗଠନିକ ବୈଠକରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ସାମ୍ବାଦିକମାନେ ଯୋଗଦେଇ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଆଗାମୀ ଦୁଇ ବର୍ଷ ପାଇଁ ନୂତନ ଜିଲ୍ଲା କର୍ମକର୍ତ୍ତା ଚୟନ କରାଯାଇ ସେମାନଙ୍କୁ ସାଙ୍ଗଠନିକ ଦାୟିତ୍ୱ ଅର୍ପଣ କରାଯାଇଛି ଏହି ନୂତନ କମିଟିରେ ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ସ୍ୱାଇଁ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଆଲୋକ ସେନାପତିଙ୍କୁ ଚୟନ କରାଯାଇଛି। ସେହିପରି ସଭାପତି ଭାବେ ଆଚାର୍ଯ୍ୟ ବିଶ୍ୱରଞ୍ଜନ ଏବଂ ସାଧାରଣ ସମ୍ପାଦକ ଭାବେ ଗୋପାଳ ଚନ୍ଦ୍ର ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି। ସଂଗଠନର ଅନ୍ୟାନ୍ୟ ପ୍ରମୁଖ ପଦପଦବୀ ମଧ୍ୟରେ ଉପ-ସଭାପତି ଭାବେ ପ୍ରଶାନ୍ତ ନାୟକ ଓ ବିରଞ୍ଚି ନାୟକ, ସମ୍ପାଦକ ଭାବେ ସୁକାନ୍ତ ପଟ୍ଟନାୟକ ଓ କ୍ଷୀରୋଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ଦିନମଣୀ ମହାନ୍ତି ଏବଂ ମିଡ଼ିଆ ସଂଯୋଜକ ଭାବେ ମଳୟ କୁମାର ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହା ସହିତ ସାଙ୍ଗଠନିକ ସମ୍ପାଦକ ଭାବେ ବ୍ରଜ ରଣସିଂହ, ରମେଶ ପ୍ରଧାନ, ଲିଜାରାଣୀ କର, ଦୀପକ ନାୟକ ଓ ଅମରେନ୍ଦ୍ର ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ନିର୍ବାଚନ ପରେ କମିଟିର ସମସ୍ତ ନବନିର୍ବାଚିତ ସଦସ୍ୟ ନୟାଗଡ଼ ଜିଲ୍ଲାରେ ଓୟୁଜେ ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ସାମ୍ବାଦିକମାନଙ୍କ ସ୍ୱାର୍ଥ ରକ୍ଷା ଏବଂ ସାମାଜିକ ଅନେକ ପ୍ରସଙ୍ଗରେ ସଂଗଠନ ଆଗାମୀ ଦିନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ମତପ୍ରକାଶ ପାଇଛି। ଏହା ସହିତ ଆଗାମୀ ଦିନରେ ଓୟୁଜେରେ ସାମିଲ ହେବାକୁ ଇଚ୍ଛୁକ ଥିବା ଅନ୍ୟ ସାମ୍ବାଦିକ ବନ୍ଧୁମାନଙ୍କୁ ସଂଗଠନକୁ ସ୍ୱାଗତ କରିବା ପାଇଁ ମଧ ଏହି ଅବସରରେ ବ୍ୟାପକ ଆଲୋଚନା କରାଯାଇଥିଲା । ( ନୟାଗଡ ରୁ ଜିଲ୍ଲା ପ୍ରତିନିଧି ଦୀପକ ନାୟକ

## ଆଞ୍ଚଳିକ ଆଦିବାସୀ କନ୍ଧ ସମାଜ, ସରମଣ୍ଡା ବରଗୋଛା ସଗଡ଼ାର ବାର୍ଷିକ ସଭାଅନୁଷ୍ଠିତ

କଣ୍ଡାମାଳ:(ଆଦ୍ୟାଶା:୨୦/୧୦):କଣ୍ଡାମାଳ ବ୍ଲକ୍ ଅନ୍ତର୍ଗତ ଦେହୁରିପାଳି ଠାରେ 'ଆଞ୍ଚଳିକ ଆଦିବାସୀ କନ୍ଧ ସମାଜ'ର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ଇଷ୍ଟଦେବୀଙ୍କ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ।ସଭାପତି: ଅଭିମନ୍ୟୁ ନାୟକସମ୍ପାଦକ: ସୁରଥ ଦେହୁରୀବରିଷ୍ଠ ମାର୍ଗଦର୍ଶକ: ସୁଦାମ ମାଝୀ ଓ ଉଦେନାଥ ଦେହେରୀଆଉପଦେଷ୍ଟା: କମ୍ବୁପାଣି ଜାନୀମୁଖ୍ୟ ଅତିଥି: ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ଡମ୍ବରୁଧର କହଁରଏହି ବୈଠକରେ ଅଞ୍ଚଳର ଶତାଧିକ ପୁରୁଷ, ମହିଳା ଓ କନ୍ଧ ସମାଜର ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ । ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ: ମୁଖ୍ୟ ଅତିଥି ଶ୍ରୀ ଡମ୍ବରୁଧର କହଁର ଅଞ୍ଚଳକୁ ସମ୍ପୂର୍ଣ୍ଣ 'ନିଶାମୁକ୍ତ' କରିବା ପାଇଁ ଉଦ୍‌ବୋଧନ ଦେବା ସହ ଅଞ୍ଚଳର ବିକାଶ ଉଦ୍ଦେଶ୍ୟରେ ବିଭିନ୍ନ ଦେବଦେବୀଙ୍କ ପୀଠ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶିକ୍ଷା ଓ କୃଷି: ଉପଦେଷ୍ଟା ଶ୍ରୀ କମ୍ବୁପାଣି ଜାନୀ ଶିକ୍ଷାର ମୂଲ୍ୟବୋଧ, ସଚେତନତା ଏବଂ କୃଷିର ଉନ୍ନତି ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ସଂଗଠନ ଓ ସମୀକ୍ଷା: ସମ୍ପାଦକ ଶ୍ରୀ ସୁରଥ ଦେହୁରୀ



## ରେଶମ ରେ ଦାଣ୍ଡ ପୂଜା ଅନୁଷ୍ଠିତ



ଭେଡେନ:(ଆଦ୍ୟାଶ ଲାଇଭ୍): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଅନ୍ତର୍ଗତ ରେଶମ ଗ୍ରାମରେ ପାରମ୍ପରିକ ରୀତିନୀତି ଏବଂ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରଦ୍ଧାର ସହ ଦାଣ୍ଡ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା ଉପଲକ୍ଷେ ସକାଳୁ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମର ମହିଳା ଓ ଭକ୍ତମାନଙ୍କ ଦ୍ୱାରା ନଦୀରୁ ଜଳ ଆଣି ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାର କରାଯାଇଥିଲା। ଏହାପରେ ପାରମ୍ପରିକ ବିଧି ଅନୁସାରେ ଖଣ୍ଡା ଧୂଆ ନୀତି ସମ୍ପନ୍ନ କରାଯାଇ ମହାଦେବଙ୍କୁ ବରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଗ୍ରାମସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଦାଣ୍ଡରେ ମୁଖ୍ୟ ଦାଣ୍ଡ ପୂଜାର ଶୁଭାରମ୍ଭ ହୋଇଥିଲା।ଶିବ-ପାର୍ବତୀଙ୍କ ନିକଟରେ ଗ୍ରାମର ସୁଖ, ଶାନ୍ତି, ସମୃଦ୍ଧି ଏବଂ ସମସ୍ତଙ୍କ କଲ୍ୟାଣ କାମନା କରି ଏହି ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମର ଅସଂଖ୍ୟ ଶ୍ରଦ୍ଧାଳୁ ମନ୍ଦିର ପ୍ରାଙ୍ଗଣରେ ଏକାଠି ହୋଇ ପୂଜାର୍ଚ୍ଚନାରେ ଭାଗ ନେବା ସହ ପ୍ରସାଦ ସେବନ କରିଥିଲେ।ଏହି ସାଂସ୍କୃତିକ ଓ ପାରମ୍ପରିକ ପୂଜା ମହୋତ୍ସବକୁ ସଫଳତାପୂର୍ବକ ସମ୍ପାଦନ କରିବାରେ ଗ୍ରାମର ପ୍ରମୁଖ ବ୍ୟକ୍ତିବିଶେଷ— ରମେଶ ପ୍ରଧାନ, ନେପାଲ ବେହେରା, ବିଶିକେଶନ ପ୍ରଧାନ, ବିକ୍ରମ ସେଠ୍, ପ୍ରେମାରଜ୍ ମଲ୍ଲିକ, ଉପିନ୍ଦ୍ର ବରିହା, ମନ ମଲ୍ଲିକ, ପ୍ରସାଡ଼ି ଯୁଆଡି, ସର୍ଜନ ବଗର୍ତ୍ତି, ରାମଜୀ ପ୍ରଧାନ, କୁଶ ମଲ୍ଲିକ, ଠିକାଦାର ମଲ୍ଲିକ, ନିଲ ମାଝି, ଜଳକର ରଣା, ପ୍ରଦୀପ ବଗର୍ତ୍ତୀଙ୍କ ସମେତ ରେଶମ ଗ୍ରାମବାସୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ।

# ଜାମଗାଁ ଦୁର୍ଗାପୂଜା ଉପଲକ୍ଷେ ଚାଲିଥିବା ରାବଣ ଦରବାର



ବଲାଙ୍ଗୀର:(ଆଦ୍ୟାଶ ଲାଇଭ୍):ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ୍ ଅନ୍ତର୍ଗତ ଜାମଗାଁ ଠାରେ ଜାମଗାଁ ଦୁର୍ଗାପୂଜା କମିଟି ପକ୍ଷରୁ ଚାରି ଦିନବ୍ୟାପୀ ପବିତ୍ର ରାବଣ ଦରବାର କାର୍ଯ୍ୟକ୍ରମ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୭ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ସାଂସ୍କୃତିକ ମହୋତ୍ସବ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ଓ ଉତ୍ସବମୁଖର ପରିବେଶ ସୃଷ୍ଟି କରିଥିଲା। ଏହିପରି ମହାନ ସାଂସ୍କୃତିକ ଆୟୋଜନ ଆମର ପ୍ରାଚୀନ ଧାର୍ମିକ ପରମ୍ପରା, ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ଉଜ୍ଜୀବିତ କରି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ସହିତ ସମାଜରେ ମଧ୍ୟରେ ଏକତା, ସଦ୍‌ଭାବନା ଏବଂ ଭାଇଚାରାର ଅନୁପମ ବାର୍ତ୍ତା ପ୍ରସାରିତ କରିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମର ଉଦ୍‌ଯାପନୀ ତଥା ବିଭିନ୍ନ ଅଧିବେଶନରେ ମାନ୍ୟବର ଶିକ୍ଷକ ତଥା କବି ରାଜକିଶୋର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସେହିପରି ସମାଜସେବୀ ସତ୍ୟନାରାୟଣ ହୋତା ଏବଂ ଯୁବ ସମାଜସେବୀ ତଥା ଓବିସି ମୋର୍ଚ୍ଚା ମଣ୍ଡଳ ସଭାପତି ପ୍ରବୀଣ କୁମାର ପାତ୍ର ସମ୍ମାନିତ ଅତିଥି ଭାବରେ ମଞ୍ଚାଧିକାର କରିଥିଲେ। ଅତିଥିମାନେ କମିଟିର ଏଭଳି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ।ଏହି ନାଟ୍ୟାନୁଷ୍ଠାନରେ ବରଗଡ଼ ଜିଲ୍ଲା ପଦ୍ମପୁର ଅନ୍ତର୍ଗତ ଦହିତା ଗ୍ରାମର ପ୍ରଖ୍ୟାତ କଳାକାର ସୁମନ୍ତ ମେହେର ମହାରାଜ ରାବଣ ଭୂମିକାରେ ଅବତୀର୍ଣ୍ଣ ହୋଇ ନିଜର ଚମତ୍କାର ଅଭିନୟ ପ୍ରଦର୍ଶନ କରିଥିଲେ। ତାଙ୍କ ସହିତ ତାଙ୍କର ସମଗ୍ର ନାଟ୍ୟ ଦଳର କଳାକାରମାନେ ମଧ୍ୟ ନିଜର ମନୋଜ୍ଞ ଅଭିନୟ ଦ୍ୱାରା ଦର୍ଶକଙ୍କୁ ମନମୋହିଥିଲେ। ସେହିପରି ମଞ୍ଚ ପରିଚାଳନା କାର୍ଯ୍ୟରେ ବୀରେନ୍ଦ୍ର ପାଣ୍ଡେ ସକ୍ରିୟ ସହଯୋଗ କରିଥିଲେ।ଏହି ସାଂସ୍କୃତିକ ମହୋତ୍ସବକୁ ସଫଳ କରିବାରେ ଜାମଗାଁ ଦୁର୍ଗାପୂଜା କମିଟିର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କମିଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଶାନ୍ତ ଡାଙ୍ଗ, ପ୍ରଭଞ୍ଜନ ବେହେରା, ସଭାପତି ପରମେଶ୍ୱର ପାତ୍ର, ସମ୍ପାଦକ ଲଖମନ ଡାଙ୍ଗ, କୋଷାଧ୍ୟକ୍ଷ ଅପୂର୍ବ ରଞ୍ଜନ ସେଠ୍, ଟୁନା ପାତ୍ର, କୀର୍ତ୍ତନ୍ୟ ମଲ୍ଲିକ, ଶ୍ରୀମନ୍ତ ମହାକୁର, ସୁରଜ ନାଏକ, ସୁଜନ ନାଏକ, ବିଜୟ ପାତ୍ର, ପ୍ରଦୀପ ଡାଙ୍ଗ, ବବୁଲୁ ବେହେରା, ସୁଜିତ ଡାଙ୍ଗ ପ୍ରମୁଖ ସମସ୍ତ ସଦସ୍ୟ ଏବଂ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ସମ୍ପୂର୍ଣ୍ଣ ପରିଚାଳନାରେ ସହଯୋଗ କରିଥିଲେ। ଏଭଳି ଏକ ଉଚ୍ଚକୋଟୀର ଧାର୍ମିକ ତଥା ସାଂସ୍କୃତିକ ଉତ୍ସବର ଆୟୋଜନ କରିଥିବାରୁ ଆୟୋଜକମାନଙ୍କୁ ସର୍ବସାଧାରଣରେ ପ୍ରଶଂସା କରାଯାଇଛି, ଯାହାକି ସ୍ଥାନୀୟ ଅଞ୍ଚଳ ପାଇଁ ଏକ ବଡ଼ ଅବଦାନ ଅଟେ।

ଜିଲ୍ଲାରୁ ସିଧା ରିପୋର୍ଟ

# କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀପୂଜା କମିଟିର ପ୍ରସ୍ତୁତି ବୈଠକ

ତାଳଚେର:୨୨/୧୦-ଆଦ୍ୟାଶା-ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୋଳମଣ୍ଡପ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀ ପୂଜା କମିଟିର ସଭାପତି ଗଗନ ବିହାରୀ ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ଗ୍ରାମର ୧୫ଟି ପୂଜା ମଣ୍ଡପର ସଭାପତି, ସଂପାଦକ, ଶାନ୍ତି କମିଟିର ସଦସ୍ୟମାନଙ୍କ ସହ ଗ୍ରାମର ବୟସ୍କ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାକୁ ଅଧିକ ଆକର୍ଷଣୀୟ ଢଙ୍ଗରେ ତଥା ଶାନ୍ତି ଶୃଙ୍ଖଳା ସହ ସୁଚାରୁ ରୂପେ ସଂପନ୍ନ କରାଯିବା ନେଇ ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା । ନିଷ୍ପତି ମୁତାବକ ଚଳିତ ଅକ୍ଟୋବର ମାସ ୨୫ ତାରିଖ ଠାରୁ ଦୀର୍ଘ ଦଶ ଦିନ ବ୍ୟାପି ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବ ଏବଂ ନଭେମ୍ବର ୪ ତାରିଖ ବୁଧବାର ଦିନ ଭସାଣି ଉତ୍ସବ ସଂପନ୍ନ ହେବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା । ଏତଦ୍‌ବ୍ୟତୀତ କଳମଛୁଇଁ ଦେଉଳଛକ ମେଲଣପଡିଆ ଠାରେ ସମସ୍ତ ପୂଜା ମେଢ ଦିନ ଘ୯.୩୦ମି ମଧ୍ୟରେ ପ୍ରବେଶ କରିବା ସହ ଦିନ ୧୦ଟା ସୁଦ୍ଧା ପଡ଼ିଆରୁ ବିଦାୟ ନେବା ପାଇଁ ସମସ୍ତ କର୍ମକର୍ତ୍ତା ଏକମତ ହୋଇଥିଲେ । ଏହି ଅବସରରେ ଲକ୍ଷ୍ମୀପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା।କୁ ଗୋପାଳପ୍ରସାଦ ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ରୀୟ ଲକ୍ଷ୍ମୀପୂଜା କମିଟିର ସଭାପତି ଗଗନ ବିହାରୀ ସାହୁ, ସଂପାଦକ ହରେଶ ଚନ୍ଦ୍ର ପ୍ରଧାନ, ତାଳଚେର ଏସଡ଼ିପିଓ ଭରତ ଚନ୍ଦ୍ର ସାହୁ, ଗୋପାଳପ୍ରସାଦ ଥାନା ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ସମସ୍ତ ପୂଜା କମିଟିର ସଭାପତି ଓ ସଂପାଦକ ଉପସ୍ଥିତ ଥିଲେ । ସମସ୍ତ ପୂଜାକମିଟିର ସଦସ୍ୟମାନେ ଭସାଣୀ ଉତ୍ସବ, ଆଞ୍ଚାଲଡୁ ନିଲାମ ସମେତ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ସମ୍ମତି ପ୍ରକାଶ କରିଥିଲେ ।



## ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ହେଉଛି ରାବଣ ପୋଡ଼ି ସାଉଥ୍ ବଲଣ୍ଡାରେ ରାବଣ ପୋଡ଼ି ମହୋତ୍ସବ



ତାଳଚେର:୨୨/୧୦-ଆଦ୍ୟାଶା:ପବିତ୍ର ବିଜୟା ଦଶମୀ ପାଳନ ଅବସରରେ ତାଳଚେର ବ୍ଲକ ସାଉଥ୍ ବଲଣ୍ଡା ଶିବ ମନ୍ଦିର ପଡିଆ ପରିସରରେ ୧୫ତମ ରାବଣ ପୋଡ଼ି ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ରାବଣ ପୋଡ଼ି ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ବିଜେପି ଉପସଭାପତି ସମାଜସେବୀ ରାଜେନ୍ଦ୍ର କୁମାର ସିଂହ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ପୂର୍ବତନ କେନ୍ଦ୍ର ଶିକ୍ଷା ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ତଥା ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ମୃଦୁଳା ଠାକୁର ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସେ ନିଜ ଅଭିଭାଷଣରେ ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଓ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ହେଉଛି ରାବଣ ପୋଡ଼ି ବୋଲି ସେ କହିଥିଲେ । ସମ୍ମାନୀତ ଅତିଥି ଭାବରେ ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ତାଳଚେର ନଗରପାଳ ପବିତ୍ର ଭୂତିଆ, ଏମ୍‌ସିଏଲ୍ ଜହନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଅଜୟ ସିଂହ, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏସ.ଭି.ଜୋଷୀ, ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଏ.କେ.ଦାସ ଙ୍କ ସମେତ ତାଳଚେରରେ ଥିବା ସମସ୍ତ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଓ ପ୍ରକଳ୍ପ ଅଧିକାରୀ ମଞ୍ଚାସୀନ ହୋଇଥିଲେ । ଅନ୍ୟତମ ଅତିଥି ଭାବରେ ତାଳଚେର କୋଇଲା ଖଣି ମଜଦୁର୍ ସଂଘର ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ସାଧାରଣ ସଂପାଦକ ବୀରେନ୍ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉତ୍ସବ ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପୋଲିସ, ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀମତୀ ଠାକୁର ଏକ ୩୫ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳକାୟ ରାବଣର ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରି ରାବଣଦହନ କରିଥିଲେ । ନାନା ରକମର ବାଣ ଓ ରଙ୍ଗୀନ ଆତସବାଜି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା । ତାଳଚେର କୋଇଲା ଖଣି ମଜଦୁର୍ ସଂଘର କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରାବଣପୋଡ଼ି ଅନୁଷ୍ଠାନର ସଂଯୋଜକ ସଞ୍ଜୀବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ତାଳଚେର କୋଇଲା ଖଣି ମଜଦୁର୍ ସଂଘର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ରାବଣପୋଡ଼ି ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

## ଶ୍ୱେତପଦ୍ମା ଶାରଦୀୟ ବିଶେଷାଙ୍କର ଲୋକାର୍ପଣ ସମାରୋହ

ତାଳଚେର:୧୮/୧୦-ଆଦ୍ୟାଶା-ସାଉଥ ବଲଣ୍ଡା, ସ୍ଥାନୀୟ ମା' ଦୁର୍ଗାଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ନବରାତ୍ରିର ପାବନ ସପ୍ତମୀ ତିଥି ଶୁଭଲଗ୍ନରେ "ସ୍ୱପ୍ନର ଭାସ୍ୱତୀ ଶ୍ୱେତପଦ୍ମା"ର ଷଷ୍ଠ ବାର୍ଷିକ ଶାରଦୀୟ ବିଶେଷାଙ୍କ ମା'ଙ୍କ ଚରଣାବିନ୍ଦରେ ସମର୍ପିତ ହେବା ସହ ଲୋକାର୍ପଣ ହୋଇଅଛି । ସଂପାଦିକା ଅନୀତାପାଣିଙ୍କ ସଂପାଦନାରେ ପ୍ରକାଶିତ ଏହି ପତ୍ରିକା ସଂପ୍ରତି ଓଡିଆ ପତ୍ରପତ୍ରିକା ମଧ୍ୟରେ ଏକ ସମ୍ମାନୀୟ ସ୍ଥାନ ହାସଲ କରିଛି । ଓଡିଶାର ବିଶିଷ୍ଟ କବି କବୟିତୀ, ପ୍ରାବନ୍ଧିକ, ଗାଳ୍ପିକ ଓ ସମାଲୋଚକ ମାନଙ୍କ ସୃଜନସ୍ୱାକ୍ଷରରେ ପତ୍ରିକାଟିର କଳେବର ସମୃଦ୍ଧ ହୋଇଛି | ଏହି ଉପଲକ୍ଷ୍ୟେ ଆୟୋଜିତ ସମାବେଶରେ ପତ୍ରିକାର ମୁଖ୍ୟ ପରାମର୍ଶଦାତା ଆଇ.ଏନ.ଟି.ୟୁ .ସିର ସାଧାରଣ ସଂପାଦକ ଶ୍ରୀ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଦେବୀ ମଣ୍ଡପର ମୁଖ୍ୟ କାର୍ଯ୍ୟ ନିର୍ବାହକ ଶ୍ରୀ କେଶବ କୁମାର ମିଶ୍ର, ପଣ୍ଡିତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଶତପଥୀ, ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଡଃ.ପ୍ରଶାନ୍ତ କୁମାର ରଥ, ସମ୍ବାଦ ସାହିତ୍ୟ ଘରର ସଂପାଦକ ଶ୍ରୀ ତ୍ରିନାଥ ସାହୁ, ସଂଗଠନ ସଂପାଦକ ଶ୍ରୀ ପତିତପାବନ ପ୍ରଧାନ, ପରାମର୍ଶଦାତା ଶ୍ରୀ ତ୍ରେତାନନ୍ଦ ସାମନ୍ତ, କବି ଶ୍ରୀ ମୁକୁନ୍ଦ ସାମଲ, ବର୍ଣ୍ଣାଳୀ ପରିବାର ତାଳଚେରର ସହ ସଂପାଦକ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ । ଦେବୀ ମନ୍ଦିରର କର୍ମକର୍ତ୍ତା ତଥା ପୂଜକ ପଣ୍ଡିତମାନଙ୍କ ସହଯୋଗରେ ଏକ ମନୋଜ୍ଞ ଆଧ୍ୟାତ୍ମିକ ପରିବେଶରେ ପତ୍ରିକାଟିର ଲୋକାର୍ପଣ କାର୍ଯ୍ୟ ସୂଚାରୁରୂପେ ସମ୍ପାଦିତ ହୋଇଥିଲା ।



ମାଟିର ଖବର

# ଭାରତମାତା ଯୁବକ ସଙ୍ଘର ଶାରଦୀୟ ଚତୁର୍ଥ ସନ୍ଧ୍ୟାରେ ପ୍ରତିଭା ଅନ୍ୱେଷଣ ଓ ପତ୍ରିକା ଉନ୍ମୋଚନ



ଭୋଗରାଇ:୨୧/୧୦ (ଆଦ୍ୟାଶା):ଭାରତମାତା ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ବର୍ଷର ୪ର୍ଥ ସନ୍ଧ୍ୟାରେ ପ୍ରତିଭା ଅନ୍ୱେଷଣ ସହିତ ଆୟୋଜିତ ସାଧାରଣ ସଭାକୁ ବିଶିଷ୍ଟ କବି ଶ୍ରୀକୁମାର ଘୋଷ ସଞ୍ଚାଳନ, କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ୩୩ନମ୍ବର ଜୋନର ଜିଲ୍ଲାପରିଷଦ ଶନ୍ତୋଷ ଜେନା ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ତଥା ସମ୍ବାଦ ପ୍ରତିନିଧି ଶିଶିର କୁମାର ପ୍ରଧାନ, ଭୁବନେଶ୍ୱର ମନିପାଲ ହସପିଟାଲର ଡାକ୍ତର ସୈରଭ କୁମାର ପାତ୍ର, ପ୍ରାକ୍ତନ ସଦସ୍ଯ ହୀରାଚାନ୍ଦ ଦାସ, ସମାଜସେବୀ ଦୁର୍ଗା ଚରଣ ସାହୁ, ପ୍ରମୁଖ ମଞ୍ଚାସୀନ ହୋଇ ଭାରତମାତା ଯୁବକ ସଙ୍ଘ ପରିବାରର ବହୁମୁଖୀ କାର୍ଯ୍ୟକ୍ରମର ଉଚ୍ଚ ପ୍ରସଂଶା କରିଥିଲେ । ଯୁବକ ସଙ୍ଘ ତରଫରୁ ଚିତ୍ତରଞ୍ଜନ ମହାନ୍ତି ମଞ୍ଚ ଆହ୍ୱାନ କରିଥିବା ବେଳେ ବିଜୟ ସେଠୀ ଅତିଥି ପରିଚୟ, ସମ୍ପାଦକ ବିଜୟ ପ୍ରଧାନ ସ୍ମୃତିକୁ ମନେରଖିବା ପାଇଁ ସ୍ମାରାନିକ ପ୍ରଦାନ ଏବଂ ଧନଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସାଂସ୍କୃତିକ ସମ୍ପାଦକ ଚନ୍ଦନ ପ୍ରଧାନଙ୍କ ପରିଚାଳନାରେ ୫୫ଜଣ ପିଲା ନୃତ୍ୟ ଓ ସଂଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିପରି ତୃତୀୟ ସାନ୍ଧ୍ୟ ଅଧିବେଶନରେ ଦୟାନିଧି କରଙ୍କ ସଭାପତିତ୍ୱରେ ଭାରତମାତା ଯୁବକ ସଙ୍ଘର ହୃଦୟର କଥା ବହନ କରୁଥିବା "ଯୁବ ଦର୍ପଣ" ପତ୍ରିକା ଉନ୍ମୋଚନ ପର୍ବରେ ଅବସରପ୍ରାପ୍ତ ଶିକ୍ଷକ ପରିମଳ କୁମାର ମହାନ୍ତି, କବି ଶ୍ରୀକୁମାର ଘୋଷ, ବିଦ୍ୟାଧର ପ୍ରଧାନ, ମାନସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ସଞ୍ଜୟ ଦାସ ମଞ୍ଚ ଆହ୍ୱାନ, ଚନ୍ଦନ ପ୍ରଧାନ ପ୍ରାରମ୍ଭିକ ଅଭିଭାଷଣ ଓ ଅଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ ସେଠୀ, ପ୍ରାଣକୃଷ୍ଣ ଦାସ, ଚନ୍ଦନ ମହାନ୍ତି, ବିଜୟ ପ୍ରଧାନ, ବଳରାମ ଧଳ, ବୈଦ୍ୟନାଥ ଦାସ, ଚିତ୍ତରଞ୍ଜନ ମହାନ୍ତି, ଶରତ ଧଳ, ଚନ୍ଦନ ଦାସ, ଚିନ୍ମୟ ମହାନ୍ତି, ମନୋରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ଅମିତ୍ ପାଳ, ବିଜୟ ପାଳ ଚନ୍ଦନ ସେଠୀ, ରାମ ଚନ୍ଦ୍ର ଦାସ, ରବିନ୍ଦ୍ର ବିଶ୍ୱାଳ, ସ୍ବରୁପ କ୍ରାନ୍ତି ବେରା, ଚିନ୍ମୟ ମହାନ୍ତି, ସୁବାସ ଘୋଷ, ପ୍ରଦୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ଜନମତ

## ସାଧୁତା ଏବଂ ସତ୍ତ୍ୱର ରାସ୍ତା ହିଁ ସମ୍ମାନ, ବିଶ୍ୱାସ ଓ ସଫଳତା ଦେଇଥାଏ

ଭୋଗରାଇ:,୨୧/୧୦(ଆଦ୍ୟାଶା) ଚିରଦିନ ଶିକ୍ଷକ ପିଲାମାନଙ୍କୁ ଜ୍ଞାନର ବଣ୍ଟନ ସହିତ ସ୍ୱାବଲମ୍ବୀ ହେବାର କୈଶଳ ଶିକ୍ଷା ଦେବାର ସ୍ୱପ୍ନ ଦେଖିଆସିଛି । ପିଲାମାନଙ୍କ ଉତ୍ତମ ଭବିଷ୍ୟତ ଗଠନରେ ପ୍ରଚ୍ଛଦପଟ ଶିଳ୍ପୀ ଶିକ୍ଷକ ମାନେ ହିଁ ସଦା ନମସ୍ଯ। ସେହିପରି ସାଧୁତା ଏବଂ ସତ୍ତ୍ୱର ରାସ୍ତା ହିଁ ସମ୍ମାନ, ବିଶ୍ୱାସ ଓ ସଫଳତା ଦେଇଥାଏ ବୋଲି ବୁଧବାର ଭୋଗରାଇର ହାଡିଗୋଛିଆ ପ୍ରଥମିକ ବିଦ୍ଯାଳୟ ଓ ଫୁଲବଣୀ ତ୍ରୈଲୋକ୍ଯନାଥ ଏମ.ଇ ସ୍କୁଲ ପିଲାମାନଙ୍କ ୧୯୯୭ରୁ ୧୯୯୯ ବ୍ଯାଚର ପିଲାମାନଙ୍କ ବନ୍ଧୁ ମିଳନ, ଗୁରୁପୂଜନ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସମାରୋହରେ ମତ ପ୍ରକାଶ ପାଇଛି। ହାଡିଗୋଛିଆ ପ୍ରଥମିକ ବିଦ୍ଯାଳୟ ପରିସରରେ ଏନେଇ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବକୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧନଞ୍ଜୟ ପାତ୍ର ସଞ୍ଚାଳନ କରିଥିଲେ। ଏଥିରେ ତୈଲୋକ୍ଯନାଥ ମଇ ବିଦ୍ଯାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃତ୍ତିବାସ ସୁର, ପ୍ରାକ୍ତନ ଶିକ୍ଷକ ଶଶିଭୂଷଣ ମହାନ୍ତି, କମଳାକାନ୍ତ ଜେନା, ମନ୍ମଥ ମହାନ୍ତି, ପିତାମ୍ବର ମହାନ୍ତି, ଲକ୍ଷ୍ମୀକାନ୍ତ ମହାନ୍ତି,ମନ୍ମଥ ପଟ୍ଟନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମାଝି, କାର୍ଯ୍ଯରତ ପ୍ରଧାନ, ଶିକ୍ଷକ ସର୍ମିଷ୍ଠା ସୁର, ଶିକ୍ଷକ ରଞ୍ଜନ ସେନାପତି ପ୍ରମୁଖ ଶିକ୍ଷାଦାନର ଅନୁଭୂତି ବଖାଣିବା ସହ ୨୬ ବର୍ଷ ବ୍ୟବଧାନରେ ଛାତ୍ର ଛାତ୍ରୀ ମାନେ ଗୁରୁଙ୍କୁ ମନେରଖି ସମ୍ମାନିତ କରିଥିବାରୁ ସାଧୁବାଦ ଜଣାଇଥିଲେ । ସୁଜୟ ସାମଲ ମଞ୍ଚ ଆହ୍ବାନ, ଦେବଦତ୍ତ ମହାନ୍ତି ଅତିଥି ପରିଚୟ, ଚଳଚିତ୍ର ନାୟିକା ସ୍ବାତି (ଜିନା)ସାମଲ ଉଦ୍ଦେଶ୍ୟ ଜ୍ଞାପନ ଓ ସୁନନ୍ଦ ଚାନ୍ଦ ଧନ୍ୟବାଦ ଦେଇଥିଲେ । ପ୍ରାକ୍ତନ ଛାତ୍ର ସରୋଜ ସାମଲ, ଅମିତ ମହାନ୍ତି, ପ୍ରଶେଷ ପ୍ରଧାନ, ଚିତ୍ତରଞ୍ଜନ ଘଡାଇ, ଗୋପୀନାଥ ଗିରି, ଚିତ୍ତରଞ୍ଜନ ପଟ୍ଟନାୟକ, ଅମିତାରାଣୀ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସମସ୍ତ ଶିକ୍ଷକ ମାନଙ୍କୁ ଗୁରୁପୂଜନ ସହ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରା ଯାଇଥିଲା । ଏଥିରେ ଛାତ୍ରଛାତ୍ରୀ ମାନେ ସପରିବାରେ ଯୋଗଦାନ କରି ସେମାନଙ୍କ ଅନୁଭୂତି ବଖାଣି ଥିଲେ ।

## ୩୫ତମ ବାହାନଗା ରାବଣପୋଡ଼ି ଉତ୍ସବ ମହାଆଡ଼ମ୍ବରରେ ପାଳିତ



ବାହାନଗା: ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକରେ ପ୍ରସିଦ୍ଧ ରାବଣପୋଡ଼ି ଉତ୍ସବ ଚଳିତ ବର୍ଷ ୩୫ତମ ବର୍ଷରେ ପଦାର୍ପଣ କରିଛି। ସାର୍ବଜନୀନ ଦୁର୍ଗାପୂଜା କମିଟି, ବାହାନଗା ନୂଆବଜାର ପକ୍ଷରୁ ଦୀର୍ଘ ୩୫ ବର୍ଷ ଧରି ପାରମ୍ପରିକ ରୀତିରେ ଏହି ଉତ୍ସବ ପାଳନ କରାଯାଇ ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଏହା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ପୂର୍ବରୁ ସ୍କୁଲ ପଡ଼ିଆରେ ଏହି ଉତ୍ସବ ଆୟୋଜିତ ହେଉଥିବା ବେଳେ ଚଳିତ ବର୍ଷ ବାହାନଗା ବ୍ଲକର ବାରିକପୁର ହାଟପଡ଼ିଆରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ରାମଲୀଳାର କଳାକାରମାନେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତା ଓ ହନୁମାନଙ୍କ ବେଶରେ ସଜ୍ଜିତ ହୋଇ ବାହାନଗା ବଜାରରୁ ଏକ ଶୋଭାଯାତ୍ରାରେ ବାହାରି ବାରିକପୁର ହାଟପଡ଼ିଆରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ। ଉତ୍ସବକୁ ନେଇ ଅଞ୍ଚଳରେ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଥିଲା। ପୂର୍ବତନ ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶରତ ରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡିର ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ରାବଣପୋଡ଼ି ଉତ୍ସବର ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସୋର ବିଧାୟକ ମାଧବ ଧଡ଼ା, ନୀଳଗିରିର ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସମ୍ପାଦକ ଶୁଭେନ୍ଦୁ ମଙ୍ଗରାଜ, କୁରୁଡ଼ା ସରପଞ୍ଚ ତାପସ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ଶିଶିର ଅଗସ୍ତି ଓ ନୀଳାମ୍ବର ମହାଲିକଙ୍କ ସମେତ ବିଜେଡିର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଉତ୍ସବ ସମୟରେ ସାଧାରଣ ଲୋକଙ୍କ ସୁରକ୍ଷା ଓ ଅଗ୍ନିକାଣ୍ଡ ରୋକିବା ପାଇଁ ବାହାନଗା ଅଗ୍ନିଶମ ବାହିନୀ ଉପସ୍ଥିତ ରହିଥିଲା। କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ୩୫ତମ ବାହାନଗା ରାବଣପୋଡ଼ି ଉତ୍ସବ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ରେମୁଣାରେ ବୀରାଷ୍ଟମୀ ମେଳାକୁ ନେଇ ଉତ୍ସବମୁଖର ପରିବେଶ

ରେମୁଣା: ବାଲେଶ୍ୱର ଜିଲ୍ଲାର ରେମୁଣା ଅଞ୍ଚଳରେ ବୀରାଷ୍ଟମୀ ମେଳାକୁ ନେଇ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି। ଏହି ଅବସରରେ ଅଞ୍ଚଳରେ ଧାର୍ମିକ ଓ ସାଂସ୍କୃତିକ ମାହୋଲ ସୃଷ୍ଟି ହେବା ସହ ମେଳାରେ ଲୋକଙ୍କ ସମାଗମ ଜମୁଛି। ବୀରାଷ୍ଟମୀ ଭାରତୀୟ ପରମ୍ପରାରେ ବୀରତ୍ୱ, ସାହସ, ଦେଶପ୍ରେମ ଓ ଶୌର୍ଯ୍ୟର ପ୍ରତୀକ ଭାବେ ପରିଚିତ। ଏହି ମେଳା ମାଧ୍ୟମରେ ପାରମ୍ପରିକ ରୀତିନୀତି, ସାମାଜିକ ଏକତା ଓ ସାଂସ୍କୃତିକ ଐତିହ୍ୟକୁ ଉଜ୍ଜୀବିତ ରଖିବାର ପ୍ରୟାସ କରାଯାଉଛି। ମେଳାରେ ବିଭିନ୍ନ ଦୋକାନ, ମନୋରଞ୍ଜନ ଓ ସ୍ଥାନୀୟ ଲୋକଙ୍କ ମିଳନ ଏହାର ଆକର୍ଷଣ ବଢ଼ାଇଥାଏ। ଏଭଳି ଆୟୋଜନ ସ୍ଥାନୀୟ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ସହ ଭାଇଚାରା ଓ ସାମାଜିକ ସଦ୍‌ଭାବ ବୃଦ୍ଧିରେ ସହାୟକ ହୋଇଥାଏ।



Adyasha masthead
PRGI No. ORORI/25/A0506 | Daily Edition | Email : adyashalive@gmail.com
BHUBANESWAR | Vol. 02 | Issue 12 | ଶୁକ୍ରବାର, ୨୩ ଅକ୍ଟୋବର ୨୦୨୬ | ପୃଷ୍ଠା ୦୪ | Rs. 7

ଆଜିର ପ୍ରମୁଖ

## ଚଳନାରେ ମା' ଦୁର୍ଗାଙ୍କ ନବମୀ ପୂଜା ମହାଆଡ଼ମ୍ବରରେ ପାଳିତ



ସିନାପାଲି:୧୯/୧୦: ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚଳନା ଗ୍ରାମରେ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ମା' ଦୁର୍ଗାଙ୍କ ନବମୀ ପୂଜା ମହାଆଡ଼ମ୍ବର ଓ ଭକ୍ତିମୟ ପରିବେଶରେ ପାଳିତ ହେଉଛି। ଏହି ଅବସରରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ନବରାତ୍ରିର ନବମ ଦିନରେ ମା' ଦୁର୍ଗାଙ୍କ ନବମୀ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ମା'ଙ୍କୁ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଅଞ୍ଚଳର ମଙ୍ଗଳ, ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରାଯାଉଛି। ଚଳନା ଗ୍ରାମରେ ଏହି ପୂଜାକୁ ନେଇ ଭକ୍ତିମୟ ପରିବେଶ ସହ ଉତ୍ସବର ମାହୋଲ ଦେଖିବାକୁ ମିଳୁଛି। ଏହି ସାର୍ବଜନୀନ ଦୁର୍ଗାପୂଜାରେ କର୍ତ୍ତା ଭାବେ ଚନ୍ଦ୍ରମଣୀ ମେହେର ଓ ଶ୍ରୀମତୀ ଦେବକୀ ମେହେର ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟିର ସଭାପତି ଭାବେ ସୁବ୍ରତ କୁମାର ଠାକୁର, କାର୍ଯ୍ୟକାରୀ ସଭାପତି ଭାବେ କିଶୋର ନାୟକ, ସମ୍ପାଦକ ଭାବେ ତ୍ରିନାଥ ଛତ୍ରିଆ ଏବଂ କୋଷାଧ୍ୟକ୍ଷ ଭାବେ ହେମନ୍ତ କୁମାର ନାୟକ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କାର୍ଯ୍ୟରେ ପୁରୋହିତ ପୁରନ୍ଦର ହୋତା, ଈଶ୍ୱର ପଣ୍ଡା, ଅରବିନ୍ଦ ଠାକୁର, ସଞ୍ଜୟ ଠାକୁର ଓ ଅଶ୍ୱିନୀ ବେହେରା ପ୍ରମୁଖ ସାମିଲ ହୋଇ ପୂଜାବିଧି ସମ୍ପନ୍ନ କରୁଛନ୍ତି। ଚଳନା ଗ୍ରାମରେ ଏହି ଦୁର୍ଗାପୂଜା ଧାର୍ମିକ ଭାବନାକୁ ସୁଦୃଢ଼ କରିବା ସହ ଗ୍ରାମବାସୀଙ୍କ ମଧ୍ୟରେ ଏକତା, ଭାଇଚାରା ଓ ସାମୂହିକ ସହଯୋଗର ବାର୍ତ୍ତା ପ୍ରଦାନ କରୁଛି। ମା' ଦୁର୍ଗାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଶ୍ରଦ୍ଧାଳୁମାନେ ପୂଜାରେ ସାମିଲ ହୋଇ ଭକ୍ତି ଓ ନିଷ୍ଠାର ସହ ମା'ଙ୍କ ଆରାଧନା କରୁ

## ବାଲିପାଟଣାରେ କଂଗ୍ରେସର ଭୋଟ୍ ବଞ୍ଚାଅ ଦେଶ ବଞ୍ଚାଅ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ

ବାଲିପାଟଣା:ଓଡ଼ିଶା ଭାସ୍‌ଆଜି ବାଲିପାଟଣା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ଏକ ବିଶାଳ "ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ" ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶୈଳେନ୍ଦୁ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ଶହ ଶହ ସଂଖ୍ୟାରେ କଂଗ୍ରେସ ନେତା, କର୍ମୀ ଏବଂ ଦଳପ୍ରେମୀମାନେ ଉତ୍ସାହର ସହ ଯୋଗଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀଯୁକ୍ତ ରାଜୀବ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦଯାତ୍ରାକୁ ପରିଚାଳନା କରିବା ସହ ଏହାକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଦଳୀୟ କର୍ମୀମାନଙ୍କ ଏହିକ୍ରମାଗତ ଉପସ୍ଥିତି ଓ ଜନସମାଗମ କଂଗ୍ରେସ ସଙ୍ଗଠନକୁ ଆହୁରି ମଜବୁତ କରିଥିବା ଦେଖିବାକୁ ମିଳିଛି।ଏହି ପଦଯାତ୍ରା ମାଧ୍ୟମରେ କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ରୀୟ ରାଜନୈତିକ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାକୁ କଡ଼ା ସମାଲୋଚନା କରାଯାଇ ଦୁଇଗୋଟି ମୁଖ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ,ଭୋଟ ଚୋରି ସରକାର ଆମର ଆବଶ୍ୟକ ନାହିଁ। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ବ୍ଲକ୍ର ବିଭିନ୍ନ ପଞ୍ଚାୟତରୁ ଆସିଥିବା ବହୁ କଂଗ୍ରେସ କର୍ମୀ ଓ ସମର୍ଥକମାନେ ଉପସ୍ଥିତ ରହି ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।



## ୱାର୍ଡ ନଂ-୫୯ ଅଭିଯୋଗ: ଦସ୍ତାବିଜ ଦେଖାଇ ଆରୋପ ଖଣ୍ଡନ କଲେ ମମତା ମହାନ୍ତି



କଟକ : କଟକ ମହାନଗର ନିଗମର ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ନୂଆ କାଚରାମାଳ ଗ୍ରାମର ଯାତ୍ରା ପଡ଼ିଆରେ ବାଲି ପୋତା କାର୍ଯ୍ୟକୁ ନେଇ ଉଠିଥିବା ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ଆତ୍ମସାତ ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି ସ୍ଥାନୀୟ ବିଜେପି କର୍ପୋରେଟର ମମତା ମହାନ୍ତି। ଏକ ପ୍ରେସ୍‌ମିଟ୍‌ରେ ଶ୍ରୀମତୀ ମହାନ୍ତି କେଏମ୍‌ସିର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ସ୍ୱାକ୍ଷର ଥିବା ଦସ୍ତାବିଜ ଦେଖାଇ ସମ୍ପୃକ୍ତ କାର୍ଯ୍ୟ ହୋଇନଥିବା ଏବଂ ଏଥିପାଇଁ ବିଲ୍ ହୋଇନଥିବା ସ୍ପଷ୍ଟ କରିଛନ୍ତି। ତଥ୍ୟ ଯାଞ୍ଚ ନକରି ଏଭଳି ଗୁରୁତର ଅଭିଯୋଗ ଆଣିବାକୁ ସେ ସମାଲୋଚନା କରିବା ସହ ଏହା ପଛରେ ରାଜନୈତିକ ଅଭିସନ୍ଧି ଥିବା ଆଶଙ୍କା ପ୍ରକାଶ କରିଛନ୍ତି। ବିରୋଧୀ ଚାହିଁଥିଲେ ନିଜ ଦଳର ମେୟରଙ୍କଠାରୁ ସ୍ପଷ୍ଟୀକରଣ ନେଇପାରିଥାନ୍ତେ ବୋଲି କହିବା ସହ ଆଗାମୀ ନିର୍ବାଚନକୁ ନଜରରେ ରଖି ତାଙ୍କ ଓ ବିଜେପିର ଭାବମୂର୍ତ୍ତି କ୍ଷୁଣ୍ଣ କରିବାକୁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରିଛନ୍ତି। ଏହି ପ୍ରେସ୍‌ମିଟ୍‌ରେ କଟକ ସଦର ବିଧାୟକଙ୍କ ପ୍ରତିନିଧି ସ୍ୱାଧୀନ ମହାନ୍ତିଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ବିଭାଗୀୟ ଦସ୍ତାବିଜ ଆଧାରରେ କର୍ପୋରେଟରଙ୍କ ସ୍ପଷ୍ଟୀକରଣ ପରେ ଅଭିଯୋଗର ସତ୍ୟତାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। Byte-1 - ମନୋଜ କୁମାର ପଟ୍ଟନାୟକ, ସ୍ଥାନୀୟ ବାସିନ୍ଦା Byte-2 - ଶ୍ରୀମତୀ ମମତା ମହାନ୍ତି, କର୍ପୋରେଟର Byte3-କିଶୋର ଚନ୍ଦ୍ର ପଟ୍ଟନାୟକ ରିପୋର୍ଟର - ଶଶିଭୂଷଣ ଦାଶ

# ପହରିଆବସାରେ ପଦ୍ମଶ୍ରୀ ବିଜେତା ମହେନ୍ଦ୍ର ମିଶ୍ର ଓ ଅନ୍ୟ ବୁଦ୍ଧିଜୀବୀଙ୍କୁ ନେଇ ଆଇନସଚେତନତା



ସୁନାବେଡ଼ା : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୂଆପଡ଼ା ପକ୍ଷରୁ ଚାଲୁଥିବା ମେଗା ଡ୍ରାଇଭ୍ ଅଧୀନରେ ସୁନାବେଡ଼ା ଗ୍ରାମ ପଞ୍ଚାୟତର ଢେକୁନପାନି ଗ୍ରାମର ପହରିଆବସା ରେ ବସବାସ କରୁଥିବା ପହରିଆ ଲୋକଙ୍କ ପାଇଁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ପଦ୍ମଶ୍ରୀ ବିଜେତା ତଥା ପ୍ରଖ୍ୟାତ ଲୋକ କଳା ସାହିତ୍ୟିକ ଡ଼କ୍ଟର ମହେନ୍ଦ୍ର କୁମାର ମିଶ୍ର, ବରିଷ୍ଠ ଶିକ୍ଷାବିତ୍, ଖଡ଼ିଆଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ଲେଖକ ଶ୍ରୀ ଫନିନ୍ଦମ ସିଂହଦେଓ, ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଶ୍ରୀ ଅଜିତ୍ ପଣ୍ଡା, ଚାକୋଟିଆ ଭୁଂଜିଆ ଉନ୍ନୟନ ସଂସ୍ଥା (CBDA) ର ସ୍ୱତନ୍ତ୍ର ଅଧିକାରୀ ବିଜୟାନନ୍ଦ ମଲ୍ଲିକ, କୋମନାର ଆଇନଜୀବୀ ସୋହେଲ୍ ଖାନ, ଆଦର୍ଶ କନ୍ୟା ଗୁରୁକୁଳର ପ୍ରାଚାର୍ଯ୍ୟା ଲତା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସ୍ଥାନୀୟ ମହିଳାମାନେ ପହରିଆ ଭାଷାରେ ଗୀତ ଗାଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭, ଲୋକ ଅଦାଲତ, ମଧ୍ୟସ୍ଥତା, ସ୍ଥାୟୀ ଲୋକ ଅଦାଲତ (PLA) ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣ (NALSA)ର ନିଃଶୁଳ୍କ ଆଇନ ସହାୟତା ହେଲ୍ପଲାଇନ୍ ନମ୍ବର ୧୫୧୦୦ ସମ୍ପର୍କରେ ପହରିଆ ସମ୍ପ୍ରଦାୟର ଲୋକମାନଙ୍କୁ ସଚେତନ କରାଯାଇଥିଲା । ଉପସ୍ଥିତ ଅତିଥି ମାନେ ନିଜ ନିଜ ପୁସ୍ତକ ଓ ଲେଖାମାନଙ୍କରେ ପହରିଆ ସମ୍ପ୍ରଦାୟର ଜୀବନଚର୍ଯ୍ୟା ର ସ୍ୱତନ୍ତ୍ର ବିଶେଷତ୍ୱଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏହା ସହିତ ପହରିଆ ସମ୍ପ୍ରଦାୟର ଭାଷା, ସଂସ୍କୃତି, ପରମ୍ପରା ଓ ସାମାଜିକ ପରିଚୟ ରକ୍ଷା ସମ୍ପର୍କରେ ମଧ୍ୟଆଲୋଚନା କରାଯାଇଥିଲା । ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ପହରିଆ ସମ୍ପ୍ରଦାୟର ଲୋକଙ୍କ ନିକଟରେ ନିଃଶୁଳ୍କ ଆଇନ ସହାୟତା ପହଞ୍ଚାଇବା ଏବଂ ସେମାନଙ୍କୁ ନିଜର ଆଇନଗତ ଅଧିକାର ଓ ନ୍ୟାୟ ପ୍ରାପ୍ତିର ବିଭିନ୍ନ ଉପାୟ ସମ୍ପର୍କରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଆଇନ ସଚେତନତା କାର୍ଯ୍ୟକ୍ରମ ଶେଷ ହେବା ପରେ ଢେକୁନପାନିସ୍ଥିତ ସିଆରପିଏଫ୍ (CRPF) କ୍ୟାମ୍ପଠାରେ ରହୁଥିବା ଜବାନମାନଙ୍କ ପାଇଁ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ମଧ ମାଗଣା ଆଇନ ସହାୟତା, ନାଲ୍ସାର ବୀର ପରିବାର ସହାୟତା ଯୋଜନା, ନାଗରିକଙ୍କ ଅଧିକାର ଏବଂ ନ୍ୟାୟ ପ୍ରାପ୍ତିର ସୁଯୋଗ ସମ୍ପର୍କରେ ସଚେତନତା ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରକାଶ ଥାଉ ଯେ, ପୂର୍ବରୁ ଅନେକ ଥର ଦାବୀ କରାଯାଇଥିବା ସତ୍ତ୍ୱେ ପହରିଆମାନଙ୍କୁ ଏ ପର୍ଯ୍ୟନ୍ତ ଆଦିବାସୀ ମାନତା ମାନ୍ୟତା ମିଳିନାହିଁ । ତେଣୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୂଆପଡ଼ାର ଏହି ପଦକ୍ଷେପ ପହରିଆ ସମ୍ପ୍ରଦାୟର ଲୋକଙ୍କ ନିକଟରେ ନ୍ୟାୟ ଓ ଆଇନ ସେବା ପହଞ୍ଚାଇବା ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ଅତିଥିମାନେ ମତପୋଷଣ କରିଥିଲେ ।

ଜିଲ୍ଲାରୁ ସିଧା ରିପୋର୍ଟ

# ଯୁବ ଜାଗ୍ରତ ମଞ୍ଚ ପକ୍ଷରୁ ପୂଜ୍ୟପୂଜା କାର୍ଯ୍ୟକ୍ରମ

ବାରଙ୍ଗ:(ଆଦ୍ୟାଶ ଲାଇଭ୍): କଟକ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ 'ଯୁବ ଜାଗ୍ରତ ମଞ୍ଚ' ପକ୍ଷରୁ ବାରଙ୍ଗ ବ୍ଲକ୍ ନଗରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହିଧରପଡ଼ା ଠାରେ ଏକ ଭବ୍ୟ 'ପୂଜ୍ୟ ପୂଜା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ସୂଚନାଯୋଗ୍ୟ ଯେ, ମହିଧରପଡ଼ା ଠାରେ ଦୀର୍ଘ ବର୍ଷ ଧରି ପାରମ୍ପରିକ ରୀତିନୀତି ଅନୁସାରେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଦୁର୍ଗାପୂଜା ଆନନ୍ଦଉଲ୍ଲାସର ସହ ଆୟୋଜିତ ହୋଇଆସୁଛି। ଏହି ପବିତ୍ର ଅବସରରେ ଚଳିତ ବର୍ଷ ଯୁବ ଜାଗ୍ରତ ମଞ୍ଚ ପକ୍ଷରୁ ସ୍ଥାନୀୟ ପୂଜା କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିବାର ନିଆରା ପ୍ରୟାସ କରାଯାଇଥିଲା।ଯୁବ ଜାଗ୍ରତ ମଞ୍ଚର ଅଧ୍ୟକ୍ଷ କଳ୍ପତରୁ ଖୁଣ୍ଟିଆ ମହିଧରପଡ଼ା ଆଞ୍ଚଳିକ ପୂଜା କମିଟିର ସମସ୍ତ ସଦସ୍ୟଙ୍କୁ ଉତ୍ତରୀୟ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରିଥିଲେ।ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୁବ ଜାଗ୍ରତ ମଞ୍ଚର ସମ୍ପାଦକ ଅରୁଣ କୁମାର ସାହୁ, ଟ୍ରଷ୍ଟି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏବଂ ବିଭୂତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆମର ସଂସ୍କୃତି, ପରମ୍ପରା ଓ ଧାର୍ମିକ ଭାବନାକୁ ଉଜ୍ଜୀବିତ ରଖୁଥିବା ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ଆମର କର୍ତ୍ତବ୍ୟ। ଆଗାମୀ ଦିନରେ ଏହି 'ପୂଜ୍ୟ ପୂଜା' କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ଯୁବ ଜାଗ୍ରତ ମଞ୍ଚର ଅଧ୍ୟକ୍ଷ କଳ୍ପତରୁ ଖୁଣ୍ଟିଆ ପ୍ରକାଶ କରିଛନ୍ତି। ଯୁବ ଜାଗ୍ରତ ମଞ୍ଚର ଏହି ସାମାଜିକ ଓ ସାଂସ୍କୃତିକ ପ୍ରୟାସକୁ ମହିଧରପଡ଼ା ତଥା ସମଗ୍ର ବାରଙ୍ଗ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି।



## ଧାର୍ମିକ ମଞ୍ଚରେ ଦଳୀୟ ଛାପ, ସାମ୍ବାଦିକଙ୍କୁ ଅଣଦେଖା ଅଭିଯୋଗ ବିବାଦରେ ଡାହାଳିଆବାଗ ହରପାର୍ବତୀ ପୂଜା କମିଟି



ବ୍ରାହ୍ମଣଝରିଲୋ :ଶାରଦୀୟ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ସାମାଜିକ ସଦ୍‌ଭାବ, ଭାଇଚାରା, ସାମୂହିକ ଏକତା ଓ ପରସ୍ପର ସମ୍ମାନର ପ୍ରତୀକ। ମା'ଙ୍କ ପୂଜା ମଣ୍ଡପରେ ଜାତି, ଧର୍ମ ଓ ରାଜନୈତିକ ମତଭେଦକୁ ଭୁଲି ସମସ୍ତେ ଏକାଠି ହେବା ହେଉଛି ଏହି ପର୍ବର ମୂଳ ଉଦ୍ଦେଶ୍ୟ। କିନ୍ତୁ କଟକ ସଦର ଥାନା ଅନ୍ତର୍ଗତ ଡାହାଳିଆବାଗ ହରପାର୍ବତୀ ପୂଜା କମିଟି ଆନୁକୂଲ୍ୟରେ ଶାରଦୀୟ ଦୁର୍ଗାପୂଜା ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ନେଇ ଏବେ ଅଞ୍ଚଳରେ ଅସନ୍ତୋଷ ଓ ଚର୍ଚ୍ଚା ସୃଷ୍ଟି ହୋଇଛି। ଧାର୍ମିକ ମଞ୍ଚରେ ଦଳୀୟ ପ୍ରଭାବ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇନଥିବା ଅଭିଯୋଗକୁ ନେଇ କମିଟିର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠିଛି। କମିଟି ସମ୍ପାଦକ କୌଶିକ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା ଏବଂ ପୂର୍ବତନ ସରକାରଙ୍କ ମୁଖ୍ୟ ସଚେତକ ପ୍ରଭାତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କମିଟି ପକ୍ଷରୁ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା, ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିତ୍ୱ, ଗ୍ରାମ୍ୟ ମୁରବି, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା କୁହାଯାଇଛି। ତେବେ ଏକ ସାମାଜିକ ଓ ଧାର୍ମିକ ଉତ୍ସବର ଏହି ମଞ୍ଚରେ କେତେକ ଘଟଣାକୁ ନେଇ ଉପସ୍ଥିତ ବ୍ୟକ୍ତି ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ଅଭିଯୋଗ ହୋଇଛି। ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟ ହୋଇଛି, ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ଉପସ୍ଥିତିକୁ ନେଇ ଉଠିଥିବା ପ୍ରଶ୍ନ। ପୂଜା କମିଟି ହେଉଛି ସମଗ୍ର ଅଞ୍ଚଳର ଏକ ସାମୂହିକ ମଞ୍ଚ। ଏହା କୌଣସି ନିର୍ଦ୍ଦିଷ୍ଟ ଦଳ, ଗୋଷ୍ଠୀ କିମ୍ବା ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥରେ ସୀମିତ ନରହି ସମସ୍ତଙ୍କୁ ସମାନ ଭାବେ ଗୁରୁତ୍ୱ ଦେବା ଉଚିତ। ଯଦି ଏଭଳି ଏକ ପବିତ୍ର ଧାର୍ମିକ ମଞ୍ଚରେ ଦଳୀୟ ପରିଚୟକୁ ଅଧିକ ଗୁରୁତ୍ୱ ଦିଆଯାଏ, ତେବେ ଏହାର ନିରପେକ୍ଷତା ଓ ସାମାଜିକ ଗ୍ରହଣୀୟତା ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିବ। ପୂଜା ମଣ୍ଡପ ଭକ୍ତି ଓ ଭାଇଚାରାର ପ୍ରତୀକ ହେବା ପରିବର୍ତ୍ତେ ଦଳୀୟ ପ୍ରଭାବର ମଞ୍ଚ ହେବା ଆଦୌ ଶୋଭନୀୟ ନୁହେଁ। ଏହା ସହିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା କରାଯାଇଥିବା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ସମାଜର ବିଭିନ୍ନ ଘଟଣା, ଜନସମସ୍ୟା ଓ ସାମାଜିକ କାର୍ଯ୍ୟକ୍ରମକୁ ଲୋକଲୋଚନକୁ ଆଣିବାରେ ସାମ୍ବାଦିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରି ସ୍ଥିତିରେ ଏକ ସାର୍ବଜନୀନ ପୂଜା ଉତ୍ସବରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯଦି ଉପଯୁକ୍ତ ମର୍ଯ୍ୟାଦା ଓ ସମାନ ବ୍ୟବହାର ମିଳୁନାହିଁ, ତେବେ ତାହା ନିଶ୍ଚିତ ଭାବେ ଆତ୍ମସମୀକ୍ଷାର ବିଷୟ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମ ପ୍ରତି ଏଭଳି ଆଚରଣ ଗ୍ରହଣୀୟ କି ନୁହେଁ, ତାହାକୁ ନେଇ ଅଞ୍ଚଳର ମୁରବି, ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ଏକ ପୁରାତନ ପୂଜା କମିଟିଠାରୁ ଲୋକେ ଅଧିକ ଦାୟିତ୍ୱବୋଧ, ଶାଳୀନତା ଓ ନିରପେକ୍ଷତା ଆଶା କରନ୍ତି। ଅତିଥିଙ୍କୁ ସମ୍ମାନିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେହିପରି ଆମନ୍ତ୍ରିତ ସମସ୍ତ ବର୍ଗର ବ୍ୟକ୍ତିଙ୍କୁ ସମ୍ମାନ ଦେବା ମଧ୍ୟ ସମାନ ଭାବେ ଜରୁରୀ। ସମ୍ବର୍ଦ୍ଧନା ସଭାର ମୂଳ ଉଦ୍ଦେଶ୍ୟ ଯଦି ସମାଜର ବିଭିନ୍ନ କ୍ଷେତ୍ରରେ ଅବଦାନ ରଖୁଥିବା ବ୍ୟକ୍ତିଙ୍କୁ ସମ୍ମାନ ଦେବା, ତେବେ ସେହି ସମ୍ମାନ ପ୍ରଦାନରେ ପକ୍ଷପାତିତାର ଅଭିଯୋଗ ଉଠିବା ନିଜେ କମିଟି ପାଇଁ ଚିନ୍ତାଜନକ। ଆହୁରି ଆଶ୍ଚର୍ଯ୍ୟର କଥା, ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ଓ ପୂର୍ବତନ ସରକାରୀ ମୁଖ୍ୟ ସଚେତକଙ୍କ ଭଳି ଅଭିଜ୍ଞ ରାଜନୈତିକ ବ୍ୟକ୍ତିତ୍ୱ ଉପସ୍ଥିତ ଥିବା ସତ୍ତ୍ୱେ ଏଭଳି ଅସନ୍ତୋଷର ପରିସ୍ଥିତି କିପରି ସୃଷ୍ଟି ହେଲା, ତାହା ଉପସ୍ଥିତ ଭଦ୍ରବ୍ୟକ୍ତି ଓ ଦର୍ଶକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ଅତିଥିଙ୍କ ଉପସ୍ଥିତି କେବଳ ମଞ୍ଚର ଗରିମା ବଢ଼ାଇବାରେ ସୀମିତ ରହିବା ଉଚିତ ନୁହେଁ; ଏଭଳି ସାମାଜିକ ଆୟୋଜନରେ ଶୃଙ୍ଖଳା, ସମ୍ମାନ ଓ ସାମୂହିକତାର ମୂଲ୍ୟବୋଧ ଅକ୍ଷୁଣ୍ଣ ରହିବା ମଧ୍ୟ ଆବଶ୍ୟକ। ପୂଜା କମିଟିର ପଦପଦବୀ କୌଣସି ବ୍ୟକ୍ତିଗତ ପ୍ରଭାବ ପ୍ରଦର୍ଶନର ମାଧ୍ୟମ ନୁହେଁ; ଏହା ଜନସାଧାରଣଙ୍କ ବିଶ୍ୱାସ ଓ ସହଯୋଗରେ ଚାଲୁଥିବା ଏକ ସାମାଜିକ ଦାୟିତ୍ୱ। ତେଣୁ ଏଭଳି ଆୟୋଜନରେ କିଏ କେଉଁ ଦଳର, କିଏ କେତେ ପ୍ରଭାବଶାଳୀ କିମ୍ବା କାହାର କେତେ ପରିଚୟ ରହିଛି, ତାହା ଆଧାରରେ ବ୍ୟବହାର ନିର୍ଦ୍ଧାରିତ ହେବା ଉଚିତ ନୁହେଁ। ସମସ୍ତଙ୍କୁ ସମାନ ସମ୍ମାନ ଦେବା ହେଉଛି ଏକ ଆଦର୍ଶ ପୂଜା କମିଟିର ପରିଚୟ। ଏହି ମୂଲ୍ୟବୋଧରେ ଯଦି ଅବହେଳା ହୁଏ, ତେବେ ତାହା କମିଟିର ସାମାଜିକ ଦାୟିତ୍ୱବୋଧ ଓ ପରିଚାଳନା ଦକ୍ଷତା ଉପରେ ପ୍ରଶ୍ନ ଉଠାଇବା ସ୍ୱାଭାବିକ। ଏହି ଘଟଣାକୁ ନେଇ କମିଟି ପକ୍ଷରୁ ସ୍ପଷ୍ଟୀକରଣ ଦିଆଯିବା ସହ ଭବିଷ୍ୟତରେ ଏଭଳି ଅଭିଯୋଗର ପୁନରାବୃତ୍ତି ନହେବା ପାଇଁ ଉଚିତ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି। ଧାର୍ମିକ ଅନୁଷ୍ଠାନର ମର୍ଯ୍ୟାଦା ରକ୍ଷା କରିବା ସହ ରାଜନୈତିକ ନିରପେକ୍ଷତା, ସାମ୍ବାଦିକଙ୍କ ପ୍ରତି ସମ୍ମାନ ଏବଂ ସାମାଜିକ ସଦ୍‌ଭାବ ବଜାୟ ରଖିବା ହେଉଛି କମିଟିର ପ୍ରାଥମିକ ଦାୟିତ୍ୱ। ମା'ଙ୍କ ପୂଜାର ମୂଳ ବାର୍ତ୍ତା ହେଉଛି ଅନ୍ୟାୟ ଉପରେ ନ୍ୟାୟର ବିଜୟ ଓ ଅହଂକାର ଉପରେ ମାନବିକତାର ବିଜୟ। ଏପରି ପବିତ୍ର ଅବସରରେ ଆୟୋଜିତ ସଭା ଯଦି ସମ୍ମାନ ବଦଳରେ ଅସନ୍ତୋଷ ଏବଂ ଏକତା ବଦଳରେ ବିଭେଦର ଚର୍ଚ୍ଚା ସୃଷ୍ଟି କରେ, ତେବେ ଏହା ଆୟୋଜକଙ୍କ ପାଇଁ ନିଶ୍ଚିତ ଭାବେ ଆତ୍ମସମୀକ୍ଷାର ସମୟ। ଡାହାଳିଆବାଗ ହରପାର୍ବତୀ ପୂଜା କମିଟି ଏହି ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ନେଇ ନିଜର ଆଚରଣ ଓ ଆୟୋଜନ ପଦ୍ଧତିର ସମୀକ୍ଷା କରିବ କି, ନା ଏଭଳି ପ୍ରଶ୍ନକୁ ଅଣଦେଖା କରିବ—ତାହା ଏବେ ଅଞ୍ଚଳବାସୀଙ୍କ ଅପେକ୍ଷାର ବିଷୟ। ଧାର୍ମିକ ମଞ୍ଚରେ ଦଳୀୟ ଛାପ ନୁହେଁ, ସାମାଜିକ ଏକତାର ବାର୍ତ୍ତା ଦିଆଯାଉ; ସମ୍ବର୍ଦ୍ଧନା ନାମରେ କାହାକୁ ଅଣଦେଖା ନୁହେଁ, ସମସ୍ତଙ୍କୁ ଉପଯୁକ୍ତ ସମ୍ମାନ ମିଳୁ—ଏହା ହିଁ ଅଞ୍ଚଳବାସୀଙ୍କ ଆଶା।

## ଚୌଦ୍ୱାର ଜେଲ କେତେ ସୁରକ୍ଷିତ ବିନା ଅଧିକ୍ଷକ ରେ

ଚୌଦ୍ୱାର:(ଶିବବ୍ରତ ଦାସ): ଚୌଦ୍ୱାର ମଣ୍ଡଳ କାରାଗାରରୁ ଦୁଇ ବିହାରୀ କଏଦୀ ଫେରାର ହେବା ଘଟଣାକୁ ଇତିମଧ୍ୟରେ ବର୍ଷେ ପୂରିଛି। ଏହି ଘଟଣା ରାଜ୍ୟର କାରାଗାର ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନଚିହ୍ନ ଲଗାଇଥିବାବେଳେ, ତଦନ୍ତର ପରବର୍ତ୍ତୀ ପଦକ୍ଷେପ ଓ ଅନ୍ୟ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନେଇ ଚର୍ଚ୍ଚା ଜାରି ରହିଛି।ଘଟଣାରେ ତତ୍କାଳୀନ ଜେଲ ଅଧୀକ୍ଷକ ସୁଜିତ୍ ରାହୁଳ ଗିରଫ ହୋଇଥିବାବେଳେ, ଜେଲର ସୁରକ୍ଷା ଦାୟିତ୍ୱରେ ଥିବା ଅନ୍ୟ କର୍ମଚାରୀଙ୍କ ବିରୋଧରେ କେବେ ଏବଂ କି ପ୍ରକାର ପଦକ୍ଷେପ ନିଆଯିବ, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଦୁଇ ଥାକିଆ ସୁରକ୍ଷା ବ୍ୟବସ୍ଥାକୁ ଅତିକ୍ରମ କରି କଏଦୀ ଫେରାର ହେବା ଘଟଣା କାରାଗାରର ସୁରକ୍ଷା ପରିଚାଳନା ଓ ତଦାରଖ ବ୍ୟବସ୍ଥାରେ ତ୍ରୁଟି ଥିବା ଆଶଙ୍କାକୁ ମଧ୍ୟ ଜୋରଦାର କରିଛି।ଏତେ ବଡ଼ ଘଟଣା ପରେ ମଧ୍ୟ କାରାଗାରର ସୁରକ୍ଷା ବ୍ୟବସ୍ଥାକୁ କେତେ ଦୃଢ଼ କରାଯାଇଛି ଏବଂ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ କି ପଦକ୍ଷେପ ନିଆଯାଇଛି, ତାହା ଜାଣିବାକୁ ସାଧାରଣରେ ଆଗ୍ରହ ପ୍ରକାଶ ପାଇଛି। କେବଳ ଜଣେ ଅଧିକାରୀଙ୍କ ଗିରଫଦାରୀରେ ତଦନ୍ତ ସୀମିତ ରହିବ ନା ଅନ୍ୟ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଭୂମିକା ମଧ୍ୟ ଯାଞ୍ଚ ହେବ, ତାହା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଅନ୍ୟପକ୍ଷରେ, ଚୌଦ୍ୱାର ଜେଲ ବର୍ତ୍ତମାନ ସ୍ଥାୟୀ ଅଧୀକ୍ଷକଙ୍କ ବିନା ଚାଲିଥିବା ନେଇ ପ୍ରଶାସନିକ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ଆଲୋଚନା ହେଉଛି। ଏଭଳି ସମ୍ବେଦନଶୀଳ କାରାଗାରରେ ନିୟମିତ ଅଧୀକ୍ଷକ ନିଯୁକ୍ତି ସହ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ଏବଂ ଦାୟିତ୍ୱ ନିର୍ଦ୍ଧାରଣ ଜରୁରୀ ବୋଲି ମତ ପ୍ରକାଶ ପାଉଛି।ବର୍ଷେ ପରେ ମଧ୍ୟ ଏହି ଘଟଣାରୁ କାରାଗାର ପ୍ରଶାସନ କେତେ ଶିକ୍ଷା ଗ୍ରହଣ କରିଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ଦୁଇ ଥାକିଆ ସୁରକ୍ଷା କବଚକୁ ଡେଇଁ ଯେପରି ପୁଣି କୌଣସି କଏଦୀ ଫେରାର ନ ହୁଅନ୍ତି, ସେଥିପାଇଁ କେବଳ ଆଶ୍ୱାସନା ନୁହେଁ, ଦୃଢ଼ ପଦକ୍ଷେପ ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ଆବଶ୍ୟକ।




ମାଟିର ଖବର

# ଭାଣପୁର ଦୁର୍ଗାପୂଜାରେ ମା'ଙ୍କ ଦିବ୍ୟରୂପ, ୭୦ ବର୍ଷର ପରମ୍ପରାରେ ଝଲସୁଛି ଆସ୍ଥାର ମହକ




କଟକ ବ୍ୟୁରୋ :ଶାରଦୀୟ ଦୁର୍ଗାପୂଜାର ଆଗମନରେ ଚାରିଆଡ଼େ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବା ବେଳେ କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଦୁର୍ଗାପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ଆକର୍ଷଣୀୟ ବେଶ ଓ ଭବ୍ୟ ଆୟୋଜନ ଶ୍ରଦ୍ଧାଳୁଙ୍କ ମନ ମୋହୁଛି। ଭାଣପୁର ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ପାରମ୍ପରିକ ରୀତିନୀତି ଓ ଧାର୍ମିକ ଶ୍ରଦ୍ଧାର ସହ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଠାରେ ଦୁର୍ଗାପୂଜା ପାଳିତ ହେଉଥିବାରୁ ଏହା ଅଞ୍ଚଳର ଏକ ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ପରିଚୟ ବହନ କରୁଛି। ଭାଣପୁର ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ ହେଉଛି ମା' ଦୁର୍ଗାଙ୍କ ମନୋମୁଗ୍ଧକର ବେଶ ଓ ରୂପା ଅଳଙ୍କାରର ଅପୂର୍ବ ଶୋଭା। ମା'ଙ୍କୁ ପ୍ରାୟ ୭ କିଲୋଗ୍ରାମରୁ ଊର୍ଦ୍ଧ୍ୱ ରୂପା ଅଳଙ୍କାରରେ ସୁସଜ୍ଜିତ କରାଯାଇଥିବା ବେଳେ ପାର୍ଶ୍ୱ ଦେବାଦେବୀଙ୍କ ପାଇଁ ପ୍ରାୟ ୧୫ରୁ ୨୦ କିଲୋଗ୍ରାମ ରୂପା ଅଳଙ୍କାର ବ୍ୟବହାର କରାଯାଇଛି। ରୂପାର ଚମକ ଓ ମା'ଙ୍କ ଦିବ୍ୟ ରୂପ ପୂଜାମଣ୍ଡପର ଶୋଭାକୁ ଅଧିକ ଆକର୍ଷଣୀୟ କରିଛି। ମା'ଙ୍କ ଦର୍ଶନ କରି ଶ୍ରଦ୍ଧାଳୁମାନେ ଭକ୍ତି ଓ ଆଧ୍ୟାତ୍ମିକ ଭାବନାରେ ବିଭୋର ହେଉଛନ୍ତି। ପୂଜା ଅବସରରେ ମଣ୍ଡପର ସାଜସଜ୍ଜା ଓ ଆକର୍ଷଣୀୟ ତୋରଣ ଉତ୍ସବର ଶୋଭାକୁ ଦ୍ୱିଗୁଣିତ କରିଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ତୋରଣ ଓ ପୂଜାମଣ୍ଡପର ମନୋରମ ପରିବେଶ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ମା'ଙ୍କ ଆଗମନରେ ଅଞ୍ଚଳରେ ଭକ୍ତି, ଉତ୍ସାହ ଓ ଆନନ୍ଦର ମାହୋଲ ସୃଷ୍ଟି ହୋଇଛି। ପରିବାର ସହ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ମଣ୍ଡପକୁ ଆସୁଥିବା ବେଳେ ପୂଜାର ଆଧ୍ୟାତ୍ମିକ ପରିବେଶ ସମସ୍ତଙ୍କୁ ଆକର୍ଷିତ କରୁଛି। ପୂଜାକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ପରିଚାଳନା କରିବା ପାଇଁ କମିଟି ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁବିଧାଜନକ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱେଚ୍ଛାସେବୀମାନେ ନିୟୋଜିତ ହୋଇଛନ୍ତି। ସେମାନେ ଭକ୍ତମାନଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରାଇବା ସହ ପୂଜାମଣ୍ଡପରେ ସୁବ୍ୟବସ୍ଥା ବଜାୟ ରଖିବାରେ ସହଯୋଗ କରୁଛନ୍ତି। କମିଟିର ଏହି ପ୍ରୟାସ ଯୋଗୁଁ ଶ୍ରଦ୍ଧାଳୁମାନେ ସୁବିଧାରେ ମା'ଙ୍କ ଦର୍ଶନ କରିପାରୁଛନ୍ତି। କେବଳ ପୂଜାର୍ଚ୍ଚନା ନୁହେଁ, ଧାର୍ମିକ ଭାବନା ସହ ସାମାଜିକ ଓ ସାଂସ୍କୃତିକ ଏକତାକୁ ମଜଭୁତ କରିବାରେ ମଧ୍ୟ ଏହି ପୂଜାର ବିଶେଷ ଭୂମିକା ରହିଛି। ଦୀର୍ଘ ବର୍ଷ ଧରି ପାଳିତ ହୋଇଆସୁଥିବା ଏହି ପରମ୍ପରା ଗାଁର ଧାର୍ମିକ ଆସ୍ଥା, ସାମୂହିକ ସହଯୋଗ ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଭାବେ ପରିଚିତ। ପୂଜା ଅବସରରେ ଗାଁର ଲୋକମାନଙ୍କ ମଧ୍ୟରେ ଏକତା ଓ ଭାଇଚାରାର ଭାବନା ଅଧିକ ସୁଦୃଢ଼ ହେଉଛି। ଆଗାମୀ ନବମୀ ଓ ଦଶମୀ ତିଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୂଜାର ଉତ୍ସବମୁଖରତା ଆହୁରି ବୃଦ୍ଧି ପାଇବା ସହ ଅଞ୍ଚଳର କଳା, ସଂସ୍କୃତି ଓ ପାରମ୍ପରିକ ମୂଲ୍ୟବୋଧକୁ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି। ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ପୂଜା ପରମ୍ପରା, ମା'ଙ୍କ ରୂପା ଅଳଙ୍କାରର ଅନନ୍ୟ ଆକର୍ଷଣ, ମନୋରମ ତୋରଣ ଓ ସ୍ୱେଚ୍ଛାସେବୀଙ୍କ ସୁବ୍ୟବସ୍ଥିତ ସହଯୋଗ ଭାଣପୁର ଦୁର୍ଗାପୂଜାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ମା' ଦୁର୍ଗାଙ୍କ ଆଶୀର୍ବାଦ କାମନା କରି ଶ୍ରଦ୍ଧାଳୁମାନେ ମଣ୍ଡପରେ ପହଞ୍ଚୁଥିବା ବେଳେ ସମଗ୍ର ଅଞ୍ଚଳରେ ଭକ୍ତି ଓ ଉତ୍ସାହର ପରିବେଶ ବିରାଜମାନ କରୁଛି।

ଜନମତ

## ବରଗଡ଼ ଜିଲ୍ଲାରେ ବିଜେପି ଓ ବିଜେଡି ମଧ୍ୟରେ ବାକ୍‌ଯୁଦ୍ଧ ତୀବ୍ର

ବରଗଡ଼:(ଆଦ୍ୟାଶ ଲାଇଭ୍): ବରଗଡ଼ ଜିଲ୍ଲାରେ ବିଜେପି ଏବଂ ବିଜେଡି ନେତାଙ୍କ ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ଚରମସୀମାରେ ପହଞ୍ଚିଛି। ଜିଲ୍ଲାର ବିଭିନ୍ନ ବିକାଶମୂଳକ ଯୋଜନା, ଜିଲ୍ଲା ପରିଷଦ ଅନୁଦାନର ବିନିଯୋଗ ଏବଂ ଚାଷୀଙ୍କ ବିଭିନ୍ନ ସମସ୍ୟାର ଶ୍ରେୟ ନେବାକୁ ନେଇ ଉଭୟ ଦଳର ନେତୃବୃନ୍ଦ ମୁହାଁମୁହିଁ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗ୍ରାମାଞ୍ଚଳ ବିକାଶ ପାଇଁ ଆସୁଥିବା ସରକାରୀ ପାଣ୍ଠିର ସଠିକ୍ ଉପଯୋଗ ହେଉନଥିବା ଏବଂ ସ୍ଥାନୀୟ ପ୍ରଶାସନିକ କାର୍ଯ୍ୟରେ ପକ୍ଷପାତିତା କରାଯାଉଥିବା ନେଇ ବିଜେଡି ପକ୍ଷରୁ ଗୁରୁତର ଅଭିଯୋଗ ଅଣାଯାଇଛି। ବିଜେଡି ନେତାମାନଙ୍କ କହିବାନୁସାରେ, ପୂର୍ବତନ ସରକାରଙ୍କ ସମୟରେ ଅନୁମୋଦିତ ହୋଇଥିବା ଅନେକ ଜନକଲ୍ୟାଣକାରୀ ପ୍ରକଳ୍ପକୁ ବର୍ତ୍ତମାନର ସରକାର ନିଜର ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି। ଏହାସହିତ ମଣ୍ଡି ପରିଚାଳନା ଓ ଚାଷୀଙ୍କୁ ସହାୟତା ଯୋଗାଇବାରେ ବିଜେପି ନେତୃତ୍ୱାଧୀନ ପ୍ରଶାସନ ବିଫଳ ହୋଇଥିବା ବିଜେଡି ଅଭିଯୋଗ କରିଛି। ଅନ୍ୟପଟେ, ବିଜେପି ପକ୍ଷରୁ ଏହି ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରାଯାଇଛି। ବିଜେପି ନେତାମାନେ ପାଲଟା ଆକ୍ରମଣ କରି କହିଛନ୍ତି ଯେ, ବିଜେଡି ନିଜର ଦୀର୍ଘ ଦିନର ଶାସନ କାଳରେ ଜିଲ୍ଲାର ମୌଳିକ ସମସ୍ୟାର ସମାଧାନ କରିବାରେ ଅସମର୍ଥ ହୋଇଥିଲା। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ବରଗଡ଼ରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବା ଦେଖି ବିଜେଡି ନେତାମାନେ ନିରାଶ ହୋଇ ଏଭଳି ଭିତ୍ତିହୀନ ବକ୍ତବ୍ୟ ଦେଉଛନ୍ତି। ରାଜନୈତିକ ସାଂଗଠନିକ ଶକ୍ତି ପ୍ରଦର୍ଶନ ପାଇଁ ଉଭୟ ଦଳ ଜିଲ୍ଲାର ଭଟଲି, ଅତାବିରା, ପଦ୍ମପୁର, ବିଜେପୁର ଓ ସୋହେଲା ଅଞ୍ଚଳରେ ବାରମ୍ବାର କର୍ମୀ ସମ୍ମିଳନୀ ଓ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରୁଛନ୍ତି। ଉଭୟ ଦଳର ଏହି ଆରୋପ-ପ୍ରତ୍ୟାରୋପ ଯୋଗୁଁ ଜିଲ୍ଲା ରାଜନୀତି ଅତ୍ୟନ୍ତ ଗରମ ହୋଇଉଠିଛି।

## ଝଲସିବ ଚୌଦ୍ୱାରର ମୁଖ୍ୟ ପ୍ରବେଶ ପଥ, ନୂଆ ରୂପରେ ଦେଖାଦେବ ବିଜୁ ପଟ୍ଟନାୟକ ପାର୍କ



ଚୌଦ୍ୱାର:(ଶିବବ୍ରତ ଦାସ): ପୌର ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭାଙ୍କ ନେତୃତ୍ୱରେ ଚୌଦ୍ୱାର ସହରର ପରିଚୟ ଓ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଦିଗରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ବିରୂପା ନଦୀ କୂଳରେ ଅବସ୍ଥିତ ବିଜୁ ପଟ୍ଟନାୟକ ପାର୍କର ରୂପରେଖ ବଦଳିବାକୁ ଯାଉଥିବାବେଳେ ଏହାର ଉନ୍ନତିକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବା ନେଇ ଆଶା ପ୍ରକାଶ ପାଇଛି। ପାର୍କର ନୂତନ ରୂପ ସହରର ମୁଖ୍ୟ ପ୍ରବେଶ ପଥକୁ ଅଧିକ ଆକର୍ଷଣୀୟ କରିବା ସହ ଚୌଦ୍ୱାରର ସୌନ୍ଦର୍ଯ୍ୟକୁ ନୂଆ ପରିଚୟ ଦେବ ବୋଲି ଆଶା କରାଯାଉଛି।ବିରୂପା ନଦୀର ମନୋରମ ପରିବେଶ ମଧ୍ୟରେ ଥିବା ଏହି ପାର୍କ ଚୌଦ୍ୱାର ସହରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏହାର ଉନ୍ନତିକରଣ ହେଲେ ସହରବାସୀଙ୍କୁ ଏକ ଉନ୍ନତ ଓ ଆକର୍ଷଣୀୟ ପରିବେଶ ମିଳିବା ସହ ବାହାରୁ ଆସୁଥିବା ଲୋକଙ୍କ ମନରେ ମଧ୍ୟ ଚୌଦ୍ୱାରର ଏକ ସୁନ୍ଦର ଛବି ସୃଷ୍ଟି ହେବ।ଚୌଦ୍ୱାର ପୌରପାଳିକାର ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ସମେତ ସମସ୍ତ ପାରିଷଦଙ୍କ ଉପସ୍ଥିତିରେ ନୂତନ ରୂପ ନେବାକୁ ଯାଉଥିବା ଏହି ପାର୍କ ସହରର ବିକାଶର ଏକ ନୂଆ ପରିଚୟ ହେବ ବୋଲି ଆଶା କରାଯାଉଛି। ପାର୍କର ଉନ୍ନତିକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟରେ ଶେଷ ହେଲେ ଚୌଦ୍ୱାରର ମୁଖ୍ୟ ପ୍ରବେଶ ପଥ ଅଧିକ ଆକର୍ଷଣୀୟ ହେବ।ତେବେ ଏହି ପ୍ରକଳ୍ପରେ କେଉଁ କେଉଁ ନୂତନ ସୁବିଧା ସାମିଲ ହେବ ଏବଂ କାର୍ଯ୍ୟ କେବେଠାରୁ ଆରମ୍ଭ ହୋଇ କେବେ ଶେଷ ହେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ସହରବାସୀଙ୍କ ଆଶା, ଏହି ପାର୍କର ନବୀକରଣ ଚୌଦ୍ୱାରର ସୌନ୍ଦର୍ଯ୍ୟ ବୃଦ୍ଧି ସହ ସହରର ବିକାଶକୁ ନୂଆ ଦିଗ ଦେବ।

## କର୍ପୋରେଟର ମମତା ମହାନ୍ତି ଜବାବ ଘାଇଲା ହେଲେ ବିରୋଧୀ, କ୍ଲିନଚିଟ ଦେଲେ ୱାର୍ଡବାସୀ

କଟକ ବ୍ୟୁରୋ :ରାଜନୀତିରେ ଅଭିଯୋଗ କରିବା ସହଜ, କିନ୍ତୁ ତଥ୍ୟ ଓ ଦସ୍ତାବିଜ ଆଧାରରେ ସତ୍ୟକୁ ସ୍ପଷ୍ଟ କରିବା ହିଁ ଜଣେ ଦାୟିତ୍ୱସମ୍ପନ୍ନ ଜନପ୍ରତିନିଧିଙ୍କ ପରିଚୟ। କଟକ ମହାନଗର ନିଗମର ୫୯ ନମ୍ବର ୱାର୍ଡରେ ନୂଆ କାଚରାମାଳ ଗ୍ରାମର ଯାତ୍ରା ପଡ଼ିଆରେ ବାଲି ପୋତା କାର୍ଯ୍ୟକୁ ନେଇ ଉଠିଥିବା ବିବାଦରେ ସ୍ଥାନୀୟ ବିଜେପି କର୍ପୋରେଟର ମମତା ମହାନ୍ତି ନିଜ ପକ୍ଷରେ ତଥ୍ୟ ଉପସ୍ଥାପନ କରି ଚର୍ଚ୍ଚାକୁ ଆସିଛନ୍ତି। ସମ୍ପୃକ୍ତ କାର୍ଯ୍ୟରେ ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ଆତ୍ମସାତ ହୋଇଥିବା ବିଜେଡି ପକ୍ଷରୁ ଗୁରୁତର ଅଭିଯୋଗ ଅଣାଯାଇଥିଲା। ଏହି ଅଭିଯୋଗରେ ବିଭାଗୀୟ ଅଧିକାରୀ, ସ୍ଥାନୀୟ କର୍ପୋରେଟର ଓ ଠିକାଦାରଙ୍କୁ ଦାୟୀ କରାଯାଇଥିବାବେଳେ, ମମତା ମହାନ୍ତି ଚୁପ୍ ନରହି ବିଭାଗୀୟ ଦସ୍ତାବିଜ ସହ ନିଜ ପକ୍ଷ ରଖିଛନ୍ତି। ତାଙ୍କର ଏହି ପଦକ୍ଷେପ ଅଭିଯୋଗର ସତ୍ୟାସତ୍ୟ ନେଇ ନୂଆ ଆଲୋଚନା ସୃଷ୍ଟି କରିଛି। କର୍ପୋରେଟର ଶ୍ରୀମତୀ ମହାନ୍ତି କେଏମ୍‌ସିର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ସ୍ୱାକ୍ଷର ଥିବା ଦସ୍ତାବିଜ ଦେଖାଇ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଦ୍ୱାରା ଉପସ୍ଥାପିତ ରେକର୍ଡ ଅନୁଯାୟୀ ସମ୍ପୃକ୍ତ କାର୍ଯ୍ୟ ହୋଇନାହିଁ ଏବଂ ଏଥିପାଇଁ ବିଲ୍ ମଧ୍ୟ ହୋଇନାହିଁ। ଏହି ଦସ୍ତାବିଜ ଦେଖାଇ ସେ ଅର୍ଥ ଆତ୍ମସାତ ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିବା ସହ ନିଜ ଉପରେ ଲଗାଯାଇଥିବା ଆରୋପର ଆଧାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଜଣେ ଜନପ୍ରତିନିଧିଙ୍କ ପାଇଁ ନିଜ ପକ୍ଷରେ ତଥ୍ୟ ରଖିବା ଓ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟୀକରଣ ଦେବା ଏକ ସକାରାତ୍ମକ ପଦକ୍ଷେପ। ମମତା ମହାନ୍ତିଙ୍କ ପକ୍ଷରୁ ଦସ୍ତାବିଜ ଉପସ୍ଥାପନ ଏହି ବିବାଦରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଜବାବ ଭାବେ ଦେଖାଯାଉଛି। କେବଳ ରାଜନୈତିକ ଅଭିଯୋଗ ଉପରେ ନିଷ୍କର୍ଷରେ ପହଞ୍ଚିବା ପରିବର୍ତ୍ତେ ସରକାରୀ ରେକର୍ଡ ଓ ତଥ୍ୟକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ତାଙ୍କ ପକ୍ଷରୁ ରଖାଯାଇଥିବା ଯୁକ୍ତି ସୂଚାଇ ଦେଉଛି। ଶ୍ରୀମତୀ ମହାନ୍ତି କହିଛନ୍ତି ଯେ, ଅଭିଯୋଗକାରୀ ଦଳ ଚାହିଁଥିଲେ ମେୟରଙ୍କଠାରୁ ମଧ୍ୟ ଏ ସମ୍ପର୍କରେ ସ୍ପଷ୍ଟୀକରଣ ନେଇପାରିଥାନ୍ତା କାରଣ ମେୟର ତାଙ୍କ ଦଳର । କିନ୍ତୁ ତଥ୍ୟ ଯାଞ୍ଚ ନକରି ତାଙ୍କ ବିରୋଧରେ ଅଭିଯୋଗ ଆଣିବା ପଛରେ ରାଜନୈତିକ ଅଭିସନ୍ଧି ରହିଥିବା ସେ ଆଶଙ୍କା ପ୍ରକାଶ କରିଛନ୍ତି। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ଓ ତାଙ୍କ ବ୍ୟକ୍ତିଗତ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବାର ଉଦ୍ୟମ ହେଉଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ମୋହନ ସରକାରଙ୍କ ଶାସନରେ ମିଥ୍ୟା ବିଲ୍ ପ୍ରସ୍ତୁତ ହୁଏନାହିଁ ବୋଲି ଦୃଢ଼ ମତ ରଖିବା ସହ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ, ଜନସାଧାରଣଙ୍କ ଆଗରେ ସତ୍ୟ ଉପସ୍ଥାପନ କରିବା ହିଁ ତାଙ୍କର ଉଦ୍ଦେଶ୍ୟ। ଏହି ପ୍ରସଙ୍ଗରେ ତାଙ୍କର ସ୍ପଷ୍ଟୀକରଣ ଓ ଦସ୍ତାବିଜ ଉପସ୍ଥାପନ ତାଙ୍କ ପକ୍ଷକୁ ମଜବୁତ କରିଥିବା ବେଳେ ବିରୋଧୀଙ୍କ ଅଭିଯୋଗର ଆଧାରକୁ ନେଇ ପ୍ରଶ୍ନ ଉଠିଛି। ଏହି ପ୍ରେସ୍‌ମିଟ୍‌ରେ କଟକ ସଦର ବିଧାୟକଙ୍କ ପ୍ରତିନିଧି ସ୍ୱାଧୀନ ମହାନ୍ତିଙ୍କ ସମେତ ସ୍ଥାନୀୟ ବାସିନ୍ଦା କିଶୋର ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ପ୍ରଶାନ୍ତ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ଆଲୋକ ବେହେରା ଓ ଅଭିଷେକ ଦାସ ଉପସ୍ଥିତ ଥିଲେ। ୱାର୍ଡ ନଂ-୫୯ର ଏହି ଘଟଣାରେ ଅଭିଯୋଗ ଓ ପ୍ରତିଅଭିଯୋଗ ମଧ୍ୟରେ ମମତା ମହାନ୍ତିଙ୍କ ଦସ୍ତାବିଜ ଆଧାରିତ ସ୍ପଷ୍ଟୀକରଣ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ। ରାଜନୈତିକ ଆରୋପ-ପ୍ରତ୍ୟାରୋପ ଅପେକ୍ଷା ସରକାରୀ ରେକର୍ଡ ଓ ପ୍ରମାଣକୁ ଆଧାର କରି ସତ୍ୟ ନିର୍ଣ୍ଣୟ କରିବା ହିଁ ଗଣତନ୍ତ୍ରର ସୁସ୍ଥ ପରମ୍ପରା।

Adyasha masthead
PRGI No. ORORI/25/A0506 | Daily Edition | Email : adyashalive@gmail.com
BHUBANESWAR | Vol. 02 | Issue 12 | ଶୁକ୍ରବାର, ୨୩ ଅକ୍ଟୋବର ୨୦୨୬ | ପୃଷ୍ଠା ୦୫ Rs. 7

ଆଜିର ପ୍ରମୁଖ

## ମା ଉତ୍ତରା ମୁଖି ଫାଉଣ୍ଡେସନ ଦଶହରା ପର୍ବ କୁ ନିଆରା ଢଙ୍ଗ ରେ ପାଳନ କରିଲେ



ଭୁବନେଶ୍ୱର:(ଆଦ୍ୟାଶ ଲାଇଭ୍):ଦଶହରା ପର୍ବ ତ ଆସିଲେ ସମସ୍ତେ ବହୁତ ଖୁସି ହୁଅନ୍ତି ଆଉ ଆନନ୍ଦ ମନରେ ନୂଆ ପୋଷାକ ପିନ୍ଧି ବାହାରି ପଡନ୍ତି ମା ଦୁର୍ଗା ଙ୍କ ବିଭିନ୍ନ ଜାଗା ରେ ପୂଜା ପାଉଥିବା ପୂଜା ମଣ୍ଡପ କୁ ବୁଲିବାକୁ ନିଜ ପରିବାର ଆଉ ବନ୍ଧୁ ବାନ୍ଧବ ଙ୍କ ସହିତ ହେଲେ ସାମାଜିକ ଅନୁଷ୍ଠାନ ମା ଉତ୍ତରା ମୁଖି ଫାଉଣ୍ଡେସନ ର ସମସ୍ତ କାର୍ଯ୍ୟ କର୍ତ୍ତା ବିଚାର କରିଲେ ଆମେ ତ ହସ ଖୁସି ରେ ଦଶହରା ପାଳନ କରିପାରିବା ହେଲେ ଏଥର ଆମେ ଏକ ବୃଦ୍ଧା ଆଶ୍ରମ ରେ ଥିବା ମା, ବାପା ଙ୍କ ସହିତ ପାଳନ କରିବା କାରଣ ସେ ଭି ଦିନେ ଦଶହରା ପର୍ବ କୁ ବହୁତ ଖୁସି ରେ ପାଳନ କରିଥିବେ ଆଜି ପରିସ୍ଥିତି ତାଙ୍କୁ ଆଜି ବୃଦ୍ଧା ଆଶ୍ରମ ଘର ସିନା ହେଇଚି? ପୁଣି ତାଙ୍କ ମୁହଁ ରେ ହସ ଟିକେ ଏ ଦଶହରା ପର୍ବ ଫୁଟେଇବା ପାଇଁ ଚେଷ୍ଟା କରିବା ପାଇଁ ଖୋଜି ଖୋଜି ଯାଇ ପହଂଚି ଥିଲେ ଭୁବନେଶ୍ୱର ସମ ମେଡିକାଲ ନିକଟରେ ଥିବା ଭରତ ପୁର ର ମୋ ଘର ବୃଦ୍ଧା ଆଶ୍ରମ ରେ ସେଠି ରହୁଥିବା ମା ବାପାଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିବା ସହିତ ତାଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜ କରି ତାଙ୍କ ସହିତ ଦଶହରା ପର୍ବ କୁ ଅତି ଆନନ୍ଦ ରେ ପାଳନ କରିଥିଲେ! ଅନୁଷ୍ଠାନ ର ମୂଳ ଲକ୍ଷ ଦୁଃଖୀ ର ମୁହଁ ରେ ଖୁସି ବାଣ୍ଟିବା ଆଉ ଏ ଦଶହରା ପର୍ବ କୁ ଅତି ଆନନ୍ଦ ସହିତ ପାଳନ କରିବା ମା ଉତ୍ତରା ମୁଖି ଫାଉଣ୍ଡେସନ ତରଫରୁ ଓଡିଶା ବାସୀ ଙ୍କୁ ଅନେକ ଶୁଭେଚ୍ଛା ଓ ଶୁଭ କାମନା ଜଣାଉଛୁ!

## ଧର୍ମପ୍ରାଣ ପୁରୁଷ ଭାସ୍କର ଦାସଙ୍କ ଏକାଦଶାହରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା

ମାହାଙ୍ଗା:(ଆଦ୍ୟାଶ ଲାଇଭ୍): ମାହାଙ୍ଗା ବ୍ଲକ୍ କୁହୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଧର୍ମପ୍ରାଣ ପୁରୁଷ ତଥା ମା' ସୁନୁପେଇଙ୍କ ପରମ ସେବକ ସ୍ୱର୍ଗତ ଭାସ୍କର ଦାସଙ୍କ ଏକାଦଶାହ ତିଥି ଅବସରରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।ଏହି ଶ୍ରଦ୍ଧାଞ୍ଜଳି ସଭା ସାହିତ୍ୟିକ ଡକ୍ଟର ଅଖିଳେଶ ପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ଦାସ ଜଣେ ପରୋପକାରୀ, ସଦାଚାରୀ ଏବଂ ଉଚ୍ଚ ଆଧ୍ୟାତ୍ମିକ ଚିନ୍ତାଧାରାର ବ୍ୟକ୍ତିତ୍ୱ ଥିଲେ। ତାଙ୍କର ସରଳ ଜୀବନଶୈଳୀ ଓ ସମାଜସେବା ଅଞ୍ଚଳବାସୀଙ୍କ ପାଇଁ ସଦା ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ ବୋଲି ସଭାରେ ଉପସ୍ଥିତ ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ।ଏହି ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ସାହିତ୍ୟିକ ପ୍ରଶାନ୍ତ କୁମାର କର, ସମାଜସେବୀ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଦାଶ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରତାପ କିଶୋର ନାୟକ, ପ୍ରଧାନଶିକ୍ଷକ ଭାରତ ଭୂଷଣ ଦାସ, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ କୁମାର ପାତ୍ର, ପୂର୍ବତନ ସରପଞ୍ଚ ହେମନ୍ତ କୁମାର ପ୍ରଧାନ, ଗୟାଧର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।ସମଗ୍ର କାର୍ଯ୍ୟକ୍ରମକୁ ମହେନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ଚିତ୍ତ ରଞ୍ଜନ ଦାସ, ବାସବ ବେହେରା, ମାୟାଧର ସାହୁ, କ୍ଷୀରୋଦ ଦାସ, ରାମଚନ୍ଦ୍ର ବେହେରା, ଜଗବନ୍ଧୁ ମହାନ୍ତି, ଶକ୍ତିକାନ୍ତ ପରିଡ଼ା, ଚନ୍ଦ୍ରକାନ୍ତ ପରିଡ଼ା, ଜୟନ୍ତ ଦାସ ପ୍ରମୁଖ ସକ୍ରିୟ ଭାବେ ପରିଚାଳନା କରିଥିଲେ। ଏହି ସଭାରେ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



## ଧର୍ମପ୍ରାଣ ବ୍ୟକ୍ତିଙ୍କ ବିୟୋଗରେ ଶୋକ



ମାହାଙ୍ଗା - ପୂର୍ବ ମାହାଙ୍ଗା ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ବନ୍ତଳା ଗ୍ରାମର ଆଧ୍ୟାତ୍ମିକବାଦୀ ମଣିଷ, ସାଲେପୁର କୋର୍ଟରେ କାର୍ଯ୍ୟରତ ବରିଷ୍ଠ ଆଇନଜୀବୀଙ୍କ ଗହଣରେ ଦୀର୍ଘ ବର୍ଷ ଧରି ମୋହରିଅର ଭାବେ ନିଷ୍ଠାର ସହିତ କାମ କରିଥିବା ବ୍ୟକ୍ତିତ୍ୱ ବ୍ରଜ ସୁନ୍ଦର ସାମଲଙ୍କ ଦେହାନ୍ତରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ,ଧର୍ମପ୍ରାଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ୨ ଦିନ ତଳେ ବ୍ରେନ ଷ୍ଟ୍ରୋକରେ ଶୀକାର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ମଧ୍ୟ ତାଙ୍କର ବ୍ରେନ ଅପରେସନ କରାଯାଇଥିଲା । ମାତ୍ର ମଙ୍ଗଳବାର ମଧ୍ୟାହ୍ନରେ ସଦଗୁରୁ ହସ୍ପିଟାଲ ଜଗତପୁର ଠାରେ ତାଙ୍କର ମୃତ୍ୟୁ ଘଟିବା ସୂଚନା ମିଳିଛି । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ସେବକ,ମହତ ପୁରୁଷ ବ୍ରଜ ସୁନ୍ଦରଙ୍କ ଅମର ଅମୃତ ଅମ୍ଳାନ ଆତ୍ମାର ସଦଗତି ପାଇଁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ପ୍ରାର୍ଥନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସ୍ବର୍ଗତ ବ୍ରଜସୁନ୍ଦରଙ୍କ ପାର୍ଥିବ ଶରୀରକୁ ମୁକ୍ତି ରଥରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ପରିବାର,ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ଅନ୍ତିମ ସତ୍କାର କରାଯାଇଛି ।

# ହରିଚନ୍ଦନପୁର ବାଉଁଶ ବାହାଲୀ ଗ୍ରାମରେ ନିୟାରା ଦଶହରା ପର୍ବପାଳନ



ଘଟଗାଁ (ଆଦ୍ୟାଶ ଲାଇଭ୍): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ବାଉଁଶବାହାଳି ଗ୍ରାମରେ ଅତ୍ୟନ୍ତ ନିଆରା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଦଶହରା ପର୍ବ ଆନନ୍ଦଉଲ୍ଲାସର ସହ ପାଳିତ ହୋଇଯାଇଛି। ନିଜସ୍ୱ ପରମ୍ପରା, ନିଷ୍ଠା, ଆସ୍ଥା ଓ ଦୃଢ଼ ବିଶ୍ୱାସକୁ ଆଧାର କରି ଦୀର୍ଘ ୪୦ ବର୍ଷ ଧରି ଏହି ଗ୍ରାମରେ ଏହି ସ୍ୱତନ୍ତ୍ର ପୂଜା ପାରମ୍ପରିକ ରୀତିନୀତି ଅନୁସାରେ ଆୟୋଜିତ ହୋଇଆସୁଛି।ଆଧୁନିକତାର ସ୍ପର୍ଶ ସତ୍ତ୍ୱେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ପିଢ଼ି ପରେ ପିଢ଼ି ଧରି ନିଜର ଏହି ପୂର୍ବପୁରୁଷଙ୍କ ପରମ୍ପରା ଓ ସଂସ୍କୃତିକୁ ଜୀବିତ ରଖିପାରିଛନ୍ତି। ଆଜି ବି ସେହି ପୁରାତନ ରୀତିନୀତି, ଶ୍ରଦ୍ଧା ଓ ନିଷ୍ଠାର ସହ ଏଠାରେ ପୂଜାର୍ଚ୍ଚନା କରାଯାଉଛି।ଏହି ପାରମ୍ପରିକ ଦଶହରା ପର୍ବର ଏକ ସ୍ୱତନ୍ତ୍ର ବିଶେଷତ୍ୱ ଓ ରହସ୍ୟ ରହିଛି। ସୂଚନାଯୋଗ୍ୟ ଯେ, ମୁଖ୍ୟ ପୂଜା ଆରମ୍ଭ ହେବା ପୂର୍ବରୁ ସାଧକ ଓ ପୂଜକମାନଙ୍କ ଦ୍ୱାରା ଦୀର୍ଘ ସାତ ଦିନ ଧରି ଗହନ ଜଙ୍ଗଲ ମଧ୍ୟରେ ସ୍ୱତନ୍ତ୍ର ତପସ୍ୟା ଓ କଠୋର ସାଧନା କରାଯାଇଥାଏ। ଏହି ସାଧନା ସମ୍ପୂର୍ଣ୍ଣ ହେବା ପରେ ଦଶହରାର ଦୁଇ ଦିନ ପୂର୍ବରୁ ଆଖପାଖ ଅଞ୍ଚଳ ତଥା ବିଭିନ୍ନ ଦୂରଦୂରାନ୍ତରୁ ଅସଂଖ୍ୟ ଭକ୍ତ ଓ ଶ୍ରଦ୍ଧାଳୁ ଆସି ବାଉଁଶବାହାଳି ଗ୍ରାମରେ ପହଞ୍ଚିଥାନ୍ତି।ସମସ୍ତ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଏହି ପାରମ୍ପରିକ ପୂଜାପର୍ବ ଓ ସାଂସ୍କୃତିକ ଗହଣାରେ ସାମିଲ ହୋଇ ପ୍ରଭୁଙ୍କ କୃପା ଲାଭ କରିବା ସହ ଗ୍ରାମର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ଆଦିବାସୀ ସଂସ୍କୃତିର ଏହି ଅନନ୍ୟ ପରମ୍ପରା ସମଗ୍ର କେନ୍ଦୁଝର ଜିଲ୍ଲାରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛି।

ଜିଲ୍ଲାରୁ ସିଧା ରିପୋର୍ଟ

# ଚିର ନିଦ୍ରାରେ ଶତାୟୁ ସୁନାକର, ଶବଧାରରେ ବନ୍ଧୁ ପରିଜନ

ମାହାଙ୍ଗା:୨୧/୧୦:ବିରୂପା ଗେଙ୍ଗୁଟି ଦୁଆବ ଅଂଚଳର ଜଣେ ସଫଳ ମଣିଷ, ଧର୍ମପ୍ରାଣ ପୁରୁଷ ସୁନାକର ବେହେରାଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ଘଟିଛି । ତାଙ୍କ ବିୟୋଗରେ କୁହୁଣ୍ଡା ଗ୍ରାମ ପଞ୍ଚାୟତରେ ଶୋକର ଛାୟା ଖେଳି ଯାଇଛି । ସୁନାକର ଡାକ ବିଭାଗରୁ ଅବସର ଗ୍ରହଣ କରିଥିଲେ । ଜଣେ ସଫଳ ଚାଷୀ ଭାବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ସେ ବେଶ ପରିଚିତ ଥିଲେ । ଅଭିଜ୍ଞ ଅମିନ ଭାବେ ତାଙ୍କର ସୁଖ୍ୟାତି ଓ ସୁନାମ ରହିଛି । ଗାଁରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ସବୁବେଳେ ଆଗରେ ଥାଆନ୍ତି । ଏହି ଶତାୟୁ ପୁରୁଷ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଚଳ ଚଞ୍ଚଳ ଥିଲେ । ଏହି ବହୁମୁଖୀ ପ୍ରତିଭାର ଅଧିକାରୀ ସ୍ବର୍ଗତ ବେହେରା ତାଙ୍କ କର୍ମମୟ ଜୀବନରେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି । ମଙ୍ଗଳବାର ଦିନ ସେ ହଠାତ ଅସୁସ୍ଥ ହେବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେହିଦିନ ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ଘଟିଥିଲା । ବୁଧବାର ସକାଳୁ ଏହି ଶତାୟୁ ପୁରୁଷଙ୍କ ପାର୍ଥିବ ଶରୀରକୁ ନଗର ପରିକ୍ରମା କରାଯିବା ପରେ ବିରୂପା ନଦୀ ତଟ ସ୍ମଶାନରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିଲା । ବଡପୁଅ ରାମଚନ୍ଦ୍ର ବେହେରା ମୁଖାଗ୍ନି ଦେଇଥିବା ବେଳେ, ମଧ୍ୟମ ପୁତ୍ର ହେମନ୍ତ କୁମାର ବେହେରା, କନିଷ୍ଠ ପୁତ୍ର ଇଞ୍ଜିନିଅର ପ୍ରଫୁଲ୍ଲ କୁମାର ବେହେରା, ଭାଇ ଗୁନାକର ବେହେରା, ଦୀନବନ୍ଧୁ ବେହେରା, ନବଘନ ବେହେରା, ପୁତୁରା ଚକ୍ରଧର ବେହେରା, ଶରତ ବେହେରା, ପ୍ରତାପ କିଶୋର ବେହେରା, ପ୍ରଣବ କିଶୋର ବେହେରା, ପ୍ରଭାସ କିଶୋର ବେହେରା, ନାତି ସ୍ମୃତିରଞ୍ଜନ ବେହେରା, ଅଚ୍ୟୁତ କୁମାର ବେହେରା, ଜ୍ୱାଇଁ ସନାତନ ବେହେରା , ସନ୍ତୋଷ କୁମାର ବେହେରା, ଇନ୍ଦ୍ରମଣି ଦାସ, ଲକ୍ଷ୍ମଣ ବେହେରା, ଭାଗ୍ୟଧର ଦାସ,କ୍ଷୀରୋଦ ଚନ୍ଦ୍ର ଦାସ,ସମାଜସେବୀ ଅଖିଳେଶ ପଦ ମହାନ୍ତି ପ୍ରମୁଖ ପାର୍ଥିବ ଦେହକୁ କାନ୍ଧ ଦେଇଥିଲେ । ରବୀନ୍ଦ୍ର ଦାସ,ଅପର୍ତ୍ତୀ ବେହେରା, ସୁଦାମ ପଲେଇ, ଦାମୋଦର ପଲେଇ,ରାଜେଶ ବେହେରା,ହେମନ୍ତ ପ୍ରଧାନ, ସୁଶାନ୍ତ ଦାସ, ରାମଚନ୍ଦ୍ର ମହାପାତ୍ର, ଅଲେଖ ଚନ୍ଦ୍ର ଦାସ, ମାଗୁଣି ସାମଲ, ଭାରତ ଭୂଷଣ ଦାସ, ସୁବାସ ବେହେରା,ସରୋଜ ଦାସ, ରାକେଶ ବେହେରା, ସୁମନ୍ତ ପଲେଇ, ଅଞ୍ଜନ ବେହେରା, ମନୋଜ ଦାସ, ବିଳାସ ବେହେରା, ନିରଞ୍ଜନ ମୁଦୁଲି,ବ୍ରଜବନ୍ଧୁ ପଲେଇ, ପ୍ରମୁଖ ସ୍ମଶାନ ଘାଟରେ ପହଂଚି ସ୍ବର୍ଗତ ବେହେରାଙ୍କ ଅନ୍ତିମ ଦର୍ଶନ ପୂର୍ବକ ଗଭୀର ଶୋକବ୍ୟକ୍ତ କରିଥିଲେ । ଏହି ଦୁଃଖଦଃ ଘଟଣାରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ସୁନାକାରଙ୍କ ବାସଭବନରେ ପହଂଚି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।



## ରାଜଗାଙ୍ଗପୁର ରେଳଷ୍ଟେସନ ଠାରେ ଜନ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ



ରାଜଗାଙ୍ଗପୁର:ରେଳଷ୍ଟେସନ ର ବିଭିନ୍ନ ସମସ୍ୟା କୁ ନେଇ କେନ୍ଦ୍ର ସରକାରଙ୍କ ରେଳ ବିଭାଗ ପକ୍ଷରୁ ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ ଅନ୍ତର୍ଗତ ଆପଣଙ୍କ କଥା ଆମର ଉଦ୍ୟମ କାଲିର ଭବିଷ୍ୟତ ସମ୍ବନ୍ଧରେ ଜନସାଧାରଣଙ୍କ ବିଭିନ୍ନ ପ୍ରକାରର ସମସ୍ୟା କୁ ନେଇ ଜନ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ସ୍ଥାନୀୟ ବାସିନ୍ଦା ଓ ରେଳ ଯାତ୍ରୀ ଙ୍କ ମତାମତ ମୌଖିକ ଓ ଲିଖିତ ଅଭିଯୋଗ ଗ୍ରହଣ କରାଯାଇ ସମସ୍ୟା ସମ୍ପର୍କରେ ରେଳ ବିଭାଗ ଉଚ୍ଚ କର୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପସ୍ଥିତ ଅଧିକାରୀ ସୂଚନା ଦେଇଥିଲେ। ରାଜଗାଙ୍ଗପୁର ରୁ ଦେବବ୍ରତ ମିତ୍ର ଙ୍କ ରିପୋର୍ଟ

## ଜଗତସିଂହପୁରରେ ଭବ୍ୟ ରାବଣ ପୋଡ଼ି ଉତ୍ସବ

ଜଗତସିଂହପୁର: ଅସତ୍ୟ ଉପରେ ସତ୍ୟର ବିଜୟ ଏବଂ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ପବିତ୍ର ରାବଣ ପୋଡ଼ି ଉତ୍ସବ ଜଗତସିଂହପୁରରେ ମହାଆଡ଼ମ୍ବରରେ ପାଳିତ ହୋଇଛି। ଏହି ଭବ୍ୟ ଉତ୍ସବକୁ ଉପଭୋଗ କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଫଳରେ ସମଗ୍ର ପଡ଼ିଆ ଜନସମୁଦ୍ରରେ ପରିଣତ ହୋଇଥିଲା। ଶ୍ରୀରାମ କ୍ଲବ୍ ପକ୍ଷରୁ ସମ୍ପାଦକ ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ ଓ ଉପଜିଲ୍ଲାପାଳ ସତ୍ୟବ୍ରତ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ଅତିଥିମାନଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହାପରେ ରାମାୟଣର ବିଭିନ୍ନ ଘଟଣାକୁ ନେଇ ଆକର୍ଷଣୀୟ ମଞ୍ଚ ପରିବେଷଣ ଆରମ୍ଭ ହୋଇଥିଲା। ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ପରିବେଷିତ 'ରାବଣ ବଧ' ନାଟକ ଦର୍ଶକଙ୍କ ମନ ମୋହିଥିଲା। ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତା, ପ୍ରଭୁ ହନୁମାନ ଓ ରାବଣଙ୍କ ଭୂମିକାରେ କଳାକାରମାନଙ୍କ ଜୀବନ୍ତ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ତେବେ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ରାବଣ ବଧ ଓ ରାବଣ ପୋଡ଼ି। ପ୍ରଭୁ ଶ୍ରୀରାମଙ୍କ ତୀରରେ ରାବଣର ପତନ ସହିତ ଅଧର୍ମ ଉପରେ ଧର୍ମ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ବାର୍ତ୍ତା ପ୍ରତିଫଳିତ ହୋଇଥିଲା। ଏହାପରେ ଆକାଶରେ ରଙ୍ଗବେରଙ୍ଗର ଆତସବାଜି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପାରମ୍ପରିକତା, ଧାର୍ମିକ ଭାବନା ଓ ସାମାଜିକ ଏକତାର ପ୍ରତୀକ ଏହି ଉତ୍ସବରେ ଶିଶୁଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହୋଇଥିଲେ। ଭକ୍ତି, ଉତ୍ସାହ ଓ ଆନନ୍ଦମୟ ପରିବେଶ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ଭବ୍ୟ ରାବଣ ପୋଡ଼ି ଉତ୍ସବର ପରିସମାପ୍ତି ଘଟିଥିଲା। ଜଗତସିଂହପୁର ରୁ ଦୁର୍ଗା ପ୍ରସାଦ ସ୍ୱାଇଁ ଙ୍କ ରିପୋର୍ଟ, ଅଦ୍ୟାସା LIVE।



ମାଟିର ଖବର

# ମାଁ ଦୁର୍ଗାଙ୍କ ପୂଜା ଶେଷ



କଲ୍ୟାଣସିଂହପୁର :(ଆଦ୍ୟାଶ ଲାଇଭ୍ – ୨୧/୧୦, ତ୍ରିନାଥ ବିବର): ରାୟଗଡ଼ା ଜିଲ୍ଲାର ଅଗ୍ରଣୀ ବ୍ଲକ ମୁଖ୍ୟ ଟାଉନ୍ ତଥା ସାଂସ୍କୃତିକ ଓ ଆଧ୍ୟାତ୍ମିକ ପୀଠ ଭାବେ ପରିଚିତ କଲ୍ୟାଣସିଂହପୁରରେ ଚଳିତ ବର୍ଷର ଶାରଦୀୟ ଦୁର୍ଗାପୂଜା ଅତ୍ୟନ୍ତ ମହା ଆଡମ୍ବର, ଭକ୍ତିମୟ ଉଲ୍ଲାସ ଏବଂ ଅଭୂତପୂର୍ବ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଯାଇଛି। ମା'ଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଥିବା ସମଗ୍ର ସହର ଏବେ ବିସର୍ଜନର ପବିତ୍ର ବେଳାରେ ଭାବବିହ୍ୱଳ ହୋଇପଡ଼ିଥିଲା।ପରମ୍ପରା ଓ ରୀତିନୀତି ମୁତାବକ ମହାସପ୍ତମୀ ତିଥିରୁ ଆରମ୍ଭ ହୋଇଥିବା ଏହି ସାର୍ବଜନୀନ ପୂଜା ଅତ୍ୟନ୍ତ ଆନନ୍ଦ ଓ ଉତ୍ସବର ମାହୋଲ ଭିତରେ ବୁଧବାର ସଫଳତାର ସହ ଉଦ୍‌ଯାପିତ ହୋଇଛି। ପୂଜା ଉତ୍ସବ ସମାପ୍ତି ପରେ ବିଧିପୂର୍ବକ ମା' ଦୁର୍ଗାଙ୍କ ସମେତ ସମସ୍ତ ପାର୍ଶ୍ୱ ଦେବାଦେବୀ, ନବଶକ୍ତି ଏବଂ ଦଶ ଆୟୁଧ ଧାରିଣୀ ଦେବୀ ପ୍ରତିମାଗୁଡ଼ିକୁ ମହାସମାରୋହରେ ଭକ୍ତିଭରା ବିଦାୟ ଦିଆଯାଇଥିଲା। ଏକ ବିଶାଳ ଶୋଭାଯାତ୍ରାରେ ମା'ଙ୍କ ପ୍ରତିମାକୁ ନିଆଯାଇ ସ୍ଥାନୀୟ ଜଳସ୍ରୋତରେ ବିସର୍ଜନ କରାଯାଇଥିଲା।ଏହି ପବିତ୍ର ଓ ଭାବବିହ୍ୱଳ ଅବସରରେ କଲ୍ୟାଣସିଂହପୁର ଏବଂ ଆଖପାଖ ବିଭିନ୍ନ ଗ୍ରାମାଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମଣ୍ଡପରେ ଏକାଠି ହୋଇ ମା'ଙ୍କ ଦର୍ଶନ ଲାଭ କରିବା ସହ ଅଭୟ କୃପା ପ୍ରାର୍ଥନା କରିଥିଲେ। ଢୋଲ, ନିଶାନ, କାହାଳୀ ଏବଂ ବାଜା-ରୋଷଣୀର ଶବ୍ଦରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ବିସର୍ଜନର ପରବର୍ତ୍ତୀ ଦିନ ଅର୍ଥାତ୍ ୨୨ ତାରିଖରେ ମା'ଙ୍କ ପ୍ରସାଦ ମହାସମାରୋହରେ ବିତରଣ କରାଯାଇଥିଲା। କଲ୍ୟାଣସିଂହପୁରର ପ୍ରମୁଖ ସ୍ଥାନମାନଙ୍କରେ ଆୟୋଜିତ ଏହି ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଜାତି, ଧର୍ମ ନିର୍ବିଶେଷରେ ହଜାର ହଜାର ଭକ୍ତ ଯୋଗଦେଇ ମା'ଙ୍କ ମହାପ୍ରସାଦ ସେବନ କରି କୃତାର୍ଥ ହୋଇଥିଲେ।ଏହି ସମଗ୍ର ପୂଜା, ବିସର୍ଜନ ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମକୁ ସଫଳ କରିବାରେ କଲ୍ୟାଣସିଂହପୁର ଦୁର୍ଗାପୂଜା କମିଟିର ସମସ୍ତ ସଭ୍ୟ, କର୍ମକର୍ତ୍ତା ଏବଂ ସ୍ଥାନୀୟ ପ୍ରଶାସନିକ ସହଯୋଗର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ସମସ୍ତଙ୍କ ମିଳିତ ପ୍ରୟାସ ଯୋଗୁଁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୋଇ ଅତ୍ୟନ୍ତ ଶୃଙ୍ଖଳିତ ଭାବରେ ଉତ୍ସବ ପାଳିତ ହୋଇପାରିଛି। ମା'ଙ୍କ କୃପାରୁ ଅଞ୍ଚଳରେ ଶାନ୍ତି, ସୌହାର୍ଦ୍ଦ୍ୟ, ଏକତା ଏବଂ ଭାଇଚାରାର ବାତାବରଣ ଦୃଢ଼ରୁ ଦୃଢ଼ତର ହୋଇଥିବା ବେଳେ "ଜୟ ମା' ଦୁର୍ଗା" ଏବଂ "ବୋଲ ଦୁର୍ଗା ମାଈଁ କି ଜୟ" ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ଜନପଦ।

ଜନମତ

## ଭାରି ଯାନ ଚଳାଚଳ ନିଷେଧ ଦାବି

ଭଣ୍ଡାରିପୋଖରୀ:(ଆଦ୍ୟାଶା ଲାଇଭ୍):ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମ୍ୟ ରାସ୍ତାରେ ଅବାଧ ଓ ବେଆଇନ ଭାବେ ବାଲି ବୋଝେଇ ଗାଡ଼ି ସହିତ ଅନ୍ୟାନ୍ୟ ଭାରିଯାନ ଚଳାଚଳ କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଦିନରାତି ନିର୍ବିଚାର ଭାବେ ଚାଲୁଥିବା ଏହି ଭାରିଯାନଗୁଡ଼ିକ ଯୋଗୁଁ ଗ୍ରାମ୍ୟ ବଜାରଗୁଡ଼ିକରେ ସାଧାରଣ ଜନସାଧାରଣଙ୍କ ସୁରକ୍ଷା ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ବିଶେଷକରି ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଥିବାରୁ ଗ୍ରାମ୍ୟ ବଜାରଗୁଡ଼ିକରେ ଲୋକଙ୍କ ଗହଳି ବୃଦ୍ଧି ପାଉଛି। ଏଭଳି ସମୟରେ ବେପରୁଆ ଭାବେ ଦ୍ରୁତଗତିରେ ଚଳାଚଳ କରୁଥିବା ବାଲି ଗାଡ଼ି ଓ ଅନ୍ୟାନ୍ୟ ଭାରିଯାନଗୁଡ଼ିକ ଯୋଗୁଁ ପ୍ରତିମୁହୂର୍ତ୍ତରେ ଛୋଟବଡ଼ ଦୁର୍ଘଟଣାର ଆଶଙ୍କା ଲାଗିରହିଛି। ଏହାସହ ଗ୍ରାମ୍ୟ ପୂର୍ତ୍ତ ରାସ୍ତାଗୁଡ଼ିକର କ୍ଷତିସାଧନ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଏହି ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ମଞ୍ଜୁରୀ ରୋଡ଼ ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ଓ ବରିଷ୍ଠ ନାଗରିକମାନେ ଏକାଠି ହୋଇ ମଞ୍ଜୁରୀ ରୋଡ଼ ଫାଣ୍ଡି ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାଧାରଣ ଲୋକଙ୍କୁ ନିରାପତ୍ତା ଯୋଗାଇଦେବା ସହ ପାର୍ବଣ ସମୟରେ ଜନସାଧାରଣଙ୍କ ନିରାପଦ ଗମନାଗମନ ପାଇଁ ଗ୍ରାମ୍ୟ ରାସ୍ତାରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାସହିତ ବେଆଇନ ଭାବେ ବାଲି ପରିବହନ କରୁଥିବା ଏବଂ କଟକଣା ଅମାନ୍ୟ କରୁଥିବା ଯାନବାହାନଗୁଡ଼ିକ ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ନେତୃବୃନ୍ଦ ପ୍ରଶାସନ ନିକଟରେ କଡ଼ା ଦାବି ଜଣାଇଛନ୍ତି।ଅନ୍ୟପଟେ, ସଂପ୍ରତି ପାଳଦା-ମଣୀନାଥପୁର ଏବଂ ଛତାବର-ବଳୀଘାଇ ପୂର୍ତ୍ତ ରାସ୍ତାରେ ମଧ୍ୟ ବାଲି ବୋଝେଇ ଭାରିଯାନ ଅବାଧରେ ଚଳାଚଳ କରୁଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସଂଯୋଗୀକରଣ ରାସ୍ତାଗୁଡ଼ିକରେ ଭାରିଯାନ ଚଳାଚଳକୁ ତୁରନ୍ତ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଏହି ବେଆଇନ ଭାରିଯାନ ଚଳାଚଳ ଉପରେ ତୁରନ୍ତ କଟକଣା ନଲଗାଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ମା' ସିଂହବାହିନୀଙ୍କ ବାର୍ଷିକ ପୂଜା: ମହାଷ୍ଟମୀ ପାଇଁ ଉତ୍ସବମୁଖର ଆଖପାଖ ଅଞ୍ଚଳ



ଭଣ୍ଡାରିପୋଖରୀ:(ଆଦ୍ୟାଶା ଲାଇଭ୍):ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପ୍ରାନ୍ତରେ ଜଗତଜନନୀ ମା' ସିଂହବାହିନୀ ଦୁର୍ଗାଦେବୀଙ୍କ ବାର୍ଷିକ ପୂଜାର୍ଚ୍ଚନା ଉତ୍ସବ ଅତ୍ୟନ୍ତ ଭାବ-ଉଦ୍ଦୀପନା ଓ ଆନନ୍ଦ-ଉଲ୍ଲାସ ମଧ୍ୟରେ ପାଳିତ ହେଉଛି। ଷଷ୍ଠୀ ଓ ସପ୍ତମୀ ପୂଜା ସମ୍ପନ୍ନ ହେବା ପରେ ମଣ୍ଡପଗୁଡ଼ିକରେ ମା'ଙ୍କ ଦିବ୍ୟ ରୂପ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆତ୍ମବିଭୋର ହୋଇପଡ଼ିଛନ୍ତି।ବ୍ଲକର ସର୍ବପୁରାତନ ନିର୍ଗୁଣ୍ଡି ନାଗପାଳ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ବେଶ୍ ଧୁମ୍‌ଧାମ୍‌ରେ ମା'ଙ୍କ ଆରାଧନା ଆୟୋଜନ କରାଯାଇଛି। ମା'ଙ୍କ ସମ୍ମୁଖରେ ପ୍ରତ୍ୟେକ ଦିନ ବୈଦିକ ରୀତିନୀତି ଅନୁଯାୟୀ ୨୭ ଆଖ୍ୟାନ ଚଣ୍ଡୀପାଠ ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଜାରି ରହିଛି। ସନ୍ଧ୍ୟା ସମୟରେ ମଣ୍ଡପ ପ୍ରାଙ୍ଗଣରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ପୂଜା କମିଟିର ସଦସ୍ୟ ତରୁଣ ଦତ୍ତ, ନାରାୟଣ ଦେ, ଆର୍ତ୍ତତ୍ରାଣ ଦାସ, ମନୋଜ ଦାସ, ଚକ୍ରଧର ଦତ୍ତ ଓ ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସୁଚାରୁରୂପେ ପରିଚାଳନା କରୁଛନ୍ତି।ଏତଦ୍‌ବ୍ୟତୀତ ଗ୍ରାମର ଅନ୍ୟତମ ପୁରାତନ ବଡ଼ଦାଣ୍ଡ ପୂଜା କମିଟି, ନାଗପାଳ-୨ ପୂଜା କମିଟି, କୁଣ୍ଡ ସାହି ଏବଂ ହାଟସାହି ଠାରେ ମଧ୍ୟ ଆନନ୍ଦପୂର୍ଣ୍ଣ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା ଚାଲିଛି। ଅପରପକ୍ଷରେ, ପାଟୁଳି ମନ୍ତ୍ର ବାସିନୀ ଜୟ ଦୁର୍ଗା କମିଟି ପକ୍ଷରୁ ବାର୍ଷିକ ଉତ୍ସବ ଶ୍ରଦ୍ଧାର ସହ ପାଳନ କରାଯାଉଛି; ଯେଉଁଥିରେ ଆଖପାଖ ଦଶ-ପନ୍ଦରଖଣ୍ଡ ଗାଁର ଶ୍ରଦ୍ଧାଳୁମାନେ ଯୋଗଦେଇ ମା'ଙ୍କ କୃପାଭିକ୍ଷା କରୁଛନ୍ତି। ବାଲିଗଡ଼ିଆ ଚଣ୍ଡୀ ମନ୍ଦିରଠାରେ ମା' ଦୁର୍ଗା ଆଦ୍ୟ ପଥର ମୂର୍ତ୍ତିରେ ପୂଜା ପାଉଥିବା ବେଳେ ଭଣ୍ଡାରିପୋଖରୀ ଥାନା ଛକ, ମଞ୍ଜୁରୀ ରୋଡ଼, ସରସଦା ସାର୍ବଜନୀନ ଦୁର୍ଗାପୂଜା କମିଟି, ପାହି ମୋହୁରା, ଜୋରାଗଡ଼ିଆ ଏବଂ ପାଳସାହି ପ୍ରମୁଖ ସ୍ଥାନଗୁଡ଼ିକରେ ଶ୍ରଦ୍ଧାମୟ ପରିବେଶରେ ଦଶଭୁଜାଙ୍କ ପୂଜାର୍ଚ୍ଚନା ଚାଲିଛି। ସଂକ୍ରାନ୍ତି ପଡୁଥିବାରୁ ଆଜି ଦିବସ ସମୟରେ ଅଷ୍ଟମୀ ପୂଜା ବିଧି ବନ୍ଦ ରହିଥିବା ବେଳେ ନିଶାର୍ଦ୍ଧ ତଥା ଭୋର ସମୟରୁ ଶାସ୍ତ୍ରୀୟ ବିଧାନ ଅନୁସାରେ ମହାଷ୍ଟମୀ ପୂଜାର୍ଚ୍ଚନା ଆରମ୍ଭ ହେବ ବୋଲି ପୂଜକ ଓ କମିଟି ପକ୍ଷରୁ ସୂଚନା ମିଳିଛି।

## ରାଜଗାଙ୍ଗପୁର ସହର ରେ ଶାନ୍ତି ଶୃଙ୍ଖଳା ସହ ରାବଣ ପୋଡି ଓ ମେଲାଣି କାର୍ଯ୍ୟକ୍ରମ ଅନୁଷ୍ଠିତ।

ରାଜଗାଙ୍ଗପୁର : ରାଜଗାଙ୍ଗପୁର ସହର ରେ ଐତିହାସିକ ସର୍ବପୁରାତନ ପାରମ୍ପରିକ ଶାରଦୀୟ ଦୁର୍ଗା ପୂଜା ୬ ଦିନ ଧରି ଭକ୍ତି ମୟ ପରିବେଶ ଭିତରେ ପାଳିତ ହୋଇ ଦଶହରା ଦିନ ପ୍ରତି ମଣ୍ଡପ ଠାରେ ବିବାହିତ ମହିଳା ମାଁ ଦୂର୍ଗା ଙ୍କୁ ପାନପତ୍ର ଦୁବଘାସ ସିନ୍ଦୂର ଫୁଲ ଦେଇ ବରଣ କରି ମିଷ୍ଟାନ୍ନ ପ୍ରଦାନ ପରେ ବିଦାୟୀ ଦେଇ ଆଗାମୀ ବର୍ଷ ପୁନଃଶ୍ଚ ଆଗମନ ପାଇଁ ପ୍ରାର୍ଥନା କରିଥିଲେ। ସିନ୍ଦୂର ଦାନ କାର୍ଯ୍ୟକ୍ରମ ରେ ସ୍ଥାନୀୟ ମହିଳା ଏକ ଅପର କୁ ପବିତ୍ର ସିନ୍ଦୂର ଲଗାୟୀ ସ୍ୱାମୀ ଙ୍କ ଦୀର୍ଘ କାମନା କରି ସିନ୍ଦୂର ଖେଳ ଅନୁଷ୍ଠିତ ହୋଇଥିଲା ଅପରାହ୍ନ ତିନିଟା ସମୟରେ ମାଁ ଦୂର୍ଗା ଙ୍କ ପ୍ରତିମା ଶୋଭାଯାତ୍ରା ରେ ନାଚଗୀତ ସହ ଲିପଲୋଇ ଅସ୍ଥାୟୀ ପୋଖରୀ ଠାରେ ଶ୍ରଦ୍ଧାଳୁ ଅଶ୍ରୁଳ ନୟନରେ ବିସର୍ଜନ କରିଥିଲେ। ସନ୍ଧ୍ୟା ସମୟରେ ଡାଲମିଆ ସିମେଣ୍ଟ କଲୋନୀ ବୀର ବୀରସା ମୁଣ୍ଡା ଖେଳ ପଡ଼ିଆରେ ପ୍ରାୟ ୧୦ ହଜାର ସାଧାରଣ ନାଗରିକ ଙ୍କ ଉପସ୍ଥିତି ରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବାଣ ଫୁଟାଇ ଆତିଶବାଜି କାର୍ଯ୍ୟକ୍ରମ ପରେ ରାମ ଲକ୍ଷ୍ମଣ ସୀତା ଙ୍କ ବେଶ୍ ଧାରଣ କରିଥିବା କଳାକାର ଙ୍କ ଦ୍ୱାରା ରାବଣ ପୋଡି ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଥିଲା ଏହି ଅବସରରେ ଡାଲମିଆ ସିମେଣ୍ଟ କାରଖାନା କାର୍ଯ୍ୟ ନିର୍ଦ୍ଦେଶକ ଅଧିକାରୀ ଆଶୁତୋଷ ତିୱାରି ଏଡିପିଓ ବିଭୁତି ଭୁଷଣ ଭୋଇ ଥାନା ଅଧିକାରୀ ବିଜୟ କିଶୋର ଦାଶ ଙ୍କ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମାଜିକ ସଂଗଠନ କାରଖାନା ର ଅଧିକାରୀ କର୍ମଚାରୀ ଅଗ୍ନିଶମ ବିଭାଗ ସୁରକ୍ଷା ବଳ ଙ୍କ ଉପସ୍ଥିତି ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚ ପରିଚାଳନା କରିଥିଲେ ଅମରେଶ ପଣ୍ଡା, ଅଶୋକ ସାହୁ ଓ ସିଂ ବାବୁ। ରାଜଗାଙ୍ଗପୁର ରୁ ଦେବବ୍ରତ ମିତ୍ର ଙ୍କ ରିପୋର୍ଟ



Adyasha masthead
PRGI No. ORORI/25/A0506 | Daily Edition | Email : adyashalive@gmail.com
BHUBANESWAR | Vol. 02 | Issue 12 | ଶୁକ୍ରବାର, ୨୩ ଅକ୍ଟୋବର ୨୦୨୬ | ପୃଷ୍ଠା ୦୭ Rs. 7

# ପୂଜାରେ ସୁନ୍ଦର ସାଜସଜ୍ଜା ପାଇଁ ଚଳଚଞ୍ଚଳ ବନ୍ଧୁଗାଁ



ବନ୍ଧୁଗାଁ:୨୦/୧୦ (ବେଣୁଧର ଲାବାଲା / ଆଦ୍ୟାଶା ଲାଇଭ୍):ଆନ୍ଧ୍ରପ୍ରଦେଶ ସୀମାନ୍ତବର୍ତ୍ତୀ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ ବଡ଼ସରପଲ୍ଲୀ ପଞ୍ଚାୟତ ସଦର ଗ୍ରାମରେ ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ଗ୍ରାମରେ ଚଳିତ ବର୍ଷ ୫ମ ଥର ପାଇଁ ଧୁମ୍‌ଧାମ୍‌ରେ ଦୁର୍ଗାପୂଜା ଆୟୋଜନ କରାଯାଇଥିବା ବେଳେ ଏହା ସୀମାନ୍ତ ଅଞ୍ଚଳର ଏକ ପ୍ରମୁଖ ଆଧାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ପାଲଟିଛି। ଆକର୍ଷଣୀୟ ତୋରଣ, ରଙ୍ଗବେରଙ୍ଗର ଆଲୋକମାଳା ଏବଂ ମାଆଙ୍କ ଭବ୍ୟ ପ୍ରତିମା ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଆକର୍ଷଣୀୟ ସାଜସଜ୍ଜା ଓ ପୂଜା ପରିଚାଳନା ଚଳିତ ବର୍ଷ ପୂଜାମଣ୍ଡପର ସାଜସଜ୍ଜା ଦର୍ଶନାର୍ଥୀଙ୍କ ମନ ମୋହିଥିଲା। ମଣ୍ଡପ ଚତୁର୍ଦ୍ଦିଗରେ ପ୍ରାୟ ୨୦୦ ମିଟର ବ୍ୟାପୀ ରଙ୍ଗବେରଙ୍ଗର ଆକର୍ଷଣୀୟ ଆଲୋକମାଳା ଓ ଭବ୍ୟ ତୋରଣ ନିର୍ମାଣ କରାଯାଇଥିଲା। ପୂଜା କମିଟିର ସଭାପତି ଜଗଦୀଶ ଚୌଧୁରୀ ଏବଂ ସମ୍ପାଦକ ଶରତ ଖୋସ୍ଲାଙ୍କ ସମେତ କମିଟିର ସଦସ୍ୟ ଜିତେନ୍ଦ୍ର ପିଡିକା, ଶିବାଜୀ ପିଡିକା, ଗୌରୀ ଖୋସ୍ଲା, ସୁରେନ୍ଦ୍ର ଦେବରପଲ୍ଲୀ ଏବଂ ରବୀନ୍ଦ୍ର ସୁନାମୁଦି ପ୍ରମୁଖଙ୍କ ସକ୍ରିୟ ତତ୍ତ୍ୱାବଧାନ ଓ ଉଦ୍ୟମକ୍ରମେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳିତ ହୋଇଥିଲା। ସେହିପରି ପୂଜାର୍ଚ୍ଚନା କାର୍ଯ୍ୟ ପୂଜାରୀ ଜଗଦୀଶ ପଣ୍ଡା ନିଷ୍ଠାର ସହ ସମ୍ପାଦନ କରିଥିଲେ।ବିଧାୟକଙ୍କ ଯୋଗଦାନ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଆନ୍ଧ୍ରପ୍ରଦେଶ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାକୁ ଆଖପାଖ ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଓ ଯୁବକଯୁବତୀ ମାଆଙ୍କ ଦର୍ଶନ ପାଇଁ ଆସି ବିଳମ୍ବିତ ରାତି ପର୍ଯ୍ୟନ୍ତ ଉତ୍ସବର ମଜା ଉଠାଇଥିଲେ। ମହାଷ୍ଟମୀ ଓ ମହାନବମୀ ପବିତ୍ର ଅବସରରେ ସ୍ଥାନୀୟ ବିଧାୟକ ପବିତ୍ର ସାଉନ୍ତା ଏବଂ ତାଙ୍କର ଏକ ପ୍ରତିନିଧି ଦଳ ପୂଜାମଣ୍ଡପରେ ପହଞ୍ଚି ମାଆଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଗ୍ରହଣ କରିଥିଲେ। ସ୍ଥାନୀୟ ଜନପ୍ରତିନିଧିଙ୍କ ଏହି ଯୋଗଦାନ ପୂଜା କମିଟି ଓ ଗ୍ରାମବାସୀଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା।ଧୁମ୍‌ଧାମ୍‌ରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଦଶମୀ ଦିନ ଅନୁଷ୍ଠିତ ହୋଇଥିବା ଭବ୍ୟ ରାବଣ ପୋଡ଼ି କାର୍ଯ୍ୟକ୍ରମ। ପୂଜା କମିଟି ସଭାପତି ଜଗଦୀଶ ଚୌଧୁରୀ ରାବଣ ପୋଡ଼ିର ଶୁଭାରମ୍ଭ କରିଥିଲେ। ଆକାଶଛୁଆଁ ଆତସବାଜିର ପ୍ରଦର୍ଶନ ଏବଂ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କ "ଜୟ ମାଆ ଦୁର୍ଗା" ଧ୍ୱନିରେ ସମଗ୍ର ବଡ଼ସରପଲ୍ଲୀ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା।

ଆଜିର ପ୍ରମୁଖ

## ପଟ୍ଟାଙ୍ଗି ବ୍ଲକର ଗୋଳି କନ୍ଦିରେ ମଦର ଆସର! ବ୍ୟବହାର ହେଉଛି ବୋଲେରୋ ଗାଡି ପହଞ୍ଚୁଛି ମଦ ଅବକାରୀ ବିଭାଗର ନିରବତାକୁ ନେଇ ଉଠିଲାପ୍ରଶ୍ନ



ପଟ୍ଟାଙ୍ଗି, କୋରାପୁଟ:(କୁନା ଖରା):କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକର ଗୋଳି କନ୍ଦି ଅଞ୍ଚଳରେ ମଦର ଆସରକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅଞ୍ଚଳରେ ମଦ କାରବାରକୁ ନେଇ ସ୍ଥାନୀୟ ସ୍ତରରେ ବିଭିନ୍ନ ପ୍ରଶ୍ନ ଉଠୁଥିବା ବେଳେ ଅବକାରୀ ବିଭାଗର କାର୍ଯ୍ୟକଳାପକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ମଦ କାରବାର ଉପରେ ନିୟନ୍ତ୍ରଣ ରଖିବା ଓ ବେଆଇନ ମଦ ବିକ୍ରିକୁ ରୋକିବା ଅବକାରୀ ବିଭାଗର ପ୍ରମୁଖ ଦାୟିତ୍ୱ ହୋଇଥିବାରୁ ଏହି ଅଞ୍ଚଳରେ ବିଭାଗର ଭୂମିକା କ'ଣ ରହିଛି, ତାହା ଏବେ ଆଲୋଚନାର ବିଷୟ ପାଲଟିଛି। ସାଧାରଣତଃ ମଦ୍ୟପାନର ଅତ୍ୟଧିକ ପ୍ରଭାବ ବ୍ୟକ୍ତିଗତ ଜୀବନ ସହିତ ପରିବାର ଓ ସମାଜ ଉପରେ ମଧ୍ୟ ପଡ଼ିଥାଏ। ବିଶେଷକରି ଗ୍ରାମାଞ୍ଚଳରେ ମଦର ଅପବ୍ୟବହାର ଯୋଗୁଁ ପାରିବାରିକ ଅଶାନ୍ତି, ଆର୍ଥିକ ସମସ୍ୟା ଓ ସାମାଜିକ ବିଶୃଙ୍ଖଳା ଦେଖାଦେବାର ଆଶଙ୍କା ରହିଥାଏ। ଏପରି ସ୍ଥିତିରେ ଗୋଳି କନ୍ଦି ଅଞ୍ଚଳରେ ମଦ କାରବାରର ପ୍ରକୃତ ସ୍ଥିତି କ'ଣ ଏବଂ ଏହା ଉପରେ ସମ୍ପୃକ୍ତ ବିଭାଗ କେଉଁ ପଦକ୍ଷେପ ନେଉଛି, ତାହା ଜାଣିବା ଜରୁରୀ ହୋଇପଡ଼ିଛି। ଅବକାରୀ ବିଭାଗର ନଜର କେବେ ପଡ଼ିବ? ଅଞ୍ଚଳରେ ଯଦି ବେଆଇନ ଭାବେ ମଦ ପ୍ରସ୍ତୁତି, ସଂରକ୍ଷଣ କିମ୍ବା ବିକ୍ରି ହେଉଥାଏ, ତେବେ ତାହା ଉପରେ ରୋକ୍ ଲଗାଇବା ପାଇଁ ଅବକାରୀ ବିଭାଗର ସକ୍ରିୟତା ଆବଶ୍ୟକ। ନିୟମିତ ଯାଞ୍ଚ, ଅଭିଯୋଗର ତଦନ୍ତ ଓ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ ମାଧ୍ୟମରେ ଏଭଳି କାରବାରକୁ ନିୟନ୍ତ୍ରଣ କରାଯାଇପାରିବ। ତେବେ ଗୋଳି କନ୍ଦି ଅଞ୍ଚଳରେ ମଦ କାରବାର ସମ୍ପର୍କରେ ବିଭାଗ ପାଖରେ କୌଣସି ଅଭିଯୋଗ ପହଞ୍ଚିଛି କି ନାହିଁ ଏବଂ ଏହା ଉପରେ କି ପଦକ୍ଷେପ ନିଆଯାଇଛି, ତାହା ସ୍ପଷ୍ଟ ହେବା ଆବଶ୍ୟକ। ନିରବତା ଭାଙ୍ଗିବ କି ବିଭାଗ? ଗୋଳି କନ୍ଦି ଅଞ୍ଚଳରେ ମଦ କାରବାରକୁ ନେଇ ଉଠୁଥିବା ପ୍ରଶ୍ନର ଉତ୍ତର ଅବକାରୀ ବିଭାଗ ଦେବା ଆବଶ୍ୟକ। ଅଞ୍ଚଳରେ ବେଆଇନ ମଦ ବିକ୍ରି ହେଉଥିଲେ ତାହାର ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନେବା ସହିତ ସାଧାରଣ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବା ଜରୁରୀ। ଏଥିସହ ମଦର ଅପବ୍ୟବହାର ରୋକିବା ପାଇଁ ଜନସଚେତନତା ସୃଷ୍ଟି କରିବା ମଧ୍ୟ ସମୟର ଆବଶ୍ୟକତା। ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଗୋଳି କନ୍ଦି ଅଞ୍ଚଳରେ ମଦ କାରବାରର ପ୍ରକୃତ ସ୍ଥିତି ଯାଞ୍ଚ କରିବାକୁ ଅବକାରୀ ବିଭାଗ କେବେ ପଦକ୍ଷେପ ନେବ? ଅଞ୍ଚଳବାସୀଙ୍କ ଅଭିଯୋଗ ଓ ଆଶଙ୍କାର ତଦନ୍ତ ହେବ କି? ଏହି ପ୍ରଶ୍ନଗୁଡ଼ିକ ଉପରେ ବିଭାଗର ପ୍ରତିକ୍ରିୟା ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରାଯାଇଛି।

## ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ ହେଲେ ସଇଁତଲା ଜିଲ୍ଲା ପରିଷଦ ସଦସ୍ୟ ହିମାଞ୍ଚଳବୁଡେକ

ସଇଁତଲା: ୨୨/୧୦ (ଆଦ୍ୟସା):ବିଜୁ ଜନତା ଦଳରୁ ସଇଁତଲା ବ୍ଲକର ଜଣେ ଚର୍ଚ୍ଚିତ ଜିଲ୍ଲା ପରିଷଦ ସଦସ୍ୟ ନିଲମ୍ବିତ ହୋଇଛନ୍ତି। ବିଜେଡି ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଦଳର ସମ୍ପାଦକ ବିଜୟ ନାୟକ ସୋମବାର ଦିନ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି।ପ୍ରକାଶିତ ପତ୍ର ସଂଖ୍ୟା ୧୬/୧୦/ଏସବି/ବିଜେଡି/୨୦୨୬, ତା ୧୯.୧୦.୨୦୨୬ ଅନୁସାରେ, ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ଚାରି ଜଣଙ୍କୁ ନିଲମ୍ବିତ କରାଯାଇଛି। ସେଥି ମଧ୍ୟରେ ସଇଁତଲା ବ୍ଲକ ଅନ୍ତର୍ଗତ ଜୋନ ନଂ ୩୦ ରୁ ବିଜୟୀ ହୋଇଥିବା ଜିଲ୍ଲା ପରିଷଦ ସଦସ୍ୟ ହିମାଞ୍ଚଳ ବୁଡେକଙ୍କ ନାମ ରହିଛି।ସୂଚନା ଅନୁସାରେ, ଗତ ପଞ୍ଚାୟତ ନିର୍ବାଚନରେ ହିମାଞ୍ଚଳ ବୁଡେକ ବିଜେଡି ଦଳରୁ ଟିକେଟ ପାଇ ଜିଲ୍ଲା ପରିଷଦ ସଦସ୍ୟ ଭାବେ ବିଜୟୀ ହୋଇଥିଲେ। ହେଲେ ଗତ କିଛି ମାସ ହେବ ସେ ବିଜେପିର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିଲା।ଗତ ସେପ୍ଟେମ୍ବର ମାସରେ କରମତଲା ପଞ୍ଚାୟତ ଅନ୍ତର୍ଗତ ଛନଛଡା ଗ୍ରାମରେ ବ୍ଲକ ସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପିର ରାଜ୍ୟ ସଭାପତିଙ୍କ ସମେତ ବିଜେପିର ୬ ଜଣ ବିଧାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ଦଳର ଜିଲ୍ଲା ପରିଷଦ ସଦସ୍ୟ ହିମାଞ୍ଚଳ ବୁଡେକ ସଭାପତିତ୍ୱ କରିଥିଲେ। ଏହାକୁ ନେଇ ସେ ବିଜେଡି ଛାଡି ବିଜେପିରେ ସାମିଲ ହେବେ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଏହା ପରେ ଦଳ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।ହିମାଞ୍ଚଳ ବୁଡେକ ବିଜେଡି ଦଳରୁ ନିଲମ୍ବିତ ହେବା ପରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସେ ବିଜେପି ଦଳର ହାତ ଧରି ଜିଲ୍ଲା ପରିଷଦ ଆସନରେ ଲଢିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତେବେ ଏ ନେଇ ଶ୍ରୀ ବୁଡେକଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ।ଅନ୍ୟ ପଟେ ବିଜେଡି ଦଳ ଏହି ନିଲମ୍ବନ ମାଧ୍ୟମରେ ଦଳ ଭିତରେ ଶୃଙ୍ଖଳା ବଜାୟ ରଖିବାକୁ ଏକ କଡା ବାର୍ତ୍ତା ଦେଇଛି ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ଦେଇଛନ୍ତି। ଆଗାମୀ ନିର୍ବାଚନ ପୂର୍ବରୁ ଏହି ନିଲମ୍ବନ ସଇଁତଲା ଅଞ୍ଚଳ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିପାରେ।



## ଆଗାମୀ ପିଢ଼ି ପାଇଁ ନିର୍ମାଣ ହେଉ ଓଟିଏମ୍ ର ସଂଗ୍ରହାଳୟ




ଚୌଦ୍ୱାର:(ଶିବବ୍ରତ ଦାସ): ଦିନେ ଯେଉଁ ଶିଳ୍ପାନୁଷ୍ଠାନ ଚୌଦ୍ୱାରକୁ ଦେଶର ଶିଳ୍ପ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା, ଆଜି ସେହି ଗୌରବମୟ ଅଧ୍ୟାୟ କ୍ରମେ ଇତିହାସର ପୃଷ୍ଠାରେ ସୀମିତ ହୋଇଯାଉଛି। ଏକଦା ଏସିଆର ସର୍ବବୃହତ୍ ଲୁଗାକଳ ଭାବେ ପରିଚିତ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ (ଓଟିଏମ୍) ଆଜି ନିଜର ପୂର୍ବ ଗୌରବ ହରାଇ ବିଲୀନ ହେବାର ଦୁଃଖଦ ଅଧ୍ୟାୟକୁ ବହନ କରୁଛି।ଓଟିଏମ୍ କେବଳ ଏକ କଳକାରଖାନା ନଥିଲା, ଏହା ଥିଲା ଚୌଦ୍ୱାରର ଅର୍ଥନୈତିକ ପ୍ରଗତି, ଶ୍ରମିକଙ୍କ ଜୀବନଜୀବିକା ଓ ଅଞ୍ଚଳର ସାମାଜିକ ପରିଚୟର ଏକ ପ୍ରମୁଖ ଆଧାର। ଏହି ଶିଳ୍ପାନୁଷ୍ଠାନ ସହ ହଜାର ହଜାର ପରିବାରର ସ୍ୱପ୍ନ, ଆଶା ଓ ଭବିଷ୍ୟତ ଜଡ଼ିତ ଥିଲା। ଏହାର କର୍ମଚଞ୍ଚଳ ପରିବେଶ ଚୌଦ୍ୱାରର ଶିଳ୍ପ ସମୃଦ୍ଧିର ପରିଚୟ ଦେଉଥିଲା। କିନ୍ତୁ ସମୟର ପରିବର୍ତ୍ତନ ସହ ଏହି ଗୌରବମୟ ଅନୁଷ୍ଠାନର ଅସ୍ତିତ୍ୱ ଆଜି ଅତୀତର ସ୍ମୃତି ପାଲଟିଛି।ଏଭଳି ଏକ ଐତିହାସିକ ଶିଳ୍ପାନୁଷ୍ଠାନର ସ୍ମୃତି ଓ ଅବଦାନକୁ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ ରଖିବା ଏବେ ସମୟର ଆହ୍ୱାନ। ଓଟିଏମ୍‌ର ଇତିହାସ, ପୁରୁଣା ଫଟୋଚିତ୍ର, ଦଲିଲ, ଉତ୍ପାଦିତ ବସ୍ତ୍ରର ନମୁନା, ଯନ୍ତ୍ରପାତି ଏବଂ ଶ୍ରମିକଙ୍କ ଅନୁଭୂତିକୁ ନେଇ ଚୌଦ୍ୱାରରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ପ୍ରତିଷ୍ଠା କରାଗଲେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ।ଏହି ସଂଗ୍ରହାଳୟ କେବଳ ଅତୀତର ସ୍ମୃତିକୁ ସାଇତି ରଖିବ ନାହିଁ, ବରଂ ନୂଆ ପିଢ଼ିକୁ ଓଟିଏମ୍‌ର ଗୌରବମୟ ଇତିହାସ, ଶିଳ୍ପ ବିକାଶରେ ଏହାର ଅବଦାନ ଓ ଶ୍ରମିକଙ୍କ ସଂଘର୍ଷ ସମ୍ପର୍କରେ ଜାଣିବାର ସୁଯୋଗ ଦେବ। ଏଥିସହ ଚୌଦ୍ୱାରର ଐତିହ୍ୟକୁ ଭବିଷ୍ୟତ ପାଇଁ ସୁରକ୍ଷିତ ରଖିବାରେ ମଧ୍ୟ ଏହା ସହାୟକ ହେବ।ଏବେ ଆବଶ୍ୟକ, ଓଟିଏମ୍‌ର ଅତୀତକୁ କେବଳ ଆଲୋଚନାରେ ସୀମିତ ନରଖି ତାହାର ଇତିହାସକୁ ଲିପିବଦ୍ଧ ଓ ସଂରକ୍ଷିତ କରିବା ପାଇଁ ପ୍ରଶାସନ, ଜନପ୍ରତିନିଧି, ଶିଳ୍ପପ୍ରେମୀ ଏବଂ ସ୍ଥାନୀୟ ଜନସାଧାରଣ ଆଗେଇ ଆସନ୍ତୁ। ଓଟିଏମ୍‌ର ଭୌତିକ ଅସ୍ତିତ୍ୱ ଲୋପ ପାଇଥାଇପାରେ, କିନ୍ତୁ ଏହାର ଇତିହାସ ଓ ଗୌରବ ଯେପରି ବିଲୀନ ନହୁଏ, ସେଥିପାଇଁ ଏକ ସଂଗ୍ରହାଳୟ ପ୍ରତିଷ୍ଠା ଚୌଦ୍ୱାରବାସୀଙ୍କ ଦୀର୍ଘଦିନର ସ୍ମୃତିକୁ ସମ୍ମାନ ଦେବା ସହ ଆଗାମୀ ପିଢ଼ି ପାଇଁ ଏକ ଅମୂଲ୍ୟ ଐତିହ୍ୟ ହୋଇପାରିବ।

ଜିଲ୍ଲାରୁ ସିଧା ରିପୋର୍ଟ

# ନୂଆଗଡ଼ରେ ମର୍ମନ୍ତୁଦ ବାଇକ୍ ଦୁର୍ଘଟଣା: ଦୁଇ ପ୍ରତିଭାବାନ ଯୁବ କ୍ରୀଡ଼ାବିତ୍‌ଙ୍କ ଅକାଳ ବିୟୋଗ କ୍ରୀଡ଼ା ଜଗତରେ ଶୋକର ଛାୟା



କଟକ ବ୍ୟୁରୋ :ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ପ୍ରତିଭାବାନ ଯୁବ କ୍ରୀଡ଼ାବିତ୍ ମଳୟ ବାରିକ ଓ ମୃତ୍ୟୁଞ୍ଜୟ ଜୟରାମ ଦୋଣ୍ଡପତିଙ୍କ ଅକାଳ ବିୟୋଗ ଘଟିଛି। ଭୁବନେଶ୍ୱରରୁ କଟକ ଅଭିମୁଖେ ଆସୁଥିବା ବେଳେ ନୂଆଗଡ଼ସ୍ଥିତ ଏକ ଘରୋଇ ଶୋ'ରୁମ୍ ନିକଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଦୁଇ ଯୁବ କ୍ରୀଡ଼ାବିତ୍‌ଙ୍କ ଅକାଳ ମୃତ୍ୟୁ ଖବର ସମଗ୍ର କ୍ରୀଡ଼ା ଜଗତକୁ ସ୍ତବ୍ଧ କରିଦେଇଥିବା ବେଳେ ସେମାନଙ୍କ ପରିବାର ଓ ପରିଜନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଉଭୟ ଏକ ବୁଲେଟ୍ ମୋଟରସାଇକେଲ୍‌ରେ ଭୁବନେଶ୍ୱରରୁ କଟକ ଆସୁଥିଲେ। ଏହି ସମୟରେ ନୂଆଗଡ଼ସ୍ଥିତ ଏକ ଘରୋଇ ଶୋ'ରୁମ୍ ନିକଟରେ ବାଇକ୍‌ଟି ଦ୍ରୁତଗତିରେ ଯାଉଥିବା ବେଳେ ଚାଳକ ଭାରସାମ୍ୟ ହରାଇ ରାସ୍ତାରେ ଥିବା ଡିଭାଇଡର୍ ବା ବ୍ୟାରିକେଡ୍‌ରେ ପିଟି ହୋଇଯାଇଥିଲେ। ଦୁର୍ଘଟଣାର ପ୍ରଭାବରେ ଚାଳକ ରାସ୍ତାରେ ପଡ଼ିଯାଇଥିବା ବେଳେ ଅନ୍ୟ ଜଣକ ପ୍ରାୟ ୫୦ ଫୁଟ୍ ଦୂରକୁ ଛିଟିକି ପଡ଼ିଥିଲେ। ଫଳରେ ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ହେପାଜତକୁ ନେବା ସହ ମୃତକଙ୍କ ପରିବାରକୁ ସୂଚନା ଦେଇଥିବା ଜଣାପଡ଼ିଛି। ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୋଲିସ ପକ୍ଷରୁ ତଦନ୍ତ କରାଯାଉଥିବା ଜଣାପଡ଼ିଛି। ଦୁଇ ଜଣ ଯୁବ କ୍ରୀଡ଼ାବିତ୍‌ଙ୍କ ଏଭଳି ଅକାଳ ବିୟୋଗ କ୍ରୀଡ଼ା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ସେମାନଙ୍କ ମୃତ୍ୟୁ ଖବରରେ କ୍ରୀଡ଼ାପ୍ରେମୀଙ୍କ ସମେତ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

## ୮ମାସର ଉର୍ଦ୍ଧ ଦିନହେଲା ପାଇନାହାନ୍ତି ହିନ୍ଦୋଳ ରେ ବାର୍ଦ୍ଧକ୍ୟ ଭତ୍ତା



ହିନ୍ଦୋଳ:ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ୮ମାସରୁ ଉର୍ଦ୍ଧ ଦିନଧରି ଭତ୍ତା ନପାଇ ଭୋକଉପାସ, ରୋଗରେ ରହି ସଢୁଛନ୍ତି ହିତାଧିକାରୀମାନେ।ଖବରରୁ ଜଣାପଡିଛି ହିନ୍ଦୋଳ ଉପଖଣ୍ଡର ଜାତୀୟ ବାର୍ଦ୍ଧକ୍ୟ ପେନସନ(ଇନ୍ଦିରାଗାନ୍ଧୀ ଜାତୀୟ ଭତ୍ତା)ଧାରୀ ହିତାଧିକାରୀଙ୍କୁ ଆଜକୁ ୫ମାସରୁ ଉର୍ଦ୍ଧ ସମୟଧରି ଡିବିଟି ସଂଶୋଧନ ଆଳରେ ସରକାର ଭତ୍ତା ବନ୍ଦକରି ରଖିଛନ୍ତି ଏବଂ ସାମାଜିକ ସହାୟତାରେ ଏକକାଳୀନ ଭତ୍ତା ଦିଆଯିବ କହି ଭଣ୍ଡାଉଛନ୍ତି।୫ମାସର ଭତ୍ତା ନପାଇ ହିନ୍ଦୋଳ ଏନଏସି ୱାର୍ଡନଂ ୨ର କେଶବ ବେହେରା, ବାସନ୍ତୀ ନାଏକ, ମେଘ ବେଓ୍ବା,ୱାର୍ଡନଂ ୮ର ପ୍ରତିମା ବେହେରା, ୱାର୍ଡନଂ୧୧ର ସୁରେଖା ନାଠି, ୱାର୍ଡନଂ୧୪ରାଜମୋହନପୁର ଗ୍ରାମର ଚଞ୍ଚଳା ନାଏକ ପ୍ରମୁଖଙ୍କ ସମେତ ପ୍ରାୟ ୧୭୦ଜଣ ହିନ୍ଦୋଳ ଏନଏସି ର ହିତାଧିକାରୀ ପୂର୍ବରୁ ବାରମ୍ବାର ହିନ୍ଦୋଳ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏମାନେ କ୍ଷୋଭର ସହିତ କୁହନ୍ତି ଦିନକୁଦିନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ବଢ଼ାଇ ଚାଲିଥିବାବେଳେ ଆମମାନଙ୍କ ଭଳି ବୃଦ୍ଧବୃଦ୍ଧା,ବିଧବା,ଭିର୍ଣ୍ଣକ୍ଷମ ନିଃସହାୟ ଗରିବ ମାନଙ୍କର ୫ମାସର ଭତ୍ତା ବନ୍ଦ କରି ଦେବାରୁ ଦହଗଞ୍ଜ ହୋଇ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଟିକେ କିଣିନପାରି,ମେଡ଼ିସିନ ଟିକେ କିଣିନପାରି ଏବଂ ଖାଇବାକୁ ନପାଇ ମୃତ୍ୟୁକୁ ଏକପ୍ରକାର ଅପେକ୍ଷା କରି ରହିଛୁ।ତେବେ ଉପଜିଲ୍ଲାପାଳ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିବାବେଳେ ସରକାରଙ୍କ ନିୟମ ଅନୁଯାଇ ଡିବିଟି ସଂଶୋଧନ ହେଲାପରେ ହିତାଧିକାରୀ ମାନଙ୍କ ଭତ୍ତା ନିୟମିତ ହେବବୋଲି ନିର୍ବାହୀ ଅଧିକାରୀ କୁହନ୍ତି। ତେବେ ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ସରକାରଙ୍କୁ କଣ ଆଉକିଛି ମିଳିଲାନି ଯେ ଶେଷରେ ଗରିବ ବୃଦ୍ଧବୃଦ୍ଧାଙ୍କ ଜୀବନର ରାହା ପାଲଟିଥିବା ଏଇ ସାମାନ୍ୟ ଭତ୍ତାକୁ ବିଭିନ୍ନଆଳରେ ବନ୍ଦ କରି ଅସହାୟଙ୍କ ପେଟରେ ଗୋଇଠାମାରି ଆର୍ଥିକ ସମୀକରଣ କରୁଛନ୍ତି? ତେବେ କେବଳ ପ୍ରଚାର ମାଧ୍ୟମରେ ବିକାଶ,ଉର୍ନତିର ଡିଣ୍ଡିମ ପିଟି ପ୍ରହସନ ଚଳାଇଛନ୍ତି ବୋଲି କୁହନ୍ତି କ୍ଷୁବ୍ଧ ସାଧାରଣଜନତା। ସେହିପରି ଗରିବ ସାଧାରଣ ଖଟିଖିଆମାନେ ଦହଗଞ୍ଜ ହେଉଥିବା କଣ ଅସଲ ବିକାଶର ପରିଚୟ କି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ?ତେବେ ଜନସାଧାରଣ କଣ ନଖାଇ ନପି ମରିଲାପରେ ଭତ୍ତା ମିଳିବ କି ବୋଲି ବହୁ ହିତାଧିକାରୀ ପ୍ରଶ୍ନ କରିଥିବାବେଳେ ସାଂସଦ, ବିଧାୟକ ଇତ୍ୟାଦି ଜନପ୍ରତିନିଧିଙ୍କ ଭତ୍ତା ବୃଦ୍ଧି ନକରି ସରକାର ତୁରନ୍ତ ଗରିବ ବୃଦ୍ଧବୃଦ୍ଧା, ବିକଳାଙ୍ଗ ଓ ବିଧବାଙ୍କ ନିୟମିତ ଭତ୍ତା ପ୍ରଦାନପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି ହିନ୍ଦୋଳ ନିର୍ବାଚନମଣ୍ଡଳୀ ଜନସାଧାରଣ।(ହିନ୍ଦୋଳ ରୁ ଆଦ୍ୟା ଶ ଲାଇଫ ମାନସ ମାଝୀ)

## କଷିଆଡିହି ରେ ରାବଣପୋଡ଼ି ପର୍ବ ପାଳିତ ହୋଇଯାଇଅଛି



ଢେଙ୍କାନାଳ ଜିଲ୍ଲା:ଓଡ଼ପଡା ବ୍ଲକ କାଶୀଆଡ଼ିହି ଗ୍ରାମରେ ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସର ରେ ବୁଧବାର ରାତିରେ ଖୁବ ଧୁମଧାମରେ ରାବଣ ପୋଡି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି କ୍ଷୀରୋଦ ଚନ୍ଦ୍ର ପାତ୍ର ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି, ମୁଖ୍ୟ ବକ୍ତା ଭାବେସାମ୍ବାଦିକ ତଥା ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଙ୍କ ପ୍ରତିନିଧି ସୁଶାନ୍ତ ପତି, ସମ୍ମାନିତ ଅତିଥିଭାବେ ଢେଙ୍କାନାଳ ଜିଲ୍ଲା ବିଜେପି ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ଜିଲ୍ଲା ଉପସଭାନେତ୍ରୀ ଇତିଶ୍ରୀ ସାହୁ, ପୂର୍ବତନ ସରପଞ୍ଚ ଦିପ୍ତୀରାଣୀ ରାଉତ ପ୍ରମୁଖ ଯୋଗଦେଇ ସଂସ୍କୃତି ଓ ପରମ୍ପରା କୁ ଆୟୁଧ କରି ଗ୍ରାମର ଏକତା ଅଖଣ୍ଡତା ଭାଇଚାରା କୁ ବଜାୟ ରଖି ସମାଜ କଲ୍ୟାଣ ରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । କମିଟି ର ସମ୍ପାଦକ ସୁଜନ କୁମାର ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରକାଶ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ସମୟରେ କୁମାର ଜିତେନ୍ଦ୍ର ଙ୍କ ସହ ମିଳିତ ଭାବେ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସର ରେ ସଦାନନ୍ଦ ପାତ୍ର, ସତ୍ୟବ୍ରତ ପାତ୍ର, ଗୋବର୍ଦ୍ଧନ ବେହେରା, କୃଷ୍ଣ ଚନ୍ଦ୍ର ପାତ୍ର, ହୀରାବତୀ ପ୍ରଧାନ, ଦିପ୍ତୀରାଣୀ ରାଉତ, ସମୀର ନାଏକ ଓ ଭଜମନ ନାଏକ ଙ୍କ ପରି ଆଞ୍ଚଳିକ ପ୍ରତିଭାଧାରୀ ବ୍ୟକ୍ତି ମାନଙ୍କୁ ଅନୁଷ୍ଠାନ ତରଫରୁ ଅତିଥିବୃନ୍ଦ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଜ୍ଞାପ୍ରିୟା ନନ୍ଦ ଙ୍କ ସୁରଙ୍ଗନା କଳାନିକେତନ, ରୁନା ଦାସ ଙ୍କ ଜାଗୃତି ଫାଉଣ୍ଡେସନ ପ୍ରକାଶ ପରିଡା ଓ ରଶ୍ମି ନାୟକ ଙ୍କ ଶ୍ରୀଲୋକନାଥ ସଂଗୀତ ବିଦ୍ୟାଳୟ ର କଳାକାର ମାନଙ୍କ ଦ୍ୱାରା ଖୁବ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପୃଥ୍ୱୀରାଜ ପ୍ରଧାନ ଙ୍କୁ ବେଷ୍ଟ ଭଲାଣ୍ଟିୟର ଭାବେ ପୁରସ୍କୃତ କରାଯାଇଥିଲା । ସମାଜସେବୀ ନରେନ୍ଦ୍ର ରାଉତ ଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନ ରେ ସମଗ୍ର କାର୍ଯ୍ୟକ୍ରମ ସଂଚାଳନ ସହ ଗ୍ରାମର କୈଳାସ ଚନ୍ଦ୍ର ରାଉତ, ରୁଦ୍ରନାରାୟଣ ପରିଡା ଙ୍କ ଦ୍ୱାରା ଏକ ବିଶାଳ ରାବଣ ପ୍ରତିକୃତି ତିଆରି ରେ ମୁଖ୍ୟ ଅତିଥି ଅଗ୍ନି ସଂଯୋଗ କରି ରାବଣ ଦହନ କରିଥିଲେ । କମିଟି ସଦସ୍ୟ ବିପିନ ଜେନା, ବିଘ୍ନରାଜ ସାହୁ, ପ୍ରମୋଦ ପ୍ରଧାନ, କ୍ଷିତୀଶ ପ୍ରଧାନ, ନିଖିଲ, ସୋମ୍ୟରଞ୍ଜନ, ସିକୁ, ଆୟୁଷ, ଲକି, ସିକିନା, ମାନସ ଓ ଲିପୁନ କାର୍ଯ୍ୟକ୍ରମ ରେ ସକ୍ରିୟ ସହଯୋଗ କରିଥିଲେ । ଏହି ଉତ୍ସବରେ ଅଖପାଖ ଅଂଚଳର ଶତାଧିକ ଜନସାଧାରଣ ଯୋଗଦେଇଥିଲେ । ସ୍ଥାନୀୟ ପୋଲିସ ପ୍ରସାଶନ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।(ହିନ୍ଦୋଳ ରୁ ଆଦ୍ୟା ଶ ଲାଇଫ ମାନସ ମାଝୀ)

ମାଟିର ଖବର

# ନିଆରା ମଣିଷ ପର୍ଶୁରାମ




ରାୟପୁର:(ଆଦ୍ୟାଶା ଲାଇଭ୍):ଜାତିଗତ ଭେଦଭାବ ଓ ଅସ୍ପୃଶ୍ୟତା ବିରୁଦ୍ଧରେ ସଂଘର୍ଷର ଅନେକ ଇତିହାସ ରହିଛି, କିନ୍ତୁ ଛତିଶଗଡ଼ର 'ରାମନାମୀ ସମାଜ'ର କାହାଣୀ ସବୁଠାରୁ ଅନନ୍ୟ ଏବଂ ପ୍ରେରଣାଦାୟକ। ୧୮୯୦ ଦଶକରେ ଛତିଶଗଡ଼ର ଏକ ଗାଁରେ ଜଣେ ଦଳିତ ବ୍ୟକ୍ତିଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାରୁ କଡ଼ା କଟକଣା ଓ ବାରଣ କରାଯାଇଥିଲା। ଏହି ଅମାନବୀୟ ଜାତିଗତ ଅତ୍ୟାଚାରର ଜବାବରେ ସେ ନିଜ କପାଳରେ ଭଗବାନ ରାମଙ୍କ ନାମ ଟାଟୁ (ହରିଖୋଦନ) କରାଇଥିଲେ। ସେହି ବ୍ୟକ୍ତିଜଣକ ଥିଲେ ଛତିଶଗଡ଼ର ଚରପୋରା ଗାଁର ବାସିନ୍ଦା ପର୍ଶୁରାମ। ଉଚ୍ଚଜାତିର ଲୋକମାନେ ତାଙ୍କୁ ମନ୍ଦିର ଭିତରକୁ ଯିବାରୁ ରୋକି ପାରିଥିଲେ, କିନ୍ତୁ ତାଙ୍କ ଶରୀରରେ ଖୋଦିତ ଭଗବାନ ରାମଙ୍କ ନାମକୁ ସେମାନେ ରୋକି ପାରି ନଥିଲେ।'ପୂର୍ଣ୍ଣନଖଶିଖ' ଏବଂ ଆଇନଗତ ଲଢ଼େଇରେ ବିଜୟ ପର୍ଶୁରାମଙ୍କ ଏହି ପ୍ରତିବାଦ ଦେଖି ତାଙ୍କ ସମ୍ପ୍ରଦାୟର ଅନ୍ୟ ଲୋକମାନେ ମଧ୍ୟ ଏହି ପନ୍ଥା ଗ୍ରହଣ କରିଥିଲେ। ପରେ ସେମାନେ 'ରାମନାମୀ ସମାଜ' ଭାବେ ସମଗ୍ର ଦେଶରେ ପରିଚିତ ହେଲେ। ସେତେବେଳେ କେହି ନିଜ କପାଳରେ ରାମଙ୍କ ନାମ ଖୋଦେଇଥିଲେ, ଆଉ କେହି କେହି ନିଜ ଶରୀରର ସମ୍ପୂର୍ଣ୍ଣ ଅଂଶ, ଏପରିକି ଆଖିପତାରେ ମଧ୍ୟ ରାମଙ୍କ ନାମ ଟାଟୁ କରାଇଥିଲେ। ଶରୀରର ପ୍ରତ୍ୟେକ ଅଙ୍ଗରେ ରାମ ନାମ ଖୋଦିତ କରିଥିବା ଏପରି ଲୋକଙ୍କୁ 'ପୂର୍ଣ୍ଣନଖଶିଖ' ବୋଲି କୁହାଯାଏ।ତେବେ ଏହାକୁ ବିରୋଧ କରି ସେ ସମୟର ଉଚ୍ଚଜାତିର ହିନ୍ଦୁମାନେ ରାମନାମୀ ସମ୍ପ୍ରଦାୟର ଲୋକମାନଙ୍କୁ ରାମଙ୍କ ନାମ ବ୍ୟବହାର କରିବାରୁ ବଞ୍ଚିତ କରିବା ପାଇଁ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଦୃଢ଼ ମନୋବଳ ଏବଂ ସତ୍ୟର ଲଢ଼େଇ ବଳରେ ୧୯୧୦ ମସିହାରେ ରାମନାମୀ ସମାଜ ଏହି ଆଇନଗତ ଲଢ଼େଇରେ ଐତିହାସିକ ବିଜୟ ହାସଲ କରିଥିଲା। ଆଶ୍ଚର୍ଯ୍ୟର କଥା ଯେ, ୧୯୮୦ ଦଶକରେ ମଧ୍ୟ ଶରୀରରେ ରାମଙ୍କ ନାମ ଟାଟୁ କରାଇଥିବା ରାମନାମୀମାନଙ୍କୁ ମନ୍ଦିରରେ ପ୍ରବେଶ କରିବାକୁ ବାରଣ କରାଯାଉଥିଲା।ସମୟର ପରିବର୍ତ୍ତନ ଓ ଯୁବପିଢ଼ିଙ୍କ ମଧ୍ୟରେ କମୁଥିବା ଆଗ୍ରହ ଦିନ ବଦଳିବା ସହ ସାମାଜିକ ପରିସ୍ଥିତି ମଧ୍ୟ ବଦଳିଛି। ଆଜି ପୂରା ଶରୀରରେ ରାମଙ୍କ ନାମ ଟାଟୁ କରାଇଥିବା ଅଧିକାଂଶ ରାମନାମୀଙ୍କ ବୟସ ୭୦ ବର୍ଷରୁ ଅଧିକ। ବର୍ତ୍ତମାନ ସମୟରେ ଅନେକ ଯୁବ ରାମନାମୀ ଆଉ ଏପରି ଟାଟୁ କରାଉନାହାନ୍ତି। ସେମାନଙ୍କ ମନରେ ଏକ ପ୍ରକାର ଭୟ ରହିଛି ଯେ, ଶରୀରରେ ଏପରି ଟାଟୁ କରାଇଲେ ସେମାନେ ଆଧୁନିକ ସମାଜରେ ଭେଦଭାବର ଶିକାର ହେବେ ଏବଂ ଆଗାମୀ ଦିନରେ ଚାକିରି କିମ୍ବା ସମ୍ମାନଜନକ କାମ ପାଇବାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବେ।କୋଲକାତା ଦୁର୍ଗାପୂଜାରେ ରାମନାମୀ ସମାଜର ଗାଥା: 'ନିଶାନ୍ ଦି ମାର୍କ'ଚଳିତ ଦୁର୍ଗାପୂଜାରେ କୋଲକାତାର ପ୍ରସିଦ୍ଧ ଚଲତାବାଗାନ ପୂଜା ମଣ୍ଡପ ଏହି ଐତିହାସିକ ରାମନାମୀ ସମାଜର ସଂଘର୍ଷ ଓ ସଂସ୍କୃତିକୁ ନିଜର ମଣ୍ଡପର ବିଷୟବସ୍ତୁ ଭାବେ ଗ୍ରହଣ କରିଥିଲା। ଏହି ଥୀମ୍‌ର ନାମ ରଖାଯାଇଥିଲା 'ନିଶାନ୍ ଦି ମାର୍କ'। ବିଶେଷ କଥା ହେଲା, ଏହି ସ୍ୱତନ୍ତ୍ର ମଣ୍ଡପର ଉଦ୍‌ଘାଟନ ପାଇଁ ରାମନାମୀ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସମ୍ମାନଜନକ ଭାବେ ନିମନ୍ତ୍ରଣ କରାଯାଇଥିଲା।ଏହି ଅବସରରେ ରାମନାମୀ ସମ୍ପ୍ରଦାୟର ସଦସ୍ୟ ସେଠ ବାଇ ଏକ ମର୍ମସ୍ପର୍ଶୀ ବାର୍ତ୍ତା ଦେଇ କହିଥିଲେ ସମସ୍ତ ସମ୍ପ୍ରଦାୟ ପରସ୍ପର ଶାନ୍ତି, ଭାଇଚାରା ଓ ସଦ୍‌ଭାବ ସହିତ ଏକାଠି ରହିବା ଉଚିତ।" ସମାଜରେ ଜାତି କିମ୍ବା ଧର୍ମ ନୁହେଁ, ମଣିଷର ପ୍ରକୃତ ପରିଚୟ କେବଳ ତା'ର ମାନବିକତା ହେବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ। ରାମନାମୀ ସମାଜର ଏହି ଇତିହାସ ଆଜିର ଆଧୁନିକ ସମାଜକୁ ସାମାଜିକ ସମାନତା ଏବଂ ପ୍ରତିବାଦର ଏକ ନୂତନ ଦିଗଦର୍ଶନ ଦେଉଛି।

ଜନମତ

## ଦଶହରା ରେ ମହାପ୍ରଭୁ ମାନଙ୍କ ଙ୍କ ସୁନାବେଶ

ପୁରୀ:୧୯/୧୦ (ନୀଳାଚଳ ଦାସ / ଆଦ୍ୟାଶା ଲାଇଭ୍):ପବିତ୍ର ଶାରଦୀୟ ଦୁର୍ଗାପୂଜା ଓ ବିଜୟାଦଶମୀ ଅବସରରେ ଶ୍ରୀକ୍ଷେତ୍ର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଓ ଆଧ୍ୟାତ୍ମିକ ଦଶହରା ନୀତିକାନ୍ତି ଅନୁଷ୍ଠିତ ହେବାକୁ ଯାଉଛି। ବୁଧବାର ଶ୍ରୀମନ୍ଦିରରେ ଅଧିଷ୍ଠିତ ରତ୍ନସିଂହାସନରେ ଶ୍ରୀବିଗ୍ରହମାନଙ୍କ ଅନନ୍ୟ ତଥା ମନମୁଗ୍ଧକର ରାଜାଧିରାଜ ବେଶ କିମ୍ବା ସୁନାବେଶ ଅନୁଷ୍ଠିତ ହେବ। ଏହି ଦିବ୍ୟ ଅବସରରେ ବିଶ୍ୱପ୍ରସିଦ୍ଧ ଶ୍ରୀମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ସୁନାବେଶ ଦର୍ଶନ ସହ ଦଶହରା ନୀତି ନିରୀକ୍ଷଣ କରିବାର ସୌଭାଗ୍ୟ ଲାଭ କରିବେ।ସୁନାବେଶ, ଦୁର୍ଗାମାଧବ ବିଜେ ଓ ବିଜୟୋତ୍ସବ ନୀତି ଦଶହରା ପର୍ବର ବିଶେଷ ନୀତିକାନ୍ତି ଅନୁସାରେ, ରତ୍ନସିଂହାସନରେ ଶ୍ରୀବିଗ୍ରହଙ୍କ ନୀତି ସମ୍ପାଦନ ପରେ ଶ୍ରୀବଲ୍ଲଭ ମଠ ସ୍ଥିତ ମହାଖଳାକୁ ମହାପ୍ରଭୁ ବିଜେ ହେବେ। ରଥାରୂଢ଼ ହୋଇ ଦେବୀ ଦୁର୍ଗା ଓ ମହାପ୍ରଭୁ ମାଧବ (ଦୁର୍ଗାମାଧବ) ବିଜେ କରିବେ। ଶ୍ରୀମନ୍ଦିରରେ ଦଶହରାର ସମସ୍ତ ସ୍ୱତନ୍ତ୍ର ନୀତିକାନ୍ତି ସାଙ୍ଗ ହେବା ପରେ ମହାପ୍ରଭୁଙ୍କ ରାଜାଧିରାଜ ସୁନାବେଶ ସମ୍ପନ୍ନ ହେବ। ଏହାସହ ଶ୍ରୀମଦନମୋହନ, ଶ୍ରୀରାମ ଓ ଶ୍ରୀକୃଷ୍ଣ ବୀରବେଶ ଧାରଣ କରି ଦଶହରା ପଦାକୁ ବିଜେ କରିବା ପରେ ସନ୍ଧ୍ୟା ନୀତି ଶେଷ କରି ଶ୍ରୀଜଗନ୍ନାଥ ଠାକୁରେ ସାନନ୍ଦେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ।୨୨ ତାରିଖରୁ ଶ୍ରୀମନ୍ଦିରରେ ମହାକାର୍ତ୍ତିକ ନୀତି ଓ ରାଧାଦାମୋଦର ବେଶ ଦଶହରା ପର୍ବ ସମ୍ପନ୍ନ ହେବା ପରେ ଆସନ୍ତା ୨୨ ତାରିଖ ଗୁରୁବାର ଏକାଦଶୀ ତିଥିରୁ ଶ୍ରୀମନ୍ଦିରରେ ମାସବ୍ୟାପୀ ପାଳିତ ହେବାକୁ ଥିବା ପବିତ୍ର ମହାକାର୍ତ୍ତିକ ନୀତି ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ଏହି ଅବସରରେ ଶ୍ରୀବିଗ୍ରହମାନଙ୍କ ପ୍ରସିଦ୍ଧ 'ରାଧାଦାମୋଦର ବେଶ' (ରାଧାଦାମୋଦର ଛେଦା) ଅନୁଷ୍ଠିତ ହେବ। ମାସସାରା ଠାକୁରଙ୍କୁ ସ୍ୱତନ୍ତ୍ର 'ବାଳଭୋଗ' (କାର୍ତ୍ତିକ ବାଳଭୋଗ) ଅର୍ପଣ କରାଯିବ। କାର୍ତ୍ତିକ ବ୍ରତ ପାଳନ ପାଇଁ ଦୂରଦୂରାନ୍ତରୁ ଶ୍ରୀକ୍ଷେତ୍ରକୁ ଆସୁଥିବା ହଜାର ହଜାର ହବିଷ୍ୟାଳୀ ଓ ସାଧୁସନ୍ଥଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।ଶାସ୍ତ୍ରୀୟ ମାହାତ୍ମ୍ୟ: ସ୍କନ୍ଦ ଓ ପଦ୍ମ ପୁରାଣର ଗାଥା ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ, ବାର ମାସ ମଧ୍ୟରେ କାର୍ତ୍ତିକ ମାସ ହେଉଛି ସର୍ବଶ୍ରେଷ୍ଠ ଧର୍ମ ଓ ପୁଣ୍ୟ ମାସ। ପଦ୍ମ ପୁରାଣର ବର୍ଣ୍ଣନାନୁଯାୟୀ, ଏହି ପବିତ୍ର ମାସରେ ଜଗତର ନାଥ ଶ୍ରୀବିଷ୍ଣୁ 'ଦାମୋଦର' ରୂପରେ ପୂଜିତ ହୁଅନ୍ତି। ସେହିପରି ସ୍କନ୍ଦ ପୁରାଣ କହେ ଯେ, କାର୍ତ୍ତିକ ମାସରେ ତପ, ଦାନ ଓ ଜପ କଲେ ଅନନ୍ତ ପୁଣ୍ୟପ୍ରାପ୍ତି ହୋଇଥାଏ। ଏହି ମାସସାରା ମାଆ ରାଧାରାଣୀଙ୍କ ସହ ଶ୍ରୀକୃଷ୍ଣ ତଥା ମାଧବଙ୍କ ଉପାସନା ସର୍ବାଦୃତ ଓ ସର୍ବଫଳଦାୟୀ ବୋଲି ବିଶ୍ୱାସ ରହିଛି। ଶ୍ରୀମନ୍ଦିରରେ କାର୍ତ୍ତିକ ମାସର ଏହି ନୀତିକାନ୍ତି କାହିଁ କେଉଁ ଅନାଦି କାଳରୁ ନିଷ୍ଠାର ସହ ପାଳିତ ହୋଇଆସୁଛି।

# ପୁରୀ ରେ ଚର୍ଚ୍ଚା



ପୁରୀ: ପୁରୀର ପ୍ରଥମ ବିଜେପି ବିଧାୟକ ଜୟନ୍ତ(ନିଲୁ) ଷଡଙ୍ଗୀ। 2019 ର ବିଜେଡି ସପକ୍ଷରେ ମାହୋଲ ଥିବାବେଳେ ଓ ସ୍ବର୍ଗତ ମହେଶ୍ବର ମହାନ୍ତିଙ୍କ ଲୋକପ୍ରିୟତା ଥିବାବେଳେ ସେ ପୁରୀ ବିଧାୟକ ହୋଇଥିଲେ। ଏଥରକ ଅନୁକମ୍ପାମୂଳକ ଭୋଟ ମହେଶ୍ବର ମହାନ୍ତିଙ୍କ ସୁପୁତ୍ରଙ୍କ ସପକ୍ଷରେ ଯିବାରୁ ସେ ନିର୍ବାଚନ ହାରିଛନ୍ତି। ନିର୍ବାଚନରେ ହାରିବା ଜିତିବା ଲାଗିରହେ କିନ୍ତୁ ଲୋକ ସମ୍ପର୍କ ବଡ କଥା। ନିଲୁ ବାବୁ ଲୋକଙ୍କ ସହିତ ସବୁବେଳେ ରହିଥିବା ଦେଖାଯାଏ। ସାଧାରଣ ପରିବାରରୁ ଆସି କାଉନସିଲର ରୁ ଏମ ଏଲ ଏ ପର୍ଯ୍ୟନ୍ତ ଯାତ୍ରା କେବଳ ଲୋକ ସମ୍ପର୍କ ଯୋଗୁ ହୋଇପାରିଛି। ସବୁଠାରୁ ବଡ କଥା ହେଲା ପୁର୍ବ ସରକାରଙ୍କ ଶ୍ରୀମନ୍ଦିର ଉନ୍ନତିକରଣ କାର୍ଯ୍ୟରେ ସେ ବାଧା ଦେଇ ନଥିଲେ ଯଦିଓ ଏହାର ଅନେକ ଦିଗକୁ ସେ ସମର୍ଥନ କରୁନଥିଲେ , ଯେପରି ଦୋକାନ ଉଚ୍ଛେଦ ବା ମଠ ଭଙ୍ଗା ଇତ୍ୟାଦି। ସେ ପୁରୀର ବିକାଶ ରେ ବିଶ୍ବାସ କରନ୍ତି। ଦଳ ରାଜନୀତି ଅପେକ୍ଷା ବିକାଶ ରାଜନୀତିକୁ ଅଧିକ ଗୁରୁତ୍ବ ଦିଅନ୍ତି। ବ୍ୟବହାର ରେ ଗର୍ବ ଦେଖାଯାଏ ନାହିଁ।

## ବିଦ୍ୟୁତ ଆଘାତରେ ୨ ଜଣ କେବୁଲ ବାଲା ଙ୍କ ଥାନା ପରିସରରେ ମୃତ୍ୟୁ

ପୁରୀ:୧୯/୧୦ : ବଳିଆପଣ୍ଡା ଥାନା ପରିସରରେ ଅଘଟଣ । ବିଦ୍ୟୁତ୍ ଆଘାତରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି । କେବୁଲ କାମ କରିବାକୁ ଯାଇ ବଳିଆପଣ୍ଡା ଥାନା ପରିସରରେ ଏହି ଅଘଟଣ ଘଟିଛି । ପୋଲିସ ଆମ୍ବୁଲାନ୍ସ ନ ଡାକି ,ପରିବାର ଲୋକଙ୍କୁ ଖବର ଦିଆନଯାଇ ପୋଲିସ ପିସିଆର ଯୋଗେ ମୃତ ଦେହ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା ଅଭିଯୋଗ ହୋଇଛି । ଆଜି ଅପରାହ୍ନରେ ବଳିଆପଣ୍ଡା ଥାନା ପରିସରରେ ଏହି ଅଘଟଣ ଘଟିଛି । ମୃତ୍ୟୁ ହୋଇଥିବା ଯୁବକ ହେଉଛନ୍ତି ବାପି ପ୍ରଧାନ ଓ ସୁବ୍ରତ ସାହୁ । ଦୁଇ ଯୁବକ ହେଉଛନ୍ତି ରାମମନ୍ଦିର ଜାଲି ସାହି ଓ ବଳିଆପଣ୍ଡା ଥାନା ଅଞ୍ଚଳ ମଙ୍ଗଳା ସାହିର ବୋଲି ଜଣାପଡିଛି । ବଳିଆପଣ୍ଡା ଥାନାରେ ଟିଭି କେବୁଲ କାମ କରିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଦୁଇ ଯୁବକକ ମୃତ୍ୟୁ ହୋଇଥିବା ଜଣାପଡିଛି । ଖବର ପାଇ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ପୁରୀ ଏସପି ପ୍ରତୀକ ସିଂହ ,ବିଭିନ୍ନ ଥାନାର ଆଇଆଇସି,ସିଟି ଡିଏସପି ପହଞ୍ଚିଛନ୍ତି । ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଲାଗି ରହିଛି । ଏହି ଦୁର୍ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପୁରୀ ଏସପି ପ୍ରତୀକ ସିଂହ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ମୃତ ଦୁଇ ଯୁବକ କେବୁଲ ତାର ସଜାଡ଼ିବା ପରେ କେବୁଲ ତାର ୧୧ କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି । ପୋଲିସ ପିସିଆର ଯୋଗେ ସେମାନଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା । ଏ ସମ୍ପର୍କରେ ବଳିଆପଣ୍ଡା ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ନ୍ୟାୟ ପାଇଁ ପରିବାର ଲୋକେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ଶବ ବ୍ୟବଚ୍ଛେଦ ଗୃହ ସାମ୍ନାରେ ଧାରଣା ଦେଇଛନ୍ତି ।ପୁରୀ ରୁ ନୀଳାଚଳ ଦାସ ଅଦ୍ୟାଶା ଲାଇଭ



Adyasha masthead

PRGI No. ORORI/25/A0506 | Daily Edition | Email : adyashalive@gmail.com

BHUBANESWAR | Vol. 02 | Issue 12 | ଶୁକ୍ରବାର, ୨୩ ଅକ୍ଟୋବର ୨୦୨୬ | ପୃଷ୍ଠା ୦୯ | Rs. 7

ଆଜିର ପ୍ରମୁଖ

## ଦଶହରା ଦିନ ବୁଗୁଡ଼ା ହତ୍ୟାକାଣ୍ଡର ଅଭିଯୁକ୍ତ ଗିରଫ



ବୁଗୁଡ଼ା:୨୨/୧୦/୨୬ : ଗଞ୍ଜାମ ପୋଲିସ ଜିଲ୍ଲା ଅଧିନସ୍ଥ ବୁଗୁଡ଼ା ପୋଲିସ ଥାନା ଅନ୍ତର୍ଗତ ବୁଗୁଡ଼ା ସହରର ତଳ ଓଡ଼ିଆ ସାହିର ସନ୍ତୋଷ କୁମାର ରାଉତ(୩୦)ଙ୍କୁ ଦଶହରା ଦୁର୍ଗା ପୂଜା ୨୦/୧୦/୨୬ ତାରିଖ ଦିନ ହତ୍ୟାକରି ବୁଗୁଡ଼ା ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ ନିକଟରେ ବୁଗୁଡ଼ା-ମୋଟାବାଡ଼ି ରାସ୍ତା କଡ଼ରେ ଆସାମୀଫୋପାଡ଼ି ଦେଇଥିଲା। ହତ୍ୟାକାଣ୍ଡର ଆସାମୀକୁ ଗିରଫ କରି ଅନୁସନ୍ଧାନକାରୀ ପୋଲିସ ଅଧିକାରୀ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ଓ ବୁଗୁଡ଼ା ପୋଲିସ ବାହିନୀ ବଡ଼ ସଫଳତା ପାଇପାରିଛନ୍ତି। ଏହି ବିଷୟରେ ବୁଗୁଡ଼ା ଥାନା ପରିସରରେ ଏକ ଖବରଦାତା ସମ୍ମଳନୀ ୨୨/୧୦/୨୬ ଦିନ ଅନୁଷ୍ଠିତ ହୋଇ ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡକ୍ଟର ଦୀପକ କୁମାର ମିଶ୍ର ଓ ବୁଗୁଡ଼ା ଆରକ୍ଷୀ ନିରୀକ୍ଷକ ସୀତାଂଶୁ ଶେଖର ମାନ୍ଧାତା ସମସ୍ତ ବିଷୟ ପ୍ରକାଶ କରିଛନ୍ତି। ହତ୍ୟାକାଣ୍ଡ ଘଟାଇଥିବା ଆସାମୀ ବୁଗୁଡାର ତଳ ଓଡ଼ିଆ ସାହିର ବସନ୍ତ କୁମାର ନାୟକ (୩୫) ହୋଇଥିବା ବେଳେ ହତ୍ୟାକାଣ୍ଡର ଶିକାର ହୋଇଥିବା ସନ୍ତୋଷଙ୍କ ପଡ଼ୋଶୀ ଅଟନ୍ତି। ଦୁଇ ମାସ ପୂର୍ବେ ମୃତ ସନ୍ତୋଷ ଓ ଅଭିଯୁକ୍ତ ବସନ୍ତଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ବସନ୍ତ ନାୟକ ପ୍ରତିଶୋଧ ନେବା ଆଳରେ ମୃତ ସନ୍ତୋଷ ରାଉତାଙ୍କୁ ମଧୁର କଥା କହି ସନ୍ତୋଷଙ୍କ ହିରୋ ଏଚ୍‌ଏଫ୍ ଡିଲକ୍ସ ବାଇକ୍ ଓଡ଼ି ୩୨ଏ ୬୬୭୫ ରେ ବୁଗୁଡ଼ାରୁ ସକାଳ ୮ଘ ୩୦ ମିନିଟରୁ ବାହାରି ଯାଇଥିବା ବେଳେ ବୁଗୁଡ଼ା ପୋଲିସ ୧୧ଘ ୧୫ମିନିଟ ସମୟରେ ସନ୍ତୋଷଙ୍କ ମରଶରୀରକୁ ମୋଟାବାଡ଼ି ରାସ୍ତା କଡ଼ରେ ଦେଖିଥିଲେ। ଅଭିଯୁକ୍ତ ବସନ୍ତ ନାୟକ ଏକ ଧାରୁଆ ଛୁରୀରେ ସନ୍ତୋଷଙ୍କ ଗଳାକାଟି ହତ୍ୟା କରିଥିବା ବେଳେ ଅଭିଯୁକ୍ତଙ୍କ ନିକଟରୁ ଏକ ଛୁରୀ, ମୃତ ସନ୍ତୋଷଙ୍କ ମୋବାଇଲ ଓ ବାଇକ୍ ଜବତ କରାଯାଇଛି। ମୃତ ସନ୍ତୋଷଙ୍କ ମାଆ ଶଶି ରାଉତଙ୍କ ଅଭିଯୋଗ ପ୍ରକାରେ ବୁଗୁଡ଼ା ଥାନାରେ କେସ ନଂ ୫୨୨/୨୬, ଧାରା ୟୁ/ଏସ ୧୦୩(୧) ବିଏନସ, ୨୦/୧୦/୨୦୨୬ ତାରିଖରେ ଏକ ମାମଲା ରୁଜୁ ହୋଇଥିବା ବେଳେ ୨୨/୧୦/୨୬ ତାରିଖ ଦିନ ଅଭିଯୁକ୍ତ ବସନ୍ତ କୁମାର ନାୟକଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସୁରତର ଧରିତ୍ରୀ ନଗରରେ ମା’ ଦୁର୍ଗାଙ୍କ ଜୟଜୟକାର, ୧୫ ବର୍ଷ ଧରି ଚାଲିଛି ଦୁର୍ଗାପୂଜା ପରମ୍ପରା

ସୁରତ: ଗୁଜରାଟର ସୁରତସ୍ଥିତ ଧରିତ୍ରୀ ନଗର ଶନିଦେବ ମନ୍ଦିର ପରିସରରେ ଗୁଞ୍ଜରିତ ହେଉଛି ମା’ ଦୁର୍ଗତିନାଶିନୀଙ୍କ ଜୟଜୟକାର। ଓଡ଼ିଶା ବ୍ରାହ୍ମଣ ସମାଜ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ପ୍ରବାସୀ ଓଡ଼ିଆଙ୍କ ସହଯୋଗରେ ଦୀର୍ଘ ୧୫ ବର୍ଷ ଧରି ଏଠାରେ ଦୁର୍ଗାପୂଜା ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ନବଦିନାତ୍ମକ ଦୁର୍ଗାପୂଜା ଧୁମ୍‌ଧାମରେ ପାଳନ କରାଯାଉଛି। କଳସ ଯାତ୍ରାରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବରେ ମା’ ଦୁର୍ଗାଙ୍କ ମୂର୍ତ୍ତି ସ୍ଥାପନ ସହ ବିଭିନ୍ନ ପୂଜାବିଧି ଅନୁଷ୍ଠିତ ହେଉଛି। ବିଲ୍ୱବରଣ, ଷଷ୍ଠୀ, ସପ୍ତମୀ ଓ ଅଷ୍ଟମୀ ପୂଜା ସହ ସୂର୍ଯ୍ୟନାରାୟଣଙ୍କ ପୂଜା ମଧ୍ୟ କରାଯାଇଛି। ବିଶେଷକରି ଅଷ୍ଟମୀ ପୂଜାରେ ୧୦୦୮ ଦୀପ ପ୍ରଜ୍ୱଳନ ଓ ମହାଆଳତି ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ଭରିଦେଇଥିଲା। ପୂଜା ଅବସରରେ ପ୍ରତିଦିନ ଅନ୍ନପ୍ରସାଦ ବଣ୍ଟନ ଓ ମହାଆଳତିର ଆୟୋଜନ କରାଯାଉଛି। ଗିନି, ମୃଦଙ୍ଗ ଓ ଘଣ୍ଟଧ୍ୱନି ସହ ମା’ଙ୍କ ଜୟଜୟକାରରେ ଧରିତ୍ରୀ ନଗରର ପରିବେଶ ଭକ୍ତିମୟ ହୋଇଉଠୁଛି। ଏହି ପୂଜା ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ପୂଜା ମଣ୍ଡପର ଆକର୍ଷଣୀୟ ତୋରଣ, ସୁନ୍ଦର ମେଢ଼ ଓ ମନୋରମ ଆଲୋକମାଳା ଶ୍ରଦ୍ଧାଳୁଙ୍କୁ ବିଶେଷ ଭାବେ ଆକୃଷ୍ଟ କରୁଛି। ଅଷ୍ଟମୀ ପୂଜା ଅବସରରେ ପ୍ରାୟ ୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ଓଡ଼ିଶା ବ୍ରାହ୍ମଣ ସମାଜ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ କରାଯାଇଥିଲା। ଏହି ପୂଜା ଆୟୋଜନରେ ଓଡ଼ିଶା ବ୍ରାହ୍ମଣ ସମାଜ ଚାରିଟେବଲ୍ ଟ୍ରଷ୍ଟ କମିଟିର ସୁଶାନ୍ତ ରାଧାକାନ୍ତ ପାଠୀ, ପ୍ରତାପ ପାଠୀ, ବିକ୍ରମ ପାଠୀ, ସଂଗ୍ରାମ ପାଠୀ, ସୁରତ ପାଠୀ, ସୁନୀଲ ପାଠୀ, ଅଭିନାଶ ନନ୍ଦ, ଅରେଶ ତ୍ରିପାଠୀ, ଜୟଶ୍ରୀ ରାଓ, ସନ୍ତୋଷ କୁମାର ସାହୁ, ଚିତ୍ରସେନ ପାତ୍ର, ରୋହିତ କୁମାର ମହାନ୍ତୀ, ରବି ପାତ୍ରଙ୍କ ସମେତ ବହୁ ପ୍ରବାସୀ ଓଡ଼ିଆ ସହଯୋଗ କରିଥିଲେ। ପ୍ରବାସରେ ରହି ମଧ୍ୟ ଓଡ଼ିଆ ପରମ୍ପରା, ସଂସ୍କୃତି ଓ ଧାର୍ମିକ ଭାବଧାରାକୁ ବଜାୟ ରଖିବା ସହ ଏହି ଦୁର୍ଗାପୂଜା ଉତ୍ସବ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଏକତା ଓ ଭାଇଚାରାର ନିଦର୍ଶନ ପାଲଟିଛି। ସୁରତ ରୁ ରିପୋର୍ଟ ମଙ୍ଗୁଲୁ ପ୍ରଧାନ ଆଦ୍ୟାଶା ଲାଇଭ



## ଲକ୍ଷ ଲକ୍ଷ ଟଙ୍କାର ମିଶନ ଶକ୍ତି ଗୃହରେ ଝୁଲୁଛି ତାଲା ଲୋକଙ୍କ ଝାଳବୁହା ଧନ ବରବାଦ, ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରାକୁ ନେଇ ଜଳୁଛି ଅସନ୍ତୋଷର ନିଆଁ ?



ପାତ୍ରପୁର :୨୨/୧୦:ବ୍ୟୁର ଚିଫ ପପୁନ ଷଡ଼ଙ୍ଗୀ : ଗାଁ ଗହଳିର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା, ଆର୍ଥିକ ମେରୁଦଣ୍ଡ ସୁଦୃଢ଼ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ଗତିଶୀଳ କରିବା ନାଁରେ ପୂର୍ବ ସରକାରଙ୍କ ଅମଳରେ ଜଳଛତ୍ର ଭଳି ଖର୍ଚ୍ଚ ହୋଇଥିଲା ରାଜକୋଷର କୋଟି କୋଟି ଟଙ୍କା। ରାଜ୍ୟର ପୁରପଲ୍ଲୀରେ ଚମକଦାର ରଙ୍ଗବେରଙ୍ଗର 'ମିଶନ ଶକ୍ତି ଗୃହ' ଛିଡ଼ା କରାଯାଇ ବଡ଼ ବଡ଼ ସଭାମଞ୍ଚରୁ ବାହାବା ନିଆଯାଇଥିଲା। କିନ୍ତୁ ଆଜି ସେହି କୋଠାଗୁଡ଼ିକର ବାସ୍ତବତା କ’ଣ? ଉଦଘାଟନୀ ଫଳକ ଲଗାଇ ଫଟୋ ଉଠାଇବା ପରେ ସରକାରୀ ବାବୁମାନେ ସବୁ ଭୁଲିଗଲେ, ଆଉ ଆଜି ସେହି ଲକ୍ଷ ଲକ୍ଷ ଟଙ୍କାର ଗୃହଗୁଡ଼ିକରେ ଝୁଲୁଛି ଲୁହା କଳଙ୍କି ଲାଗିଥିବା ତାଲା! ଚାରିପାଖରେ ଅନାବନା ଘାସ, ବୁଦା ଓ ଝାଡ଼ଜଙ୍ଗଲ ମାଡ଼ିଗଲାଣି। କୋଠା ଭିତରେ ମହିଳାମାନଙ୍କ କାର୍ଯ୍ୟକଳାପ ବଦଳରେ କେବଳ ଧୂଳି, ବାଲି ଆଉ ଅଳନ୍ଧୁ ରାଜୁତି କରୁଛି। ଜନସାଧାରଣଙ୍କ ଝାଳବୁହା ଟିକସ ଟଙ୍କାକୁ ଏଭଳି ଭାବେ ଅଳିଆଗଦାକୁ ଫିଙ୍ଗିଦେବା ପରେ ଏବେ ପ୍ରଶାସନ ପୂରା ନୀରବଦ୍ରଷ୍ଟା। ଭିତ୍ତିଭୂମି ଅଛି, ହେଲେ ସୁବିଧା ଶୂନ: କାହା ପାଇଁ ଏହି ପ୍ରହସନ? ପ୍ରଶ୍ନ ଉଠୁଛି, ଯଦି ଏହି ଗୃହଗୁଡ଼ିକୁ କାର୍ଯ୍ୟକ୍ଷମ କରିବାର କୌଣସି ଠୋସ୍ ଯୋଜନା ନଥିଲା, ତେବେ କୋଟି କୋଟି ଟଙ୍କାର ଏହି କୋଠା କାହା ସ୍ୱାର୍ଥରେ ନିର୍ମାଣ ହେଲା? ଠିକାଦାର ଓ ସରକାରୀ ବାବୁଙ୍କ ପକେଟ୍ ଗରମ କରିବା ପାଇଁ ନା ମହିଳାଙ୍କ ଉନ୍ନତି ପାଇଁ? * ପ୍ରଶିକ୍ଷଣ ଓ ବୈଠକ ବନ୍ଦ: ଗ୍ରାମାଞ୍ଚଳର ଏସଏଚଜି (SHG) ମହିଳାମାନେ ବୈଠକ କରିବା କିମ୍ବା କୌଣସି ସ୍ୱୟଂ ସହାୟକ ଉଦ୍ୟୋଗ ଚଳାଇବା ପାଇଁ ସ୍ଥାନ ଖୋଜୁଛନ୍ତି, ଅଥଚ ତାଙ୍କରି ପାଇଁ ନିର୍ମିତ କୋଠାର ଚାବି କାହା ପାଖରେ ଅଛି ତାହା ପ୍ରଶାସନକୁ ମଧ୍ୟ ଜଣାନାହିଁ * ମୌଳିକ ସୁବିଧାର ଘୋର ଅଭାବ: କେବଳ ଚାରି କାନ୍ଥ ଛିଡ଼ା କରି ରଙ୍ଗ ମାରିଦେଲେ ଯୋଜନା ସଫଳ ହୁଏନାହିଁ। ନା ଅଛି ନିୟମିତ ପାନୀୟ ଜଳର ବ୍ୟବସ୍ଥା, ନା ବିଦ୍ୟୁତ ସଂଯୋଗ, ନା ଉପଯୁକ୍ତ ରକ୍ଷଣାବେକ୍ଷଣ। ଲୋକଙ୍କୁ ଭୁଆଁ ବୁଲାଇବା ଆଉ କେତେ ଦିନ? ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ— କେବଳ ଭୋଟ୍ ରାଜନୀତି ଓ ଲୋକଙ୍କ ଆଖିରେ ଧୂଳି ଦେବା ପାଇଁ କୋଟି କୋଟି ଟଙ୍କାର ଏହି ଖେଳ ଖେଳାଯାଇଥିଲା। ଗୋଟିଏ ପଟେ ସରକାର ଋଣବୋଝ ସମ୍ଭାଳିବାକୁ ନାକେଦମ୍ ହେଉଥିବା ବେଳେ, ଅନ୍ୟପଟେ ଏଭଳି ଅର୍ଦ୍ଧନିର୍ମିତ ବା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ପ୍ରକଳ୍ପ ସରକାରୀ ଅର୍ଥର ଖୋଲା ଲୁଟ୍‌କୁ ସ୍ପଷ୍ଟ ପ୍ରମାଣିତ କରୁଛି। ପ୍ରଶାସନ କ’ଣ ଜାଣିଶୁଣି ଏହି ଗୃହଗୁଡ଼ିକୁ କାର୍ଯ୍ୟକ୍ଷମ କରୁନାହିଁ? ଯଦି ପୂର୍ବ ପ୍ରକଳ୍ପର ସୁଫଳ ତୃଣମୂଳ ସ୍ତରର ମହିଳାଙ୍କ ପାଖରେ ନପହଞ୍ଚିବ, ତେବେ ବିକାଶର ଏହି ଡିଣ୍ଡିମ କେବଳ କାଗଜପତ୍ରରେ ହିଁ ସୀମିତ ରହିବ। ଜିଲ୍ଲା ପ୍ରଶାସନକୁ ସିଧାସଳଖ ଚେତାବନୀ: ଅଞ୍ଚଳବାସୀଙ୍କ ଧୈର୍ଯ୍ୟର ସୀମା ଏବେ ଟପିଲାଣି। କୋଠାରେ ତାଲା ପକାଇ ପ୍ରଶାସନ ଯେଉଁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି, ତାହାକୁ ଭାଙ୍ଗିବାର ସମୟ ଆସିଯାଇଛି। ଯଦି ତୁରନ୍ତ: * ଏହି ପରିତ୍ୟକ୍ତ ମିଶନ ଶକ୍ତି ଗୃହଗୁଡ଼ିକର ତାଲା ଖୋଲା ନଯାଏ, * ଚାରିପାଖର ଜଙ୍ଗଲ ସଫା କରି ଆବଶ୍ୟକୀୟ ବିଜୁଳି ଓ ପାଣି ସୁବିଧା ଯୋଗାଇ ନଦିଆଯାଏ, * ଏବଂ ଏସଏଚଜି ମହିଳାମାନଙ୍କୁ ଏହାର ଦାୟିତ୍ୱ ସଠିକ୍ ଭାବେ ହସ୍ତାନ୍ତର ନକରାଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ତଥା ମହିଳା ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ବାଧ୍ୟ ହେବେ। ଏବେ ଦେଖିବାକୁ ବାକି ରହିଲା, ଏହି ଖବର ପ୍ରସାରଣ ପରେ ନିଦ୍ରାରେ ଥିବା ଜିଲ୍ଲା ପ୍ରଶାସନ ଚେତୁଛି ନା ପୂର୍ବଭଳି ଚୁପ୍ ରହି ଲୋକଙ୍କ ଧନକୁ ବରବାଦ ହେବାକୁ ଛାଡ଼ିଦେଉଛି!

# ବେଲଗୁଣ୍ଠାର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ମହାସମାରୋହରେ ଅନୁଷ୍ଠିତ ୧୦୦୮ ଆଳତି ଓ କାନିକା ପ୍ରସାଦ ବଣ୍ଟନରେ ଭକ୍ତଙ୍କ ଭିଡ଼





ବେଲଗୁଣ୍ଠା:(ମଙ୍ଗୁଲୁ ପ୍ରଧାନ / ଆଦ୍ୟାଶା ଲାଇଭ୍):ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ବ୍ୟବସାୟିକ ଓ ସାଂସ୍କୃତିକ ସହର ବେଲଗୁଣ୍ଠାରେ ପବିତ୍ର ଶାରଦୀୟ ଦୁର୍ଗାପୂଜା ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ସହରର ବିଭିନ୍ନ ପୂଜାମଣ୍ଡପ ଓ ସାହିଗୁଡ଼ିକରେ ଜଗଜ୍ଜନନୀ ମା’ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ସ୍ଥାପନ କରାଯାଇ ଅତ୍ୟନ୍ତ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା, ଦିବ୍ୟ ଆଳତି ଏବଂ ମହାପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସରରେ ୧୦୮ ଆଳତି ବେଲଗୁଣ୍ଠା ସହରର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସରରେ ମା’ଙ୍କ ପୂଜୋତ୍ସବ ବେଶ୍ ଶ୍ରଦ୍ଧାପୂର୍ଣ୍ଣ ଆବହାୱା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଠାରେ ମହାଷ୍ଟମୀ ତିଥିଠାରୁ ଆରମ୍ଭ କରି ବିଜୟାଦଶମୀ ପର୍ଯ୍ୟନ୍ତ କ୍ରମାଗତ ଭାବେ ୧୦୮ ଆଳତି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂଜକ ଗାଣ୍ଡୁ ପତି ଶାସ୍ତ୍ରୀୟ ରୀତିନୀତି ଅନୁସାରେ ସମସ୍ତ ପୂଜାବିଧି ସମ୍ପାଦନ କରିଥିଲେ। ପୂଜା ଶେଷରେ ଉପସ୍ଥିତ ଶତାଧିକ ଭକ୍ତଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା।କଂସାରି ସାହିରେ ୧୦୦୮ ଆଳତି, ଭଜନ ସମାରୋହ ଓ କାନିକା ପ୍ରସାଦ ସେହିପରି ସହରର ଅନ୍ୟତମ ପ୍ରସିଦ୍ଧ ପୂଜାସ୍ଥଳୀ କଂସାରି ସାହିରେ ମା’ଙ୍କ ଆରାଧନା ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଏଠାରେ ମା’ଙ୍କ ପୂଜା ଅବସରରେ ୧୦୦୮ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହା ଦର୍ଶନାର୍ଥୀଙ୍କ ମନରେ ଏକ ଆଧ୍ୟାତ୍ମିକ ଶିହରଣ ସୃଷ୍ଟି କରିଥିଲା। ପୂଜକ ଯୋଗୀ ପତି ପୂଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଏହି ଅବସରରେ 'ଜୟ ଜଗନ୍ନାଥ ଭଜନ ମଣ୍ଡଳୀ' ପକ୍ଷରୁ ଏକ ମନମୁଗ୍ଧକର ଭଜନ ସମାରୋହ ଆୟୋଜିତ ହୋଇଥିଲା। ଭକ୍ତିରସାତ୍ମକ ସଙ୍ଗୀତ ଗାନରେ ସମଗ୍ର କଂସାରି ସାହି ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା। ପୂଜାର ଅନ୍ୟତମ ମୁଖ୍ୟ ଆକର୍ଷଣ ଭାବେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ସ୍ୱାଦିଷ୍ଟ 'କାନିକା ପ୍ରସାଦ' ବଣ୍ଟନ କରାଯାଇଥିଲା। ଏହି ସ୍ୱତନ୍ତ୍ର ପ୍ରସାଦ ପାଇବା ପାଇଁ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳିଥିଲା।ସମଗ୍ର ସହରରେ ଆଧ୍ୟାତ୍ମିକ ଉତ୍ସବମୁଖର ପରିବେଶ ଉଭୟ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସର ଓ କଂସାରି ସାହି ପୂଜାମଣ୍ଡପରେ ପ୍ରବଳ ଜନସମାଗମ ହେବା ସହ ଶ୍ରଦ୍ଧାଳୁମାନେ ଧାଡ଼ି ବାନ୍ଧି ମା’ଙ୍କ ଦିବ୍ୟ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଆଲୋକମାଳାର ସାଜସଜ୍ଜା, ମାଣ୍ଡଳ-ଶଙ୍ଖ ଧ୍ୱନି ଏବଂ ମା’ଙ୍କ ଜୟକାରରେ ସମଗ୍ର ବେଲଗୁଣ୍ଠା ସହରରେ ଏକ ଆଧ୍ୟାତ୍ମିକ ଓ ଆନନ୍ଦମୁଖର ପରିବେଶ ସୃଷ୍ଟି ହୋଇଥିଲା।

ଜିଲ୍ଲାରୁ ସିଧା ରିପୋର୍ଟ

# ଟିକରପଡ଼ାରେ ଜୁଆ ଆଡ୍ଡା ଠାବ, ପୁଲିସ ଚଢ଼ାଉରେ ୯ ଜଣ କାବୁ

ଚିକିଟି/ବ୍ରହ୍ମପୁର:(ରାହୁଲ ସାହୁ / ଆଦ୍ୟାଶା ଲାଇଭ୍):ବ୍ରହ୍ମପୁର ପୁଲିସ ଜିଲ୍ଲା ଅଧୀନ କେ.ନୂଆଗାଁ ଥାନା ଅନ୍ତର୍ଗତ ସି.ଏଚ୍. ଟିକରପଡ଼ା ଗ୍ରାମରେ ଚାଲିଥିବା ଏକ ବେଆଇନ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ବଡ଼ଧରଣର ସଫଳତା ହାସଲ କରିଛି। ରାତ୍ରୀକାଳୀନ ଚଢ଼ାଉ ସମୟରେ ପୋଲିସ ଜୁଆ ଖେଳୁଥିବା ୯ ଜଣ ବ୍ୟକ୍ତିଙ୍କୁ କାବୁ କରିବା ସହ ଘଟଣାସ୍ଥଳରୁ ୧ ଲକ୍ଷ ୫୫ ହଜାର ୬୦ ଟଙ୍କା ନଗଦ ଏବଂ ବହୁ ଜୁଆ ସାମଗ୍ରୀ ଜବତ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।ଗୁପ୍ତ ସୂଚନା ଆଧାରରେ ପୋଲିସର ଅଚାନକ ଚଢ଼ାଉ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ସି.ଏଚ୍. ଟିକରପଡ଼ା ଗାଁରେ କିଛି ଅସାମାଜିକ ବ୍ୟକ୍ତି ଏକତ୍ରିତ ହୋଇ ବେଆଇନ ଭାବେ ଲୁଚାଛପାରେ ଜୁଆ ଖେଳୁଥିବା ନେଇ କେ.ନୂଆଗାଁ ଥାନା ପୋଲିସକୁ ବିଶ୍ୱସନୀୟ ସୂତ୍ରରୁ ଖବର ମିଳିଥିଲା। ଏହି ସୂଚନାକୁ ଆଧାର କରି ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଅଚାନକ ଚଢ଼ାଉ କରିଥିଲା। ପୋଲିସ ଟିମ୍‌କୁ ଦେଖି ଜୁଆଡ଼ିମାନଙ୍କ ମଧ୍ୟରେ କୋଳାହଳ ସୃଷ୍ଟି ହୋଇଥିଲା ଏବଂ ସେମାନେ ସେଠାରୁ ଖସିଯିବାକୁ ଉଦ୍ୟମ କରିଥିଲେ। ମାତ୍ର ପୋଲିସର ଦକ୍ଷ ଟିମ୍ ସତର୍କତାର ସହ ଚାରିପଟୁ ଘେରିଯାଇ ୯ ଜଣଙ୍କୁ କାବୁ କରିଥିଲା।ବିପୁଳ ପରିମାଣର ନଗଦ ଟଙ୍କା ଓ ସାମଗ୍ରୀ ଜବତ ଘଟଣାସ୍ଥଳରେ ପୋଲିସ ପକ୍ଷରୁ କରାଯାଇଥିବା ତନଖି ସମୟରେ ଜୁଆ ଖେଳରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ସହ ମୋଟ ୧,୫୫,୦୬୦ ଟଙ୍କା ନଗଦ ଜବତ କରାଯାଇଛି। ଜବତ ହୋଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ୬ ପ୍ୟାକେଟ୍ ତାସ୍, ୬ଟି ମୋବାଇଲ୍ ଫୋନ୍, ଗୋଟିଏ ନାଲି ରଙ୍ଗର ଟର୍ଚ୍ଚ ଏବଂ ଗୋଟିଏ ନାଲି ରଙ୍ଗର ତାରପୋଲିନ୍ ରହିଛି। ଜବତ ସମସ୍ତ ସାମଗ୍ରୀକୁ ପୋଲିସ ନିଜ ହେପାଜତକୁ ନେଇଛି।ମାମଲା ରୁଜୁ, ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ତଦନ୍ତ ଜାରି ଏହି ଘଟଣାକୁ ନେଇ କେ.ନୂଆଗାଁ ଥାନାରେ କେସ୍ ନମ୍ବର ୨୪୦/୨୦୨୬ ରୁଜୁ କରାଯାଇଛି। ଭାରତୀୟନ୍ୟାୟ ସଂହିତା (BNS) ର ଧାରା ୧୧୨(୨) ସହ ଓଡ଼ିଶା ଜୁଆ ନିରୋଧ ଆଇନର ଧାରା ୩ ଅନୁଯାୟୀ ମାମଲା ରୁଜୁ କରି ପୋଲିସ ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା ଜାରି ରଖିଛି। ଏହି ବେଆଇନ ଜୁଆ ଆଡ୍ଡା ପଛରେ ଆଉ କାହାର ହାତ ଅଛି କିମ୍ବା ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ଗଭୀର ଭାବେ ତଦନ୍ତ ଚଳାଇଛି।



## ରାସ୍ତାକଡ଼ରୁ କନେଷ୍ଟବଲଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର;ଦୁର୍ଘଟଣା ନା ଅନ୍ୟ କିଛି?

ବେଲଗୁଣ୍ଠା:-ଗଞ୍ଜାମ ଜିଲ୍ଲାରେ ଜଣେ ପୁଲିସ କନେଷ୍ଟବଲଙ୍କ କ୍ଷତବିକ୍ଷତ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର ହେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ବେଲଗୁଣ୍ଠା ଥାନାରେ କାର୍ଯ୍ୟରତ କନେଷ୍ଟବଲ ରମା ଶଙ୍କର ସ୍ୱାଇଁ। ତାଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ଏହା ପଛରେ ଅନ୍ୟ କୌଣସି କାରଣ ରହିଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ।ସୂଚନା ଅନୁଯାୟୀ, ରମା ଶଙ୍କରଙ୍କ ନିଜ ଘର ବିଞ୍ଝଗିରି ନିକଟସ୍ଥ ପଥରା ଗ୍ରାମରେ ହୋଇଥିବା ବେଳେ ସେ ଭଞ୍ଜନଗରର ଲଣ୍ଡେଇସାହିରେ ରହୁଥିଲେ। ଗତ ଚାରି ବର୍ଷ ଧରି ସେ ବେଲଗୁଣ୍ଠା ଥାନାରେ କାର୍ଯ୍ୟରତ ଥିଲେ। ଶନିବାର ରାତି ପ୍ରାୟ ୯ଟାରେ ସେ ନିଜ ହୋଣ୍ଡା ୟୁନିକର୍ଣ୍ଣ ମୋଟର ସାଇକେଲ ଯୋଗେ ଥାନାରୁ ବାହାରିଥିଲେ।ରାତି ପ୍ରାୟ ୧୧ଟାରୁ ୧୨ଟା ମଧ୍ୟରେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବିଡ଼ିପୁର କଲେଜ ନିକଟସ୍ଥ ଏକ ପୋଖରୀ ପାଖରେ ସେ ଓ ତାଙ୍କ ମୋଟରସାଇକେଲ ପଡ଼ିଥିବା ନେଇ ଜଗନ୍ନାଥ୍ ପ୍ରସାଦ ପୁଲିସକୁ ଖବର ମିଳିଥିଲା। ଖବର ପାଇ ଜଗନ୍ନାଥପ୍ରସାଦ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ ।ଘଟଣା ସମ୍ପର୍କରେ ତାରସିଂ ଥାନାରେ କାର୍ଯ୍ୟରତ ତାଙ୍କ କନେଷ୍ଟବଲ ଭାଇ ଉମା ଶଙ୍କର ସ୍ୱାଇଁଙ୍କୁ ସୂଚନା ଦିଆଯାଇଥିବା ବେଳେ ଜଗନ୍ନାଥପ୍ରସାଦ ଥାନାରେ ଏନେଇ ଅଭିଯୋଗ ହୋଇଛି। ରବିବାର ସକାଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଯାଇଛି।ପ୍ରାଥମିକ ଭାବେ କୌଣସି ଅଜଣା ଗାଡ଼ି ଧକ୍କା ଦେବା କିମ୍ବା ରାସ୍ତାରେ ହଠାତ୍ ଜଙ୍ଗଲୀ ଜନ୍ତୁ ଆସିଯିବାରୁ ଦୁର୍ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ମୋଟରସାଇକେଲରେ ଆଖିଦୃଶିଆ କ୍ଷୟକ୍ଷତି ହୋଇନଥିବା ବେଳେ ରମା ଶଙ୍କରଙ୍କ ଶରୀରରେ ବିଭିନ୍ନ କ୍ଷତଚିହ୍ନ ରହିଥିବା ଜଣାପଡ଼ିଛି। ସେ କିଛି ଦୂର ଘୋଷାଡ଼ି ହୋଇଯାଇଥିବା ମଧ୍ୟ ସନ୍ଦେହ କରାଯାଉଛି। ତେବେ ଘଟଣାର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସେ ଜଣେ ସରଳ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବେଲଗୁଣ୍ଠା ପ୍ରେସକ୍ଲବ ପକ୍ଷରୁ ମଧ୍ୟ ଗଭୀର ଶୋକପ୍ରକାଶ କରାଯାଇଛି। ମୃତ କନେଷ୍ଟବଲଙ୍କ ଦୁଇ ପୁଅ ଥିବା ବେଳେ ବଡ଼ ପୁଅ ଯୁକ୍ତଦୁଇ ଏବଂ ସାନ ପୁଅ ନବମଶ୍ରେଣୀରେ ପଢ଼ୁଥିବା ଜଣାପଡ଼ିଛି। ରିପୋର୍ଟ :ମଙ୍ଗଳ ପ୍ରଧାନ ଆଦ୍ୟାଶା ଲାଇଭ



## ଛତ୍ରପୁରରେ ଡିଭାଇଡରରେ ପିଟିଲା ନୂଆ ଇନୋଭା ଅଳ୍ପକେ ବର୍ତ୍ତିଲେ ୭ ଜଣ

ଛତ୍ରପୁର:(ଆଦ୍ୟାଶା)ରାହୁଲ ସାହୁ : ଛତ୍ରପୁର ଦୟା ପେଟ୍ରୋଲ ପମ୍ପ ନିକଟରେ ଏକ ନୂଆ ଟୋୟୋଟା ଇନୋଭା ଦୁର୍ଘଟଣାଗ୍ରସ୍ତ ହୋଇଛି। ରାୟଗଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ଭୁବନେଶ୍ୱରରୁ ନୂଆ ଗାଡ଼ି କିଣି ପରିବାର ସହ ରାୟଗଡ଼ା ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗାଡ଼ିରେ ମାଲିକଙ୍କ ସହ ତାଙ୍କ ପତ୍ନୀ, ସାନଭାଇ ଓ ୪ ଜଣ ଶିଶୁ ଯାତ୍ରା କରୁଥିଲେ। ଦୟା ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚିବା ପରେ କୌଣସି କାରଣରୁ ଇନୋଭାଟି ଭାରସାମ୍ୟ ହରାଇଥିଲା। ଫଳରେ ଗାଡ଼ିଟି ରାସ୍ତା ମଝିରେ ଥିବା ଡିଭାଇଡରରେ ଜୋରଦାର ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଗାଡ଼ିଟି ଡିଭାଇଡରରେ ଲାଗିଥିବା ଲୁହା ଉପରକୁ ଚଢ଼ିଯାଇଥିଲା। ଦୁର୍ଘଟଣା ପରେ ଗାଡ଼ିର ସାମ୍ନା ଭାଗ ସମେତ ବିଭିନ୍ନ ଅଂଶ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ତେବେ ସୌଭାଗ୍ୟବଶତଃ ଗାଡ଼ିରେ ଥିବା ସମସ୍ତ ୭ ଜଣ ଅଳ୍ପକେ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି। କାହାରି ଗୁରୁତର ଆହତ ହୋଇଥିବା ସୂଚନା ମିଳିନାହିଁ। ନୂଆ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ଉପରେ ଥିବାରୁ ଘଟଣାସ୍ଥଳରେ କିଛି ସମୟ ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ତେବେ ଗାଡ଼ିଟି କେଉଁ କାରଣରୁ ଭାରସାମ୍ୟ ହରାଇଲା, ତାହା ସ୍ପଷ୍ଟ ହୋଇନଥିବା ବେଳେ ଘଟଣାର କାରଣ ନେଇ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।



ମାଟିର ଖବର

# ତିନି ଲୁଟେରାଙ୍କୁ କାବୁ କଲା ପୁଲିସ ସୁନା ଅଳଙ୍କାର ସମେତ ୬ ବାଇକ ଜବତ



ଭଞ୍ଜନଗର:୧୮/୧୦/୨୬: ପରିବା ବ୍ୟବସାୟୀଙ୍କୁ ଡକାୟତି କରିବା ଉଦ୍ଦେଶ୍ୟରେ ଯୋଜନା କରୁଥିବା ବେଳେ ୩ ଜଣ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି ପୁଲିସ।ଏହି ଚଢ଼ାଉ ସମୟରେ ଆଉ କିଛି ଲୁଟେରା ସଦସ୍ୟ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ରବିବାର ଭଞ୍ଜନଗର ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀର ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ ବେଲଗୁଣ୍ଠା ରୋଡ କାମପଲ୍ଲୀର ଏକ ବୁଦା ନିକଟରେ କିଛି ଲୋକ ଏକତ୍ରୀତ ହୋଇଥିବା ଖବର ପାଇ ଏସ୍‌ଆଇ ସମୀର କୁମାର ସେଠୀ ପୁଲିସ ଟିମ୍ ସହ ସେଠାରେ ଚଢଉ କରିଥିଲେ। ସେଠାରୁ କିଛି ବରଙ୍ଗ ନାଳ ଆଡକୁ ଦୌଡି ପଳାଇଥିବା ବେଳେ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ପୁଲିସ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ଅନୀଲ ଗୌଡ(୨୨),ଦିଲ୍ଲିପ ବେହେରା(୩୨) ଓ ବେଲଗୁଣ୍ଠା ଥାନା ଇଲାକାର ସଞ୍ଜୟ ଗୌଡକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ସେମାନଙ୍କ ନିକଟରୁ ୬ ଟି ଚୋରୀ ମଟର ସାଇକଲ, ଖଣ୍ଡା,ଛୁରୀ,୨ ଟି ଲାପଟପ,୭ ଟି ମୋବାଇଲ ଫୋନ,ସୁନା ଓ ରୂପା ଅଳଙ୍କାର,ମଙ୍ଗଳସୁତ୍ର ଲକେଟ,କାନ ଫୁଲ,ମଥାମଣି,ପାଉଁଚି,ଗୋଡ ମୁଦି, ବ୍ରେସଲେଟ ଆଦି ଜବତ କରାଯାଇଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ଜବତ ବାଇକ ଗୁଡିକ ବ୍ରହ୍ମପୁର ଓ ଭୁବନେଶ୍ବର ଇଲାକାରୁ ଚୋରୀ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଶ୍ରୀ ଜେନା କହିଛନ୍ତି। ଅଭିଯୁକ୍ତ ମାନେ ସେଗୁଡିକୁ ଚୋରୀ ପରେ ଅପରାଧିକ କାର୍ଯ୍ୟକଳାପରେ ବ୍ୟବହାର କରୁଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏସ୍ଡିପିଓ ଡ.ଦୀପକ କୁମାର ମିଶ୍ର,ଏସଆଇ ସମୀର ସେଠୀ,ଜ୍ୟୋତ୍ସ୍ନାମୟୀ ସାହୁ,ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ରିପୋର୍ଟ :ମଙ୍ଗୁଲୁ ପ୍ରଧାନ ଆଦ୍ୟାଶା ଲାଇଭ

ଜନମତ

## ବିପର୍ଯ୍ୟସ୍ତ ପାନୀୟ ଜଳ ଓ ରାସ୍ତାଘାଟ ସମସ୍ୟା

ଆସିକା:(ଆଦ୍ୟାଶା ଲାଇଭ୍): ଗଞ୍ଜାମ ଜିଲ୍ଲାର ପ୍ରମୁଖ ବାଣିଜ୍ୟିକ ସହର ଆସିକା ପୌରାଞ୍ଚଳ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମପଞ୍ଚାୟତଗୁଡ଼ିକରେ ସାଧାରଣ ନାଗରିକଙ୍କ ମୌଳିକ ସମସ୍ୟା ସମାଧାନରେ ପ୍ରଶାସନିକ ଅବହେଳାକୁ ନେଇ ଜନଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଅଞ୍ଚଳରେ ଉତ୍କଟ ପାନୀୟ ଜଳ ସଙ୍କଟ, ଶୋଚନୀୟ ରାସ୍ତାଘାଟ ଏବଂ ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ନେଇ ସ୍ଥାନୀୟ ଜନପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟ ଓ ରାଜନୈତିକ ନେତୃବୃନ୍ଦ ଏକାଠି ହୋଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଶାସନକୁ ତୀବ୍ର ସମାଲୋଚନା କରିବା ସହ ଘେରାଉ କରିଛନ୍ତି। ବସୁଧା ଯୋଜନା ଫେଲ୍: ପାନୀୟ ଜଳ ପାଇଁ ତହଳବିକଳ ଅଭିଯୋଗ ଅନୁଯାୟୀ, ଆସିକା ବ୍ଲକ ଅଧୀନ ଅନେକ ଗ୍ରାମପଞ୍ଚାୟତ ଓ ୱାର୍ଡରେ ସରକାରଙ୍କ ପାନୀୟ ଜଳ ପ୍ରକଳ୍ପ (ବସୁଧା ଯୋଜନା) କେବଳ ଫଳକ ମଧ୍ୟରେ ସୀମିତ ହୋଇରହିଛି। ଅନେକ ସ୍ଥାନରେ ପାଇପ୍ ବିଛାଯାଇଥିଲେ ମଧ୍ୟ ନିୟମିତ ଜଳ ଯୋଗାଣ ହେଉନାହିଁ, ଯାହାଫଳରେ ଗ୍ରାମବାସୀମାନେ ପାନୀୟ ଜଳ ପାଇଁ ଦୂରଦୂରାନ୍ତରୁ ପାଣି ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି। ପାଇପ୍ ଫାଟି ଜଳ ଅପଚୟ ହେଉଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଅଭିଯୋଗ ପ୍ରତି କୌଣସି କର୍ଣ୍ଣପାତ କରୁନଥିବା ନେଇ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଜରାଜୀର୍ଣ୍ଣ ରାସ୍ତାଘାଟ ଓ ନିମ୍ନମାନର ନିର୍ମାଣ କାର୍ଯ୍ୟ ସେହିପରି ଆସିକାକୁ ଯୋଡୁଥିବା ଗ୍ରାମୀଣ ରାସ୍ତାଗୁଡ଼ିକର ଅବସ୍ଥା ସାଂଘାତିକ ହୋଇପଡ଼ିଛି। ବହୁଦିନରୁ ମରାମତି ହୋଇନଥିବା ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ବାରମ୍ବାର ଦୁର୍ଘଟଣା ଘଟୁଛି। ବର୍ଷା ଦିନେ ରାସ୍ତାରେ କାଦୁଅ ଜମି ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଠିକାଦାର ଓ ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନିର୍ମାଣ କାର୍ଯ୍ୟଗୁଡ଼ିକ ନିମ୍ନମାନର ହେଉଛି ଏବଂ ସରକାରୀ ଅନୁଦାନର ବ୍ୟାପକ ହରିଲୁଟ୍ ହେଉଥିବା ନେତାମାନେ ଆରୋପ ଲଗାଇଛନ୍ତି। ୧୫ ଦିନର ମୋହଲତ: ବୃହତ୍ ଆନ୍ଦୋଳନ ଚେତାବନୀ ଜନପ୍ରତିନିଧିମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (BDO) ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଯଦି ଅଞ୍ଚଳର ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ କ୍ରିୟାଶୀଳ ନକରାଯାଏ ଏବଂ ଜରାଜୀର୍ଣ୍ଣ ରାସ୍ତାଘାଟର ମରାମତି କାର୍ଯ୍ୟ ଆରମ୍ଭ ନହୁଏ, ତେବେ ଜନସାଧାରଣଙ୍କୁ ସାଙ୍ଗରେ ନେଇ ଆସିକା-ବ୍ରହ୍ମପୁର ମୁଖ୍ୟ ରାସ୍ତାରୋକ କରାଯିବା ସହ ବ୍ଲକ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲାପକା ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସଂଗଠନ ଓ ନେତୃତ୍ୱକୁ ନେଇ ଚର୍ଚ୍ଚା, ଅସନ୍ତୋଷ ଦୂର ପାଇଁ ଶୀର୍ଷ ନେତୃତ୍ୱଙ୍କ କସରତ୍

ଦିଗପହଣ୍ଡି/ବ୍ରହ୍ମପୁର:(ଆଦ୍ୟାଶା ଲାଇଭ୍): ଗଞ୍ଜାମ ଜିଲ୍ଲାର ପ୍ରମୁଖ ନିର୍ବାଚନମଣ୍ଡଳୀ ଦିଗପହଣ୍ଡିରେ ଆଭ୍ୟନ୍ତରୀଣ ଦଳୀୟ କନ୍ଦଳ ଓ ଗୋଷ୍ଠୀକନ୍ଦଳକୁ ନେଇ ସ୍ଥାନୀୟ ରାଜନୈତିକ ବାତାବରଣ ସରଗରମ ହୋଇଉଠିଛି। ବିଶେଷ କରି ତୃଣମୂଳ ସ୍ତରରେ ନେତୃତ୍ୱ ନେବା, ସାଙ୍ଗଠନିକ ପଦପଦବୀ ବଣ୍ଟନ ଏବଂ ବିଭିନ୍ନ ବ୍ଲକ/ପଞ୍ଚାୟତ ସ୍ତରୀୟ କାର୍ଯ୍ୟକ୍ରମରେ ଅବହେଳାକୁ ନେଇ ଶାସକ ଓ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ସ୍ଥାନୀୟ ନେତା ଓ କର୍ମୀଙ୍କ ଅସନ୍ତୋଷ ପଦାରେ ପଡ଼ିଛି। ସାଙ୍ଗଠନିକ ପଦପଦବୀ ଓ ନେତୃତ୍ୱକୁ ନେଇ ଟାଣଓଟରା ମିଳିଥିବା ସୂଚନା ଅନୁଯାୟୀ, ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ଅଧୀନ ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକ ଅଞ୍ଚଳରେ ଦଳୀୟ ସଂଗଠନକୁ ନିୟନ୍ତ୍ରଣ କରିବାକୁ ନେଇ ପୁରୁଣା ଏବଂ ନୂଆ କର୍ମକର୍ତ୍ତାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ପ୍ରାଥମିକ ସ୍ତରର ବୈଠକଗୁଡ଼ିକରେ ବରିଷ୍ଠ କର୍ମୀମାନଙ୍କୁ ଗୁରୁତ୍ୱ ଦିଆଯାଉନଥିବା ଏବଂ କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ନେଇ ଦଳୀୟ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି କାରଣରୁ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମପଞ୍ଚାୟତରେ ଦଳୀୟ ସଂଗଠନ ବିଭାଜିତ ହେବାର ଆଶଙ୍କା ଦେଖାଦେଇଛି। କର୍ମୀଙ୍କ ଅସନ୍ତୋଷ ଓ ବିରୋଧୀଙ୍କ ନଜର ଦଳୀୟ ଅସନ୍ତୋଷ କାରଣରୁ ଅନେକ ସକ୍ରିୟ କର୍ମୀ ଓ ସ୍ଥାନୀୟ ପ୍ରଭାବଶାଳୀ ନେତା ଦଳୀୟ କାର୍ଯ୍ୟକ୍ରମଗୁଡ଼ିକରୁ ଦୂରେଇ ରହୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ, ଏହି ଆଭ୍ୟନ୍ତରୀଣ କନ୍ଦଳର ସୁଯୋଗ ନେଇ ବିରୋଧୀ ଦଳଗୁଡ଼ିକ ନିଜ ନିଜର ସଂଗଠନକୁ ମଜବୁତ କରିବା ପାଇଁ ପ୍ରୟାସ ଚଳାଇଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ହୋଇପାରୁନଥିବା ନେଇ ବିରୋଧୀ ନେତାମାନେ ଶାସକ ଦଳର ଏହି ଅନ୍ତର୍ଦ୍ୱନ୍ଦ୍ୱକୁ ମୁଖ୍ୟ ପ୍ରସଙ୍ଗ କରି ସମାଲୋଚନା କରିଛନ୍ତି। ଜିଲ୍ଲା ନେତୃତ୍ୱଙ୍କ ହସ୍ତକ୍ଷେପ ଓ ସମାଧାନ ପାଇଁ ଉଦ୍ୟମ ଦିଗପହଣ୍ଡିରେ ବୃଦ୍ଧି ପାଉଥିବା ଦଳୀୟ କନ୍ଦଳକୁ ଗମ୍ଭୀରତାର ସହ ନେଇ ଜିଲ୍ଲାସ୍ତରୀୟ ଶୀର୍ଷ ନେତାମାନେ ସ୍ଥିତି ସମ୍ଭାଳିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଅସନ୍ତୁଷ୍ଟ କର୍ମକର୍ତ୍ତା ଓ ନେତାମାନଙ୍କୁ ଏକାଠି ବସାଇ ସମସ୍ୟାର ସମାଧାନ କରିବା ସହ ଦଳୀୟ ଏକତା ବଜାୟ ରଖିବା ପାଇଁ ବୈଠକ କରାଯାଉଛି। ଆଗାମୀ ନିର୍ବାଚନ ପୂର୍ବରୁ ସମସ୍ତ ଗୋଷ୍ଠୀକନ୍ଦଳ ଦୂର କରି ଦଳକୁ ଏକତ୍ରିତ ଭାବେ ଆଗକୁ ନେବାକୁ ସଂକଳ୍ପ ନିଆଯାଇଛି।

## ବିଜେଡିର ମାଷ୍ଟରପ୍ଲାନ୍ ସାଙ୍ଗଠନିକ ସମୀକ୍ଷା ବୈଠକରେ ତୃଣମୂଳ ସ୍ତରରୁ ଦଳକୁ ଅଧିକ ମଜବୁତ କରିବାକୁ କଡ଼ା ନିର୍ଦ୍ଦେଶ

ହିଞ୍ଜିଳିକାଟୁ/ବ୍ରହ୍ମପୁର:(ଆଦ୍ୟାଶା ଲାଇଭ୍): ଓଡ଼ିଶା ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିରେ ବିଜୁ ଜନତା ଦଳ (BJD) ପକ୍ଷରୁ ଏକ ବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନର ରାଜନୈତିକ ରଣନୀତି, ପଞ୍ଚାୟତ ଓ ପୌରାଞ୍ଚଳ ସ୍ତରରେ ଦଳର ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ଏବଂ କର୍ମୀଙ୍କ ମଧ୍ୟରେ ସମନ୍ୱୟ ବଜାୟ ରଖିବାକୁ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ବୁଥ୍ ସ୍ତରରୁ ସଂଗଠନକୁ ପୁନର୍ଗଠନ ପାଇଁ ଗୁରୁତ୍ୱ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅଧୀନ ସମସ୍ତ ବ୍ଲକ, ପୌରାଞ୍ଚଳ, ଗ୍ରାମପଞ୍ଚାୟତ ଏବଂ ୱାର୍ଡରୁ ଆସିଥିବା ବରିଷ୍ଠ ନେତୃବୃନ୍ଦ, ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ ଏବଂ ଯୁବ, ଛାତ୍ର ଓ ମହିଳା ଫ୍ରଣ୍ଟାଲ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ପ୍ରତ୍ୟେକ ବୁଥ୍ ସ୍ତରରେ କମିଟିଗୁଡ଼ିକୁ ସକ୍ରିୟ କରିବା ଏବଂ ଦଳୀୟ କର୍ମୀମାନଙ୍କୁ ଏକାଠି ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ଜନସମ୍ପର୍କ ଯାତ୍ରା ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ବିଜେଡିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମତପ୍ରକାଶ ପାଇଛି ଯେ, ହିଞ୍ଜିଳି ଅଞ୍ଚଳରେ ସାଧାରଣ ଜନସାଧାରଣଙ୍କ ମୌଳିକ ସମସ୍ୟା, ପାନୀୟ ଜଳ ଯୋଗାଣ, କୃଷି ଓ ରାସ୍ତାଘାଟ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ପ୍ରଶାସନିକ ସ୍ତରରେ ତୁରନ୍ତ ସମାଧାନ କରିବା ଦିଗରେ ଜନପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତାମାନେ ଅଧିକ ତତ୍ପରତା ପ୍ରକାଶ କରିବା ଉଚିତ। ସରକାରୀ ଯୋଜନାଗୁଡ଼ିକ ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ସେଥିପ୍ରତି ସଚେତନ ରହିବାକୁ କୁହାଯାଇଛି। ଏକତା ଏବଂ ଆଗାମୀ ନିର୍ବାଚନ ପାଇଁ ରଣନୀତି ରାଜନୈତିକ ପରିବର୍ତ୍ତନ ପରେ ଦଳୀୟ କର୍ମୀଙ୍କ ମନୋବଳ ଦୃଢ଼ ରଖିବା ଏବଂ ବିରୋଧୀଙ୍କ ଆରୋପଗୁଡ଼ିକର କଡ଼ା ଜବାବ ଦେବା ପାଇଁ ବୈଠକରେ ନେତୃବର୍ଗ ଆହ୍ୱାନ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ହିଞ୍ଜିଳିବାସୀଙ୍କ ସୁଖଦୁଃଖରେ ସବୁବେଳେ ସାମିଲ ରହିବାକୁ ଏବଂ ଆଗାମୀ ଦିନରେ ସମସ୍ତ ନିର୍ବାଚନରେ ଦଳ ପୂର୍ବପରି ଅଧିକ ଦୃଢ଼ତାର ସହ ବିଜୟଲାଭ କରିବ ବୋଲି ବୈଠକରେ ଦୃଢ଼ୋକ୍ତି ପ୍ରକାଶ ପାଇଛି।

Adyasha masthead
PRGI No. ORORI/25/A0506 | Daily Edition | Email : adyashalive@gmail.com
BHUBANESWAR | Vol. 02 | Issue 12 | ଶୁକ୍ରବାର, ୨୩ ଅକ୍ଟୋବର ୨୦୨୬ | ପୃଷ୍ଠା ୧୦ Rs. 7

ଆଜିର ପ୍ରମୁଖ

## ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ତତ୍ପରତା

ମାଲକାନଗିରି:(ଆଦ୍ୟାଶା ଲାଇଭ୍): ମାଲକାନଗିରି ଜିଲ୍ଲାର ଦୁର୍ଗମ ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତଗୁଡ଼ିକରେ ବୃଦ୍ଧି ପାଉଥିବା ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜନସ୍ୱାସ୍ଥ୍ୟ ଏବଂ ଗ୍ରାମ୍ୟ ଯୋଗାଣ ଓ ପରିମଳ ବିଭାଗ (RWSS) ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାର କୌଣସି ବି ଗ୍ରାମରେ ଯେପରି ଲୋକେ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ପ୍ରଶାସନିକ ସ୍ତରରେ ବ୍ୟାପକ ସମୀକ୍ଷା କରାଯିବା ସହ କ୍ଷେତ୍ରସ୍ତରୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ମାଲକାନଗିରି, ମାଥିଲି, କାଲିମେଳା, କୋରୁକୋଣ୍ଡା, ଖଇରପୁଟ, ପୋଡ଼ିଆ ଏବଂ ଚିତ୍ରକୋଣ୍ଡା ବ୍ଲକର କେତେକ ଦୁର୍ଗମ ଗ୍ରାମରେ ନଳକୂପ ଅଚଳ ହୋଇପଡ଼ିବା ଏବଂ ପାଇପ୍ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହେବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହି ସମସ୍ୟାକୁ ଗୁରୁତର ସହ ନେଇ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀମାନଙ୍କ ମିଳିତ ଆନୁକୂଲ୍ୟରେ ଏକ ଜରୁରୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ସମସ୍ତ ପଞ୍ଚାୟତରେ କାର୍ଯ୍ୟକ୍ଷମ ଥିବା ଓ ଅଚଳ ହୋଇପଡ଼ିଥିବା ଜଳ ପ୍ରକଳ୍ପଗୁଡ଼ିକର ଏକ ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ସମୀକ୍ଷା ଅବସରରେ ବିଭାଗୀୟ ଅଧିକାରୀମାନେ ନିର୍ଦ୍ଦେଶ ଦେଇଛନ୍ତି ଯେ, ସମସ୍ତ ବ୍ଲକରେ ମୋବାଇଲ ମରାମତି ଗାଡ଼ି ଏବଂ ମେକାନିକ୍ ଟିମ୍‌କୁ ସକ୍ରିୟ କରାଯିବ। ଗ୍ରାମାଞ୍ଚଳରେ ଅଚଳ ହୋଇପଡ଼ିଥିବା ସମସ୍ତ ନଳକୂପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ୪୮ ଘଣ୍ଟା ମଧ୍ୟରେ ମରାମତି କରି କାର୍ଯ୍ୟକ୍ଷମ କରିବା ପାଇଁ କନିଷ୍ଠ ଯନ୍ତ୍ରୀମାନଙ୍କୁ ସ୍ପଷ୍ଟ ତାଗିଦ୍ କରାଯାଇଛି। ଏହାସହ 'ଜଳ ଜୀବନ ମିଶନ' ଏବଂ 'ବସୁଧା' ଯୋଜନା ଅଧୀନରେ ନିର୍ମାଣାଧୀନ ଥିବା ମେଗା ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଅଗ୍ରଗତି ନେଇ ତଦାରଖ କରାଯାଇଛି। ଯେଉଁସବୁ ଗ୍ରାମରେ ଓଭରହେଡ୍ ଟାଙ୍କି ଓ ପାଇପଲାଇନ୍ ବିଛାଯିବା କାର୍ଯ୍ୟ ଶେଷ ହୋଇଛି, ସେଠାରେ ତୁରନ୍ତ ନିୟମିତ ଜଳ ଯୋଗାଣ ଆରମ୍ଭ କରିବାକୁ କୁହାଯାଇଛି। ବିଶେଷକରି ସ୍ୱାଭିମାନ ଅଞ୍ଚଳ ଓ ପାହାଡ଼ିଆ ଦୁର୍ଗମ ଗାଁଗୁଡ଼ିକରେ, ଯେଉଁଠାରେ ନଳକୂପ ଖୋଳିବା ସହଜ ନୁହେଁ, ସେଠାରେ ସୌରଚାଳିତ ଜଳ ପ୍ରକଳ୍ପ ସ୍ଥାପନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଦୂଷିତ ଜଳ ବ୍ୟବହାର ଯୋଗୁଁ ଗ୍ରାମାଞ୍ଚଳରେ ଯେପରି ଜଳବାହିତ ରୋଗ ନବ୍ୟାପେ, ସେଥିପାଇଁ ପ୍ରତି ଗ୍ରାମରେ ପାନୀୟ ଜଳର ବିଶୁଦ୍ଧତା ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ବିଭାଗର ମିଳିତ ଟିମ୍‌କୁ ଦାୟିତ୍ୱ ଦିଆଯାଇଛି। ପ୍ରଶାସନର ଏହି ବ୍ୟାପକ ତତ୍ପରତା ଓ ସ୍ୱଚ୍ଛ ପଦକ୍ଷେପ ଯୋଗୁଁ ମାଲକାନଗିରି ଜିଲ୍ଲାର ଗ୍ରାମାଞ୍ଚଳରେ ଦୀର୍ଘ ଦିନରୁ ଲାଗିରହିଥିବା ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଜିଲ୍ଲାବାସୀ ଆଶା ପ୍ରକାଶ କରିଛନ୍ତି।

## ନାବାଳିକାଙ୍କ ପେଟରୁ ବାହାରିଲା ୨୦ କିଲୋର ଟ୍ୟୁମର!

ମାଲକାନଗିରି:୨୨/୧୦:ଜଣେ ୧୭ ବର୍ଷୀୟା ନାବାଳିକାଙ୍କ ପେଟରୁ ପ୍ରାୟ ୨୦ କିଲୋଗ୍ରାମ ଓଜନର ଟ୍ୟୁମର ବାହାର କରାଯାଇଥିବା ଘଟଣା ମାଲକାନଗିରି ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଛତିଶଗଡ଼ର ତୁଳସୀ ନାମକ ଏହି ନାବାଳିକାଙ୍କ ମାଲକାନଗିରି ମୁଖ୍ୟ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇଥିବାବେଳେ, ଡାକ୍ତର ସପନ କୁମାର ଦିଣ୍ଡାଙ୍କ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ତୁଳସୀଙ୍କ ପେଟରେ ଟ୍ୟୁମର ଜନିତ ସମସ୍ୟା ଦେଖାଦେବା ପରେ ତାଙ୍କୁ ଚିକିତ୍ସା ପାଇଁ ମାଲକାନଗିରି ମୁଖ୍ୟ ହସ୍ପିଟାଲକୁ ଅଣାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ସମୟରେ ପେଟରୁ ପ୍ରାୟ ୨୦ କିଲୋଗ୍ରାମ ଓଜନର ଟ୍ୟୁମର ବାହାର କରାଯାଇଥିବା ଜଣାପଡ଼ିଛି। ଏତେ ବଡ଼ ଆକାରର ଟ୍ୟୁମର ଅସ୍ତ୍ରୋପଚାର ମାଧ୍ୟମରେ ବାହାର କରାଯିବା ଘଟଣା ଚିକିତ୍ସା ମହଲରେ ଗୁରୁତ୍ୱ ବହନ କରୁଛି। ଡାକ୍ତର ସପନ କୁମାର ଦିଣ୍ଡାଙ୍କ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର ପରେ ତୁଳସୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିଛି। ଏହା ତାଙ୍କ ପରିବାର ପାଇଁ ଆଶ୍ୱସ୍ତିର ବିଷୟ ହୋଇଥିବାବେଳେ, ମାଲକାନଗିରି ମୁଖ୍ୟ ହସ୍ପିଟାଲରେ ଏଭଳି ଜଟିଳ ଚିକିତ୍ସା ହୋଇପାରିବା ଜିଲ୍ଲାର ସ୍ୱାସ୍ଥ୍ୟସେବା ପାଇଁ ଏକ ଉଲ୍ଲେଖନୀୟ ଘଟଣା ଭାବେ ଦେଖାଯାଇଛି।



## ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ପଡ଼ିଆ ବ୍ଲକ୍ ବିଜେଡିର ପୂର୍ବତନ ସଭାପତି ନିଲମ୍ବିତ



ମାଲକାନଗିରି:(ଆଦ୍ୟାଶା ଲାଇଭ୍ ରିପୋର୍ଟ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍‌ରେ ବିଜୁ ଜନତା ଦଳ (ବିଜେଡି) ସାଂଗଠନିକ କ୍ଷେତ୍ରରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗରେ ପଡ଼ିଆ ବ୍ଲକ୍ ବିଜେଡିର ପୂର୍ବତନ ସଭାପତି ଚିନମ୍ ରାବିଟ୍ (ରାବିଟ୍ କୁମାର)ଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ସ୍ଥାନୀୟ ରାଜନୈତିକ ମହଲରେ ତୀବ୍ର ଚର୍ଚ୍ଚା ସୃଷ୍ଟି ହୋଇଛି।ଶଙ୍ଖ ଭବନରୁ ନିର୍ଦ୍ଦେଶ ଓ ପ୍ରଶାସନିକ ଆଦେଶ ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ଏହି ନିଲମ୍ବନ ଆଦେଶ ଜାରି କରାଯାଇଛି। ଭୁବନେଶ୍ୱରସ୍ଥିତ ଦଳୀୟ ରାଜ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'ରୁ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାୟକଙ୍କ ଦ୍ୱାରା ଅନୁମୋଦିତ ଏକ ଚିଠି ଜାରି କରାଯାଇଥିଲା। ଏହି ଚିଠି ଆଧାରରେ ମାଲକାନଗିରି ଜିଲ୍ଲା ବିଜେଡି ସଂଗଠନ ପକ୍ଷରୁ ଚିନମ୍ ରାବିଟ୍‌ଙ୍କୁ ଦଳର ପ୍ରାଥମିକ ସଦସ୍ୟପଦରୁ ତୁରନ୍ତ ନିଲମ୍ବିତ କରାଯାଇଥିବା ସ୍ପଷ୍ଟ କରାଯାଇଛି।ନିଲମ୍ବନର ମୁଖ୍ୟ କାରଣ: ଦଳ ବିରୋଧୀ କାର୍ଯ୍ୟ ପଡ଼ିଆ ବ୍ଲକ୍ ଅଞ୍ଚଳରେ ଚିନମ୍ ରାବିଟ୍ ଦୀର୍ଘ ଦିନ ଧରି ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଓ କର୍ମୀଙ୍କ ସହ ମିଶି କାର୍ଯ୍ୟ କରୁଥିଲେ ସୁଦ୍ଧା, ଗତ କିଛି ଦିନ ହେବ ଦଳୀୟ ଶୃଙ୍ଖଳା ଭଙ୍ଗ କରୁଥିବା ନେଇ ସ୍ଥାନୀୟ ଜିଲ୍ଲା ନେତୃବୃନ୍ଦଙ୍କ ନିକଟରେ ଅଭିଯୋଗ ହୋଇଥିଲା।ଦଳର ନୀତି ଓ ନିର୍ଦ୍ଦେଶନାମାକୁ ଅବମାନନା କରିବା,ସାଂଗଠନିକ ବୈଠକଗୁଡ଼ିକରେ ଅସହଯୋଗ କରିବା ଏବଂ ଅଭିଯୋଗ ଅନୁସାରେ ଅନ୍ୟ ଦଳୀୟ କାର୍ଯ୍ୟକଳାପରେ ସମ୍ପୃକ୍ତ ରହି ଦଳକୁ ଦୁର୍ବଳ କରିବାକୁ ଚେଷ୍ଟା କରିବା।ଏସବୁ ବିଷୟରେ ଜିଲ୍ଲା କମିଟି ପକ୍ଷରୁ ହୋଇଥିବା ଅଭିଯୋଗକୁ ଭିତ୍ତି କରି ରାଜ୍ୟ ନେତୃବୃନ୍ଦ ଏହି କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି।ପଡ଼ିଆ ବ୍ଲକ୍ ବିଜେଡି ସଂଗଠନରେ ହଲଚଲ୍ ଏହି ନିଲମ୍ବନ ଖବର ପ୍ରକାଶ ପାଇବା ପରେ ପଡ଼ିଆ ବ୍ଲକ୍ ତଥା ସମଗ୍ର ମାଲକାନଗିରି ଜିଲ୍ଲାର ବିଜେଡି କର୍ମୀ ଓ ନେତାଙ୍କ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି। ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ପୂରଣ କରିବା ଏବଂ ଗ୍ରାମାଞ୍ଚଳ ସ୍ତରରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ ଓ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲା ବିଜେଡି ପକ୍ଷରୁ ଆଗାମୀ ଦିନରେ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଆଶା କରାଯାଉଛି।

# ମାର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବରିଷ୍ଠ ବିଜେପି କର୍ମୀ ମୃତ

ଓଡ଼ାପଡ଼ା/ଢେଙ୍କାନାଳ:(ଆଦ୍ୟାଶା ଲାଇଭ୍ - ମାନସ ମାଝୀ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ାପଡ଼ା ବ୍ଲକ୍ କଣ୍ଟାବଣିଆ ନିକଟସ୍ଥ ଟାଟା ଷ୍ଟିଲ୍ (ମେରାମଣ୍ଡଳୀ) ପ୍ଲାଣ୍ଟ ଗେଟ୍ ନିକଟ ୫୫ ନମ୍ବର ଜାତୀୟ ରାଜପଥରେ ଆଜି (୨୨/୧୦/୨୬) ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏହି ଦୁର୍ଘଟଣାରେ ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ସଂଗଠକ ପିଣ୍ଟୁ ଭୁଜିଆଙ୍କ ଅକାଳ ମୃତ୍ୟୁ ଘଟିଥିବା ବେଳେ ସମଗ୍ର ଅଞ୍ଚଳରେ ଗଭୀର ଶୋକ ଓ ଉତ୍ତେଜନା ପ୍ରକାଶ ପାଇଛି।ଦ୍ରୁତଗାମୀ ହାଇଭା ଟ୍ରକ୍ ଧକ୍କାରେ ଗୁରୁତର ମିଳିଥିବା ସୂଚନା ଅନୁଯାୟୀ, ଆଜି ପିଣ୍ଟୁ ଭୁଜିଆ ନିଜ ବାଇକ୍ (OD-35A-6123) ଯୋଗେ ୫୫ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିବା ସମୟରେ, ଟାଟା ଷ୍ଟିଲ୍ ପ୍ଲାଣ୍ଟ ଗେଟ୍ ନିକଟରେ ଅତି ଦ୍ରୁତ ଗତିରେ ଆସୁଥିବା ଏକ ହାଇଭା ଟ୍ରକ୍ (OD-19O-5917) ତାଙ୍କୁ ସମ୍ମୁଖରୁ ଜୋରଦାର ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ସେ ରାସ୍ତା ଉପରେ ଛିଟିକି ପଡ଼ି ରକ୍ତାକ୍ତ ଅବସ୍ଥାରେ ଗୁରୁତର ଆହତ ହୋଇଥିଲେ।ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ଏବଂ ପ୍ଲାଣ୍ଟର ସୁରକ୍ଷା କର୍ମୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅତି ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଆସନ୍ନ ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମାତ୍ର ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ।ଉତ୍ତେଜନା ଓ ରାସ୍ତାରୋକ ଖବର ପ୍ରଚାରିତ ହେବା ପରେ କଣ୍ଟାବଣିଆ ଓ ଓଡ଼ାପଡ଼ା ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ଜନସାଧାରଣ ଓ ବିଜେପି କର୍ମୀମାନେ ଘଟଣାସ୍ଥଳରେ ଏକାଠି ହୋଇ ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। କ୍ଷତିପୂରଣ ଦାବି ଏବଂ ଶିଳ୍ପାଞ୍ଚଳ ରାସ୍ତାରେ ନିୟମିତ ହେଉଥିବା ଦ୍ରୁତଗାମୀ ଯାନବାହନ ଚଳାଚଳ ଉପରେ କଟକଣା ଲଗାଇବାକୁ ଦାବି କରି ଉତ୍ୟକ୍ତ ଲୋକେ ନାରାବାଜି କରିଥିଲେ, ଯାହାଫଳରେ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା।ପୋଲିସର ହସ୍ତକ୍ଷେପ, ଟ୍ରକ୍ ଜବତ ଓ ଡ୍ରାଇଭର ଆଟକ ଦୁର୍ଘଟଣା ଓ ଉତ୍ତେଜନା ସମ୍ପର୍କରେ ଖବର ପାଇ କଣ୍ଟାବଣିଆ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଅଫିସରମାନେ ଉତ୍ୟକ୍ତ ଜନସାଧାରଣଙ୍କ ସହ ଆଲୋଚନା କରି ବୁଝାସୁଝା କରିବା ପରେ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା ଓ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।ଦୁର୍ଘଟଣା ଘଟାଇଥିବା ହାଇଭା ଟ୍ରକ୍‌କୁ ପୋଲିସ ଜବତ କରିବା ସହ ତାହାର ଡ୍ରାଇଭରକୁ ନିଜ ହେପାଜତକୁ ନେଇଛି। ଏ ନେଇ କଣ୍ଟାବଣିଆ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ବରିଷ୍ଠ ନେତା ପିଣ୍ଟୁ ଭୁଜିଆଙ୍କ ଅକାଳ ବିୟୋଗରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ବିଜେପି ଶିବିର ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।



ଜିଲ୍ଲାରୁ ସିଧା ରିପୋର୍ଟ

# ଏମ୍.ଭି.-୧୯ ଗ୍ରାମରେ ନବଦୁର୍ଗା ପୂଜାର ସୁବର୍ଣ୍ଣ ଜୟନ୍ତୀ, ମା'ଙ୍କ ଦର୍ଶନ ପାଇଁ ଜମୁଛି ଭକ୍ତଙ୍କ ଭିଡ଼

ମାଲକାନଗିରି:(ଆଦ୍ୟାଶା ଲାଇଭ୍ ରିପୋର୍ଟ): ମାଲକାନଗିରି ବ୍ଲକ୍ ଅନ୍ତର୍ଗତ ଏମ୍.ଭି.-୧୯ ଗ୍ରାମରେ ଚଳିତ ବର୍ଷ ଶାରଦୀୟ ଦୁର୍ଗା ପୂଜା ଅତ୍ୟନ୍ତ ଆଡ଼ମ୍ବର ଓ ଭକ୍ତିମୟ ପରିବେଶ ମଧ୍ୟରେ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷ ଏହି ପୂଜା ଆୟୋଜନର ୫୦ ବର୍ଷ ପୂର୍ତ୍ତି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳନ କରାଯାଉଛି। ଦୀର୍ଘ ପାଞ୍ଚ ଦଶନ୍ଧିର ଏହି ପରମ୍ପରା ଗ୍ରାମବାସୀଙ୍କ ମଧ୍ୟରେ ଏକତା, ଭକ୍ତି ଓ ଆଧ୍ୟାତ୍ମିକ ଭାବଧାରାର ପ୍ରତୀକ ପାଲଟିଛି।ନବଦୁର୍ଗା ବେଶ ଓ ଝଲସୁଛି ମଣ୍ଡପ ଏମ୍.ଭି.-୧୯ ଗ୍ରାମ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ନବଦୁର୍ଗା ସ୍ୱରୂପ ପୂଜା ପାଉଛନ୍ତି। ପ୍ରତିଦିନ ମା'ଙ୍କ ଭିନ୍ନ ଭିନ୍ନ ସଜ୍ଜିତ ବେଶ ଦର୍ଶନ କରିବା ପାଇଁ ମଣ୍ଡପରେ ଭକ୍ତଙ୍କ ଗହଳି ଜମୁଛି। ତୋରଣ ଓ ମଣ୍ଡପର ମନୋରମ ଆଲୋକମାଳା ସାଜସଜ୍ଜା ପୂଜା ପରିବେଶକୁ ଅଧିକ ଆକର୍ଷଣୀୟ କରିପାରିଛି। ଗ୍ରାମବାସୀଙ୍କ ସମେତ ଦୂରଦୂରାନ୍ତରୁ ଆସୁଥିବା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି।ମୀନାବଜାର ଓ ଚଳଚଞ୍ଚଳ ଗାଁ ପୂଜା ଅବସରରେ ମଣ୍ଡପ ପାର୍ଶ୍ୱରେ ବିଶାଳ ମୀନାବଜାର, ସାଂସ୍କୃତିକ ମଞ୍ଚ, ଭିନ୍ନ ଭିନ୍ନ ଖାଦ୍ୟ ଷ୍ଟଲ୍, ଚାଟ୍-ଫାଷ୍ଟଫୁଡ୍ ଦୋକାନ ଏବଂ ମନୋହରୀ ସାମଗ୍ରୀର ମେଳା ବସିଛି। ଛୋଟ ପିଲାଙ୍କ ପାଇଁ ଦୋଳି ଓ ଖେଳନା ଦୋକାନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ବୟସ୍କ ଓ ଯୁବପିଢ଼ି ମେଳାର ଭରପୂର ଆନନ୍ଦ ଉଠାଉଛନ୍ତି।ଅନୁକୂଳ ପାଗ ଓ ଭକ୍ତଙ୍କ ଉତ୍ସାହ ପୂଜା ସମୟରେ ଅଧିକ ଗରମ କିମ୍ବା ଅଧିକ ଥଣ୍ଡା ନ ହୋଇ ଅନୁକୂଳ ପାଗ ସାଙ୍ଗକୁ ନିର୍ମଳ ଆକାଶ ରହିଥିବାରୁ, ଲୋକମାନେ ଆନନ୍ଦ ମନରେ ପରିବାର ଓ ବନ୍ଧୁଜନଙ୍କ ସହ ପୂଜା ମଣ୍ଡପରେ ଭିଡ଼ ଜମାଉଛନ୍ତି। ୫୦ ବର୍ଷ ପୂର୍ତ୍ତିର ଏହି ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ପୂଜା କମିଟି ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ ସହ କାର୍ଯ୍ୟ ପରିଚାଳନା କରୁଛନ୍ତି।



## ସ୍ୱାଭିମାନ ଅଞ୍ଚଳ ବିକାଶକୁ ନେଇ ସରଗରମ ରାଜନୀତି

ମାଲକାନଗିରି (ଆଦ୍ୟାଶା ଲାଇଭ୍ ରିପୋର୍ଟ): ମାଲକାନଗିରି ଜିଲ୍ଲାର ବହୁଚର୍ଚ୍ଚିତ 'ସ୍ୱାଭିମାନ ଅଞ୍ଚଳ' (ପୂର୍ବତନ ବିଚ୍ଛିନ୍ନାଞ୍ଚଳ)ରେ ବିକାଶମୂଳକ କାର୍ଯ୍ୟ, ମୌଳିକ ଭିତ୍ତିଭୂମି ଏବଂ ପ୍ରଶାସନିକ ସେବା ପହଞ୍ଚାଇବାକୁ ନେଇ ଜିଲ୍ଲା ରାଜନୀତି ଅତ୍ୟନ୍ତ ସରଗରମ ହୋଇଉଠିଛି। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ବିକାଶର ଏକ ନୂତନ ଯୁଗ ଆରମ୍ଭ ହୋଇଥିବା ଶାସକ ଦଳ ଦାବି କରୁଥିବା ବେଳେ, ଅତ୍ୟନ୍ତ ଆଭ୍ୟନ୍ତରୀଣ ଗ୍ରାମଗୁଡ଼ିକରେ ଆଜି ବି ମୌଳିକ ସୁବିଧାର ଅଭାବ ରହିଥିବା ଅଭିଯୋଗ କରି ବିରୋଧୀ ଦଳଗୁଡ଼ିକ ପ୍ରଶାସନ ଓ ସରକାରଙ୍କୁ ଘେରିଛନ୍ତି। ବିରୋଧୀଙ୍କ ସଙ୍ଗୀନ ଅଭିଯୋଗ: "ଘୋଷଣା ଅନେକ, କାମ ଅଧୁରା" ସ୍ଥାନୀୟ ବିରୋଧୀ ନେତା ଓ ସାମାଜିକ କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ଗୁରୁପ୍ରିୟା ସେତୁ ହେବା ପରେ ଜିଲ୍ଲା ସଦର ମହକୁମା ସହ ମୁଖ୍ୟ ରାସ୍ତା ସଂଯୋଗ ହୋଇଥିଲେ ସୁଦ୍ଧା, ସ୍ୱାଭିମାନ ଅଞ୍ଚଳର ପଞ୍ଚାୟତଗୁଡ଼ିକର ଅଧିକାଂଶ ଗ୍ରାମକୁ ଆଜି ବି ପକ୍କା ରାସ୍ତା ନାହିଁ ଗମନାଗମନ ସମସ୍ୟା: ବର୍ଷା ଦିନେ ଅନେକ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡୁଛି ଏବଂ ଆମ୍ବୁଲାନ୍ସ ପହଞ୍ଚି ନପାରିବାରୁ ରୋଗୀଙ୍କୁ ଖଟିଆରେ ବୋହି ଆଣିବାକୁ ପଡୁଛି। ସ୍ୱାସ୍ଥ୍ୟ ଓ ଶିକ୍ଷା: ପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଥିଲେ ହେଁ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଔଷଧର ନିୟମିତ ଅଭାବ ଦେଖାଦେଉଛି। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ସଂକଟ ଯୋଗୁଁ ଶିକ୍ଷାବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ନେଟୱର୍କ ଓ ବିଦ୍ୟୁତ୍: ମୋବାଇଲ୍ ଟାୱାର ଏବଂ ସୌର ବିଦ୍ୟୁତ୍ ଯୋଜନା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନଥିବାରୁ ଅଞ୍ଚଳବାସୀ ସେବାରୁ ବଞ୍ଚିତ ହେଉଛନ୍ତି। ଶାସକ ଦଳର ସ୍ପଷ୍ଟୀକରଣ: "ଅନ୍ଧକାରରୁ ଆଲୋକ ଆଡ଼କୁ ସ୍ୱାଭିମାନ ଅଞ୍ଚଳ" ଅପରପକ୍ଷରେ, ଶାସକ ଦଳର ସ୍ଥାନୀୟ ପ୍ରତିନିଧି ଏବଂ କର୍ମକର୍ତ୍ତାମାନେ ବିରୋଧୀଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ରାଜନୈତିକ ପ୍ରେରିତ ବୋଲି ଆଖ୍ୟା ଦେଇଛନ୍ତି। ସେତୁ ଓ ରାସ୍ତାଘାଟ: ଦଶନ୍ଧି ଦଶନ୍ଧି ଧରି ବିଚ୍ଛିନ୍ନାଞ୍ଚଳ ହୋଇ ରହିଥିବା ଏହି ଅଞ୍ଚଳରେ ଗୁରୁପ୍ରିୟା ସେତୁ ନିର୍ମାଣ କରି ଐତିହାସିକ ପରିବର୍ତ୍ତନ ଆଣିବା ସହ ପର୍ଯ୍ୟାୟକ୍ରମେ ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ବିକାଶମୂଳକ ଯୋଜନା: ବିଶେଷ ପ୍ୟାକେଜ୍ ଜରିଆରେ ଗାଁ ଗାଁରେ ପାନୀୟ ଜଳ, ବିଦ୍ୟୁତୀକରଣ ଏବଂ ଆଜୀବିକା ଯୋଜନା ସଫଳତାର ସହ ରୂପାୟନ କରାଯାଉଛି। ସୁରକ୍ଷା ଓ ଶାନ୍ତି: ମାଓବାଦୀଙ୍କ ଭୟ ଓ ପ୍ରଭାବ କମିବା ପରେ ଅଞ୍ଚଳରେ ଶାନ୍ତି ଫେରିଛି ଏବଂ ସରକାରୀ ପ୍ରଶାସନ ଲୋକଙ୍କ ଦୋରମୁହାଁ ହୋଇପାରିଛି। ସ୍ଥାନୀୟ ଜନସାଧାରଣଙ୍କ ଦାବି ସ୍ୱାଭିମାନ ଅଞ୍ଚଳର ବୁଦ୍ଧିଜୀବୀ ଓ ଆଦିବାସୀ ଜନସାଧାରଣଙ୍କ ମତରେ, ରାଜନୈତିକ କାଦୁଅ ଫିଙ୍ଗାଫିଙ୍ଗି ବନ୍ଦ କରି ସମସ୍ତ ଦଳ ଓ ପ୍ରଶାସନ ମିଳିମିଶି କାମ କରିବା ଆବଶ୍ୟକ। ଦୁର୍ଗମ ଆଦିବାସୀ ଗାଁଗୁଡ଼ିକରେ ତୁରନ୍ତ ପକ୍କା ରାସ୍ତା, ନିୟମିତ ବିଦ୍ୟୁତ୍, କୃଷିଜାତ ଦ୍ରବ୍ୟର ସଠିକ୍ ବିକ୍ରି ବ୍ୟବସ୍ଥା ଏବଂ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ରୋଜଗାର ସୃଷ୍ଟି କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ପାନୀୟ ଜଳ, ରାସ୍ତା ଓ ସ୍ୱାସ୍ଥ୍ୟ ସେବାର ଶୋଚନୀୟ ସ୍ଥିତିକୁ ନେଇ ଜନପ୍ରତିନିଧିଙ୍କ ସ୍ୱର

ଥୁଆମୂଳ ରାମପୁର:(ଆଦ୍ୟାଶା ଲାଇଭ୍): କଳାହାଣ୍ଡି ଜିଲ୍ଲାର ଅନ୍ୟତମ ପ୍ରମୁଖ ଆଦିବାସୀ ଅଧ୍ୟୁଷିତ ବ୍ଲକ ଥୁଆମୂଳ ରାମପୁରରେ ମୌଳିକ ସୁବିଧା ସୁଯୋଗର ଶୋଚନୀୟ ସ୍ଥିତିକୁ ନେଇ ଆଞ୍ଚଳିକ ଜନସାଧାରଣ ଓ ସ୍ଥାନୀୟ ପ୍ରତିନିଧିମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ୱାଧୀନତାର ବହୁ ବର୍ଷ ପରେ ବି ଦୁର୍ଗମ ଆଦିବାସୀ ଅଞ୍ଚଳଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ, ସବୁଦିନିଆ ପକ୍କା ରାସ୍ତା, ଉନ୍ନତ ସ୍ୱାସ୍ଥ୍ୟ ସେବା ଏବଂ ସାମାଜିକ ସୁରକ୍ଷା ଯୋଜନାର ସଠିକ୍ କାର୍ଯ୍ୟକାରିତା ହୋଇପାରୁ ନଥିବା ଅଭିଯୋଗ ହୋଇଛି। ପାନୀୟ ଜଳ ସଙ୍କଟ ଓ ପରିମଳ ସମସ୍ୟା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି। ଗ୍ରାମାଞ୍ଚଳରେ ନିର୍ମିତ ବସୁଧା ଓ ଅନ୍ୟାନ୍ୟ ସଜଳ ଜଳ ପ୍ରକଳ୍ପଗୁଡ଼ିକ ଅଚଳ ହୋଇପଡ଼ିବା ଫଳରେ ଆଦିବାସୀ ଗ୍ରାମବାସୀମାନେ ନାଳ ଓ ଚୂଆର ଅଶୋଧିତ ଜଳ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ବିଶେଷ କରି କିଛି ପଞ୍ଚାୟତରେ ଦୀର୍ଘଦିନ ଧରି ଜଳସେଚନ ଓ ପାନୀୟ ଜଳ ଯୋଗାଣ ବ୍ୟାଘାତ ହେବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ କରାଯାଉ ନଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ବିପର୍ଯ୍ୟସ୍ତ ରାସ୍ତାଘାଟ ଓ ସ୍ୱାସ୍ଥ୍ୟ ସେବା ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଥିବା ଗାଁଗୁଡ଼ିକୁ ଏପର୍ଯ୍ୟନ୍ତ ସବୁଦିନିଆ ପକ୍କା ରାସ୍ତା ସଂଯୋଗ ହୋଇପାରିନାହିଁ। ବର୍ଷାଦିନେ ଗ୍ରାମଗୁଡ଼ିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡୁଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ଯୋଗୁଁ ଆଦିବାସୀମାନେ ପ୍ରାଥମିକ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଯୋଜନାରୁ ବଞ୍ଚିତ ହିତାଧିକାରୀ ଓ ଦାବିପତ୍ର ଅଞ୍ଚଳର ବହୁ ଗରିବ, ଭିନ୍ନକ୍ଷମ ଓ ଯୋଗ୍ୟ ଆଦିବାସୀ ପରିବାର ଆବାସ ଯୋଜନା, ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ନେଇ ସ୍ଥାନୀୟ ନେତୃବୃନ୍ଦ ପ୍ରଶାସନ ନିକଟରେ ଅଭିଯୋଗ ଆଣିଛନ୍ତି। ଆଦିବାସୀଙ୍କ ଜମି, ଜଙ୍ଗଲ ଓ ଜୀବିକା ସୁରକ୍ଷା ସହ ଥୁଆମୂଳ ରାମପୁର ବ୍ଲକର ପ୍ରତ୍ୟେକ ଗ୍ରାମକୁ ତୁରନ୍ତ ମୌଳିକ ଭିତ୍ତିଭୂମି ଯୋଗାଇଦେବା ପାଇଁ ସ୍ଥାନୀୟ ଜନପ୍ରତିନିଧି ଓ ସମାଜସେବୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ମାଟିର ଖବର

# ଚଳନାରେ ମା' ଦୁର୍ଗାଙ୍କ ନବମୀ ପୂଜା ମହାଆଡ଼ମ୍ବରରେପାଳିତ



ସିନାପାଲି:୧୯/୧୦ : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚଳନା ଗ୍ରାମରେ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ମା' ଦୁର୍ଗାଙ୍କ ନବମୀ ପୂଜା ମହାଆଡ଼ମ୍ବର ଓ ଭକ୍ତିମୟ ପରିବେଶରେ ପାଳିତ ହେଉଛି। ଏହି ଅବସରରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ନବରାତ୍ରିର ନବମ ଦିନରେ ମା' ଦୁର୍ଗାଙ୍କ ନବମୀ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ମା'ଙ୍କୁ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଅଞ୍ଚଳର ମଙ୍ଗଳ, ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରାଯାଉଛି। ଚଳନା ଗ୍ରାମରେ ଏହି ପୂଜାକୁ ନେଇ ଭକ୍ତିମୟ ପରିବେଶ ସହ ଉତ୍ସବର ମାହୋଲ ଦେଖିବାକୁ ମିଳୁଛି। ଏହି ସାର୍ବଜନୀନ ଦୁର୍ଗାପୂଜାରେ କର୍ତ୍ତା ଭାବେ ଚନ୍ଦ୍ରମଣୀ ମେହେର ଓ ଶ୍ରୀମତୀ ଦେବକୀ ମେହେର ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟିର ସଭାପତି ଭାବେ ସୁବ୍ରତ କୁମାର ଠାକୁର, କାର୍ଯ୍ୟକାରୀ ସଭାପତି ଭାବେ କିଶୋର ନାୟକ, ସମ୍ପାଦକ ଭାବେ ତ୍ରିନାଥ ଛତ୍ରିଆ ଏବଂ କୋଷାଧ୍ୟକ୍ଷ ଭାବେ ହେମନ୍ତ କୁମାର ନାୟକ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କାର୍ଯ୍ୟରେ ପୁରୋହିତ ପୁରନ୍ଦର ହୋତା, ଈଶ୍ୱର ପଣ୍ଡା, ଅରବିନ୍ଦ ଠାକୁର, ସଞ୍ଜୟ ଠାକୁର ଓ ଅଶ୍ୱିନୀ ବେହେରା ପ୍ରମୁଖ ସାମିଲ ହୋଇ ପୂଜାବିଧି ସମ୍ପନ୍ନ କରୁଛନ୍ତି। ଚଳନା ଗ୍ରାମରେ ଏହି ଦୁର୍ଗାପୂଜା ଧାର୍ମିକ ଭାବନାକୁ ସୁଦୃଢ଼ କରିବା ସହ ଗ୍ରାମବାସୀଙ୍କ ମଧ୍ୟରେ ଏକତା, ଭାଇଚାରା ଓ ସାମୂହିକ ସହଯୋଗର ବାର୍ତ୍ତା ପ୍ରଦାନ କରୁଛି। ମା' ଦୁର୍ଗାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଶ୍ରଦ୍ଧାଳୁମାନେ ପୂଜାରେ ସାମିଲ ହୋଇ ଭକ୍ତି ଓ ନିଷ୍ଠାର ସହ ମା'ଙ୍କ ଆରାଧନା କରୁଛନ୍ତି।

ଜନମତ

## ପଞ୍ଚାୟତ ସ୍ତରରେ ବିଜେଡିର ସଂଗଠନ ମଜବୁତ ଅଭିଯାନ

ମାଲକାନଗିରି: ମାଲକାନଗିରି ଜିଲ୍ଲାରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ସାଂଗଠନିକ ପୁନର୍ଗଠନ ଓ ତୃଣମୂଳ ସ୍ତରରେ ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି। ଆଗାମୀ ସାଧାରଣ ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲାର ମାଲକାନଗିରି, କାଲିମେଳା, ମାଥୁରୀ, ଓ କୋରୁକୋଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ପୃଥକ ପୃଥକ କର୍ମୀ ସମ୍ମିଳନୀ ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୀମାନ୍ତ ଓ ଦୁର୍ଗମ ଅଞ୍ଚଳରେ ଦଳୀୟ ସଂଗଠନ କାଲିମେଳା ଓ ସ୍ୱାଭିମାନ ଅଞ୍ଚଳ ଭଳି ସୀମାନ୍ତ ଗ୍ରାମଗୁଡ଼ିକରେ କ୍ରମାଗତ ଭାବେ ବୈଠକ କରି ବିଜେଡି ନେତୃବୃନ୍ଦ କର୍ମୀମାନଙ୍କୁ ସଙ୍ଗଠିତ କରୁଛନ୍ତି। ତୃଣମୂଳ ସ୍ତରର କର୍ମୀମାନଙ୍କୁ ସକ୍ରିୟ କରିବା ସହ ପ୍ରତି ପଞ୍ଚାୟତ ଓ ୱାର୍ଡ ସ୍ତରରେ କମିଟି ଗଠନ କରାଯାଉଛି। ଯୁବ ଓ ମହିଳା ବିଙ୍ଗ୍‌କୁ ଆହୁରି ସକ୍ରିୟ କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଜନସମ୍ପର୍କ ଓ ଗ୍ରାମସଭା ଜରିଆରେ ଲୋକଙ୍କ ନିକଟତର ଶାସନରେ ଥିବା ସମୟରେ ବିଜୁ ଜନତା ଦଳ ସରକାର ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ଯଥା— ଷିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (BSKY), ମମତା ଯୋଜନା, ଏବଂ ବିଜୁ ପକ୍କା ଘର ଯୋଜନାର ହିତାଧିକାରୀଙ୍କ ସହ ପୁନର୍ବାର ସମ୍ପର୍କ ଯୋଡ଼ିବା ପାଇଁ ଗ୍ରାମୀଣ କର୍ମୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ସମସ୍ୟା ଓ ବିରୋଧୀଙ୍କୁ ଘେରିବା ପାଇଁ ରଣନୀତି ଜିଲ୍ଲାରେ ବର୍ତ୍ତମାନ ଦେଖାଦେଇଥିବା ବିଭିନ୍ନ ସ୍ଥାନୀୟ ସମସ୍ୟା, ସାର ଓ ବିଜନ ବିତରଣ, ଚାଷୀ ସମସ୍ୟା, ଏବଂ ପ୍ରଶାସନିକ କାର୍ଯ୍ୟରେ କିଛି ଦିନ ହେବ ଦେଖାଦେଇଥିବା ଅଭାବ ଅସୁବିଧାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ସ୍ୱରକୁ ପ୍ରଶାସନ ସମ୍ମୁଖରେ ଉଠାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦଳୀୟ ନେତୃବୃନ୍ଦଙ୍କ ମାଗଦର୍ଶନ ଏହି ବୈଠକଗୁଡ଼ିକରେ ଜିଲ୍ଲା ବିଜେଡି ସଭାପତି, ନିର୍ବାଚନ ମଣ୍ଡଳୀ ପ୍ରଭାରୀ, ଜିଲ୍ଲା ପରିଷଦ ସଦସ୍ୟ ଏବଂ ବ୍ଲକ ସ୍ତରୀୟ ବରିଷ୍ଠ ନେତାମାନେ ଉପସ୍ଥିତ ରହି କର୍ମୀମାନଙ୍କୁ ଆନ୍ତରିକତା ଓ ଶୃଙ୍ଖଳାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ବିଜେଡି ନେତାମାନେ ପ୍ରକାଶ କରିଛନ୍ତି ଯେ, "ମାଲକାନଗିରିର ପ୍ରତ୍ୟେକଟି ପଞ୍ଚାୟତରେ ଦଳର ଗଡ଼କୁ ସୁଦୃଢ଼ ରଖିବା ଏବଂ ଲୋକଙ୍କ ସୁଖ-ଦୁଃଖରେ ଛିଡ଼ା ହେବା ଆମର ମୁଖ୍ୟ ଲକ୍ଷ୍ୟ।"

## ୧୯ ବର୍ଷର ଗଜଲକ୍ଷ୍ମୀ ପୂଜାକୁ ନେଇ ତେଜିଲା ବିବାଦ, ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବିରେ ଅନଶନ



କଟକ ବ୍ୟୁରୋ :ବୟାଳିଶମୌଜା କଳପଡ଼ା ପଞ୍ଚାୟତ ଅନ୍ତର୍ଗତ କଳପଡ଼ା ବ୍ରାହ୍ମଣସାହିରେ ଦୀର୍ଘ ୧୯ ବର୍ଷ ଧରି ପାଳିତ ହୋଇଆସୁଥିବା ଗଜଲକ୍ଷ୍ମୀ ପୂଜାକୁ ନେଇ ବିବାଦ ତୀବ୍ର ହୋଇଛି। ଚଳିତ ବର୍ଷ ପୂଜା ଆୟୋଜନକୁ ନେଇ ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ଷଡ଼ଯନ୍ତ୍ର କରାଯାଇ ପୂଜାକୁ ଭଣ୍ଡୁର କରିବାକୁ ଉଦ୍ୟମ ହେଉଥିବା ପୂଜା କମିଟିର ସମ୍ପାଦକ ଦେବୀପ୍ରସାଦ ପତି ଅଭିଯୋଗ କରିଛନ୍ତି। କମିଟିର ସଭାପତି, ସମ୍ପାଦକ ଓ ଅନ୍ୟ ସଦସ୍ୟଙ୍କୁ ଅବଗତ ନକରାଇ ଏକ ନୂତନ କମିଟି ଗଠନ କରାଯାଇ ପୂଜା ଆୟୋଜନ ପାଇଁ ଉଦ୍ୟମ ହେଉଥିବା ଜଣାପଡ଼ିବା ପରେ ପୁରୁଣା କମିଟି ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଏନେଇ କମିଟିର ସଭାପତି ଓ ସମ୍ପାଦକ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିବା ସହ କଦମ୍ବେଶ୍ୱର ପୂଜା କମିଟିର କେତେକ କାର୍ଯ୍ୟକଳାପକୁ ନେଇ ମଧ୍ୟ ଆପତ୍ତି ଉଠାଇଛନ୍ତି। ତେବେ ଅଭିଯୋଗ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବା ଦର୍ଶାଇ ପୂଜା କମିଟିର ବରିଷ୍ଠ ସଦସ୍ୟ ଅଜୟ କୁମାର ପତି ଓ ସମ୍ପାଦକ ଦେବୀପ୍ରସାଦ ପତି ୨୪ ଘଣ୍ଟିଆ ଅନଶନ ଓ ଗଣସତ୍ୟାଗ୍ରହ ଆରମ୍ଭ କରିଛନ୍ତି। ପୂଜା କମିଟିର ଖର୍ଚ୍ଚ ଓ ଜମା ଟଙ୍କା ଫେରସ୍ତ ସହ ବିବାଦର ସ୍ଥାୟୀ ସମାଧାନ ପାଇଁ ସେମାନେ ଦାବି କରିଛନ୍ତି। ବୟାଳିଶମୌଜା ଭଳି ଏକ ଶାନ୍ତିପ୍ରିୟ ଅଞ୍ଚଳରେ ଧାର୍ମିକ ଉତ୍ସବକୁ ନେଇ ଏପରି ବିବାଦ ଦେଖାଦେବା ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି। ତେଣୁ କଟକ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ଉଭୟ ପକ୍ଷଙ୍କ ସହ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆଗାମୀ ସ୍ଥାନୀୟ ନିର୍ବାଚନ ପାଇଁ ବିଜେଡି, ବିଜେପି ଓ କଂଗ୍ରେସର ପ୍ରସ୍ତୁତି ବୈଠକ ଜୋରଦାର

ମାଲକାନଗିରି:(ଆଦ୍ୟାଶା ଲାଇଭ୍ ରିପୋର୍ଟ): ଆଗାମୀ ସ୍ଥାନୀୟ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ସୀମାନ୍ତ ମାଲକାନଗିରି ଜିଲ୍ଲାରେ ରାଜନୈତିକ ବାତାବରଣ ବେଶ୍ ଉଷ୍ମ ହୋଇଉଠିଛି। ନିର୍ବାଚନି ବ୍ୟୁହରଚନା ସହ ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ଓ ବ୍ଲକ୍ ସ୍ତରରେ ନିଜ ନିଜର ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼, ଶୃଙ୍ଖଳିତ ଓ କ୍ରିୟାଶୀଳ କରିବା ପାଇଁ ଶାସକ ଭାରତୀୟ ଜନତା ପାର୍ଟି (ବିଜେପି), ବିରୋଧୀ ବିଜୁ ଜନତା ଦଳ (ବିଜେଡି) ଏବଂ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସଂଗଠନ ପର୍ବ, ବୁଥ୍ ସ୍ତରୀୟ ସମୀକ୍ଷା ଓ କର୍ମୀ ସମ୍ମିଳନୀମାନ ଜୋରଦାର ଆୟୋଜିତ ହେଉଛି।ବ୍ଲକ୍ ଓ ପଞ୍ଚାୟତ ସ୍ତରରେ କର୍ମୀ ସମ୍ମିଳନୀ ପ୍ରାପ୍ତ ସୂଚନା ଅନୁଯାୟୀ, ମାଲକାନଗିରି, ଚିତ୍ରକୋଣ୍ଡା, କାଲିମେଳା, ମାଥିଲି, ଖଇରପୁଟ, କୋରୁକୋଣ୍ଡା ଓ ପୋଡ଼ିଆ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତ ଏବଂ ୱାର୍ଡ ସ୍ତରରେ ପ୍ରତିଦିନ ଦଳୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଉଛି। କ୍ଷେତ୍ରସ୍ତରୀୟ ସମୀକ୍ଷା: ଗ୍ରାମାଞ୍ଚଳରେ ଦଳର ସ୍ଥିତିକୁ ପରଖିବା ସହ ସ୍ଥାନୀୟ ମୌଳିକ ସମସ୍ୟାଗୁଡ଼ିକୁ ଚିହ୍ନଟ କରାଯାଉଛି।ନୂତନ ସଦସ୍ୟତା: ଯୁବପିଢ଼ି ଓ ନୂତନ କର୍ମୀମାନଙ୍କୁ ଦଳୀୟ ଆଦର୍ଶ ସହ ଯୋଡ଼ିବା ପାଇଁ ଜିଲ୍ଲା ସ୍ତରୀୟ ଶୀର୍ଷ ନେତୃବୃନ୍ଦମାନେ ନିଜେ ଗାଁ ଗାଁ ବୁଲି କର୍ମୀମାନଙ୍କ ସହ ସୀଧାସଳଖ ଆଲୋଚନା କରୁଛନ୍ତି।ଦଳୀୟ କାର୍ଯ୍ୟାଳୟଗୁଡ଼ିକରେ ବ୍ୟାପକ ସମାଗମ ଜିଲ୍ଲାର ପ୍ରମୁଖ ଦଳୀୟ କାର୍ଯ୍ୟାଳୟଗୁଡ଼ିକରେ ପ୍ରତିଦିନ ଶୀର୍ଷ ନେତା, ସ୍ଥାନୀୟ ଜନପ୍ରତିନିଧି ଓ କର୍ମୀଙ୍କ ବ୍ୟାପକ ସମାଗମ ଦେଖିବାକୁ ମିଳୁଛି। ବିଶେଷକରି ସ୍ୱାଭିମାନ ଅଞ୍ଚଳ ଏବଂ ଦୁର୍ଗମ ଆଦିବାସୀ ପଞ୍ଚାୟତଗୁଡ଼ିକରେ ଲୋକଙ୍କ ସମସ୍ୟା ସମାଧାନ, ଜମି ପଟ୍ଟା, ଗମନାଗମନ, ସ୍ୱାସ୍ଥ୍ୟ ସେବା ଏବଂ ସରକାରୀ ଯୋଜନାର ସଫଳ ରୂପାୟନକୁ ନେଇ ପ୍ରତ୍ୟେକ ରାଜନୈତିକ ଦଳ ନିଜ ନିଜର ଦୃଷ୍ଟିକୋଣ ଓ ଆଭିମୁଖ୍ୟ ସ୍ପଷ୍ଟ କରୁଛନ୍ତି।ବୁଥ୍ ସ୍ତରୀୟ ରଣନୀତି ଉପରେ ଗୁରୁତ୍ୱ ଆଗାମୀ ନିର୍ବାଚନରେ କିପରି ଶ୍ରେଷ୍ଠ ପ୍ରଦର୍ଶନ କରି ବିଜୟ ହାସଲ କରାଯାଇପାରିବ, ସେ ନେଇ ବୁଥ୍ ସ୍ତରୀୟ କମିଟି ଗଠନ, ସକ୍ଷମ ବୁଥ୍ ସଭାପତି ଚୟନ ଏବଂ ତୃଣମୂଳ ସ୍ତରର ରଣନୀତି ପ୍ରସ୍ତୁତି ଉପରେ ଦଳୀୟ ନେତାମାନେ ବିଶେଷ ଗୁରୁତ୍ୱାରୋପ କରୁଛନ୍ତି। ରାଜନୈତିକ ଦଳଗୁଡ଼ିକର ଏହି ଘନ ଘନ ବୈଠକ, ସମ୍ମିଳନୀ ଓ ପଦଯାତ୍ରା ଯୋଗୁଁ ସମଗ୍ର ମାଲକାନଗିରି ଜିଲ୍ଲାରେ ଏବେ ନିର୍ବାଚନୀ ହାୱା ଅତ୍ୟନ୍ତ ଜୋରଦାର ବହିବାରେ ଲାଗିଛି।

Adyasha masthead
PRGI No. ORORI/25/A0506
Daily Edition
Email : adyashalive@gmail.com
BHUBANESWAR | Vol. 02 | Issue 12
ଶୁକ୍ରବାର, ୨୩ ଅକ୍ଟୋବର ୨୦୨୬
ପୃଷ୍ଠା ୧୨ Rs. 7

ଆଜିର ପ୍ରମୁଖ

## ମାଆ ଦୁର୍ଗାଙ୍କ ଭସାଣି ବେଦନା: ଆଖିରେ ଲୁହ, ହୃଦୟରେ ଅସରନ୍ତି ଶୂନ୍ୟତା ଓ ଆସନ୍ତା ବର୍ଷର ପ୍ରତୀକ୍ଷା

ଶାରଦୀୟ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ; ଏହା ମଣିଷର ଆସ୍ଥା, ଭକ୍ତି, ଭାବନା, ସଂସ୍କୃତି ଓ ଆତ୍ମିକ ସମ୍ପର୍କର ଏକ ଅନନ୍ୟ ମହାପର୍ବ। ମାଆ ଦୁର୍ଗାଙ୍କ ଆଗମନରେ ଯେଉଁ ଧରା ଆନନ୍ଦରେ ଝଲସି ଉଠେ, ସେହି ଧରା ମାଆଙ୍କ ବିସର୍ଜନ ବେଳେ ଲୁହରେ ଭିଜିଯାଏ। କାଶତଣ୍ଡୀର ଧଳା ଫୁଲ, ଶରତର ନିର୍ମଳ ଆକାଶ, ଢାକର ଶବ୍ଦ, ଶଙ୍ଖନାଦ ଓ ଧୂପଦୀପର ସୁଗନ୍ଧ ମଧ୍ୟରେ ଯେଉଁ ଆନନ୍ଦର ଅଧ୍ୟାୟ ଆରମ୍ଭ ହୋଇଥାଏ, ଭସାଣିର ଦିନ ତାହା ଏକ ଅବର୍ଣ୍ଣନୀୟ ବିରହରେ ପରିଣତ ହୁଏ। ମାଆ ଆସିଥିଲେ ଝିଅ ହୋଇ, ଭକ୍ତଙ୍କ ହୃଦୟରେ ଆଶା ହୋଇ, ଦୁଃଖୀର ମନରେ ସାହସ ହୋଇ ଏବଂ ଅସହାୟର ଆଖିରେ ଆଶ୍ରୟ ହୋଇ। କିନ୍ତୁ ଆଜି ସେହି ମାଆଙ୍କୁ ବିଦାୟ ଦେବାର ସମୟ ଆସିଛି। ମାଆଙ୍କ ମୁହଁକୁ ଚାହିଁ ଭକ୍ତର ମନ ନିରବରେ ପଚାରେ— ମାଆ, ଏତେ ଶୀଘ୍ର କାହିଁକି ଚାଲିଯାଉଛୁ? ଆମ ଦୁଃଖ, ଆମ କଷ୍ଟ, ଆମ ଅକୁହା ଯନ୍ତ୍ରଣା ସବୁ କ'ଣ ତୋ ପାଖରେ କହି ସାରିଲୁ? ଭସାଣି କେବଳ ବିଦାୟ ନୁହେଁ, ଏକ ଭାବନାର ମହାସମୁଦ୍ର। ବିସର୍ଜନର ଦୃଶ୍ୟ ଯେତେ ଭବ୍ୟ, ହୃଦୟର ବେଦନା ସେତେ ଗଭୀର। ଢାକର ତାଳରେ ଭକ୍ତମାନେ ନାଚନ୍ତି, ମାଆଙ୍କ ଜୟଧ୍ୱନିରେ ଆକାଶ କମ୍ପିଉଠେ, ସିନ୍ଦୂରର ରଙ୍ଗରେ ପରିବେଶ ରଙ୍ଗୀନ ହୋଇଯାଏ। କିନ୍ତୁ ସେହି ହସ ଓ ଉତ୍ସବର ଆଢୁଆଳରେ କେତେ ଆଖିରେ ଲୁହ ଜମି ରହିଥାଏ, ତାହା କିଏ ଦେଖେ? କାହା ପାଇଁ ମାଆ ହେଉଛନ୍ତି ଜୀବନର ଶେଷ ଭରସା, କାହା ପାଇଁ ଅସହ୍ୟ ଯନ୍ତ୍ରଣାରେ ଏକମାତ୍ର ସାନ୍ତ୍ୱନା, ଆଉ କାହା ପାଇଁ ଭାଙ୍ଗିଯାଇଥିବା ସ୍ୱପ୍ନକୁ ପୁଣିଥରେ ଗଢ଼ିବାର ଶକ୍ତି। ଜଣେ ମାଆଙ୍କ ଚରଣରେ ନିଜର ଅସୁସ୍ଥ ସନ୍ତାନର ଆରୋଗ୍ୟ ମାଗେ, ଜଣେ ବୃଦ୍ଧ ନିଜ ଜୀବନର ଏକାକୀପଣରୁ ମୁକ୍ତି ମାଗେ, ଜଣେ ମାଆ ନିଜ ସନ୍ତାନର ଭବିଷ୍ୟତ ପାଇଁ ପ୍ରାର୍ଥନା କରେ, ଆଉ ଜଣେ ନିରାଶ ମଣିଷ ନିଜ ଜୀବନରେ ଟିକିଏ ଶାନ୍ତି ଖୋଜେ। ମାଆଙ୍କ ବିସର୍ଜନ ସହିତ ସେମାନଙ୍କ ମନରେ ଏକ ପ୍ରଶ୍ନ ଉଠେ— ମାଆ, ତୁ ଚାଲିଗଲେ ଆମ ଦୁଃଖ କାହାକୁ କହିବୁ? ମାଆଙ୍କ ବିଦାୟରେ ନାରୀ ହୃଦୟର ନିରବ କାନ୍ଦଣା ଦେବୀ ଦୁର୍ଗା ହେଉଛନ୍ତି ନାରୀଶକ୍ତିର ପ୍ରତୀକ। ସେ ଅନ୍ୟାୟ ବିରୋଧରେ ସଂଗ୍ରାମ, ଅସତ୍ୟ ବିରୋଧରେ ସତ୍ୟ ଓ ଅନ୍ଧକାର ବିରୋଧରେ ଆଲୋକର ବାର୍ତ୍ତା ଦିଅନ୍ତି। କିନ୍ତୁ ଆମ ସମାଜରେ ଆଜି ମଧ୍ୟ ଅନେକ ନାରୀ ନିଜ ଘର ଭିତରେ ନିଜର ଦୁଃଖକୁ ଲୁଚାଇ ରଖୁଛନ୍ତି। କେହି ଅପମାନ ସହୁଛନ୍ତି, କେହି ନିଜ ସ୍ୱପ୍ନକୁ ବଳି ଦେଉଛନ୍ତି, କେହି ପରିବାରର ମର୍ଯ୍ୟାଦା ପାଇଁ ନିଜ ଲୁହକୁ ନିଜେ ପିଇଯାଉଛନ୍ତି। ସେମାନେ ମାଆ ଦୁର୍ଗାଙ୍କୁ ପୂଜା କରି କେବଳ ସମୃଦ୍ଧି ମାଗନ୍ତି ନାହିଁ; ସେମାନେ ମାଗନ୍ତି ଆତ୍ମସମ୍ମାନ, ନିରାପତ୍ତା, ସମାନ ଅଧିକାର ଓ ଅନ୍ୟାୟ ବିରୋଧରେ ଠିଆ ହେବାର ସାହସ। ଭସାଣି ଦିନ ସେହି ନାରୀମାନଙ୍କ ହୃଦୟରେ ମଧ୍ୟ ଏକ ଶୂନ୍ୟତା ସୃଷ୍ଟି ହୁଏ। ସେମାନେ ଭାବନ୍ତି, ମାଆ, ତୁ ଯେଉଁ ଶକ୍ତିର ପ୍ରତୀକ, ସେହି ଶକ୍ତି ଆମ ଜୀବନରେ ସଦା ଜାଗ୍ରତ ରହୁ। ମାଆଙ୍କ ଆଗମନର ପ୍ରକୃତ ସାର୍ଥକତା ସେତେବେଳେ ହେବ, ଯେତେବେଳେ ପ୍ରତ୍ୟେକ ଝିଅ ନିର୍ଭୟରେ ବଞ୍ଚିପାରିବ, ପ୍ରତ୍ୟେକ ନାରୀ ସମ୍ମାନ ପାଇବ ଏବଂ ପ୍ରତ୍ୟେକ ଘରେ ଭଲପାଇବାର ଦୀପ ଜଳିବ। ବିସର୍ଜନର ଜଳରେ ଭାସିଯାଏ ମାଟି, ନୁହେଁ ଭକ୍ତି ଯେତେବେଳେ ମାଆଙ୍କ ପ୍ରତିମା ଧୀରେ ଧୀରେ ଜଳରେ ବିଲୀନ ହୁଏ, ଭକ୍ତଙ୍କ ହୃଦୟରେ ଏକ ଅଜଣା କମ୍ପନ ସୃଷ୍ଟି ହୁଏ। ମନେହୁଏ, ଆମ ଆଖି ଆଗରୁ ଆମର ସବୁଠାରୁ ପ୍ରିୟ ଆଶ୍ରୟଟି ଦୂରେଇ ଯାଉଛି। କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିରୁ ମାଆ କେବେ ଆମଠାରୁ ଦୂରେଇ ଯାଆନ୍ତି ନାହିଁ। ମାଟିର ପ୍ରତିମା ଜଳରେ ବିଲୀନ ହୁଏ, କିନ୍ତୁ ମାଆଙ୍କ ଶକ୍ତି, ତାଙ୍କ କରୁଣା ଓ ତାଙ୍କ ପ୍ରତି ଆମର ଅଗାଧ ବିଶ୍ୱାସ ଆମ ହୃଦୟରେ ରହିଯାଏ। ମାଆଙ୍କ ବିସର୍ଜନ ଆମକୁ ଜୀବନର ଏକ ମହାନ ସତ୍ୟ ଶିଖାଏ — ଏହି ସଂସାରରେ ଆଗମନ ଅଛି, ବିଦାୟ ଅଛି; ମିଳନ ଅଛି, ବିଚ୍ଛେଦ ଅଛି। କିନ୍ତୁ ସତ୍ୟ ଭଲପାଇବା କେବେ ବିଲୀନ ହୁଏ ନାହିଁ। ଯେଉଁ ଭକ୍ତି ନିର୍ମଳ, ଯେଉଁ ବିଶ୍ୱାସ ଗଭୀର, ତାହା ସମୟର ସୀମାକୁ ଅତିକ୍ରମ କରିଯାଏ। ମାଆ ଆଜି ଜଳରେ ବିଲୀନ ହେଉଛନ୍ତି, କିନ୍ତୁ ତାଙ୍କ ଆଶୀର୍ବାଦ ଆମ ଘରର ତୁଳସୀ ଚଉରାରେ, ଆମ ପ୍ରାର୍ଥନାରେ, ଆମ କର୍ମରେ ଏବଂ ଆମର ମାନବିକତାରେ ବଞ୍ଚି ରହିବ। ମାଆ, ଆସନ୍ତା ବର୍ଷ ପୁଣି ଆସିବୁ ହେ ଜଗତ୍ଜନନୀ ମାଆ ଦୁର୍ଗା! ତୋର ବିଦାୟରେ ଆଜି ପରିବେଶ ନିରବ, ହୃଦୟ ଭାରାକ୍ରାନ୍ତ ଓ ଆଖି ଅଶ୍ରୁସିକ୍ତ। ତଥାପି ଏହି ବିଦାୟ ମଧ୍ୟରେ ଲୁଚି ରହିଛି ଆଗାମୀ ମିଳନର ଆଶା। ଆମେ ତୋତେ ଅଟକାଇ ପାରିବୁ ନାହିଁ, କିନ୍ତୁ ଆମ ହୃଦୟରେ ତୋର ଆସନକୁ କେହି କେବେ ଛଡ଼ାଇ ପାରିବ ନାହିଁ। ମାଆ, ଯେଉଁ ଘରେ ଅଶାନ୍ତି ଅଛି, ସେଠାରେ ଶାନ୍ତି ଦେ। ଯେଉଁ ଆଖିରେ ଲୁହ ଅଛି, ସେଠାରେ ହସ ଫୁଟାଇ ଦେ। ଯେଉଁ ପରିବାରରେ ଅଭାବ ଅଛି, ସେଠାରେ ସାହସ ଓ ସମୃଦ୍ଧି ଭରିଦେ। ଯେଉଁ ମନ ଭାଙ୍ଗିଯାଇଛି, ସେଠାରେ ଆଶାର ନୂଆ ସୂର୍ଯ୍ୟୋଦୟ କର। ଯେଉଁ ନାରୀ ଅନ୍ୟାୟର ଶିକାର ହେଉଛି, ତାକୁ ନିଜ ଅଧିକାର ପାଇଁ ଲଢ଼ିବାର ଶକ୍ତି ଦେ। ଯେଉଁ ମଣିଷ ଏକାକୀତ୍ୱରେ ଭାଙ୍ଗିପଡୁଛି, ତାକୁ ତୋର ମାତୃସ୍ନେହର ଅନୁଭବ ଦେ। ମାଆ, ତୋର ବିଦାୟରେ ଆମେ କାନ୍ଦୁଛୁ, କିନ୍ତୁ ଆମର ଏହି ଲୁହ ଦୁର୍ବଳତାର ନୁହେଁ; ଏହା ଆମ ଅସୀମ ଭଲପାଇବାର ପ୍ରତୀକ। ତୁ ଆମକୁ ଶିଖାଇଛୁ ଅନ୍ୟାୟ ବିରୋଧରେ ଲଢ଼ିବାକୁ, ସତ୍ୟର ପଥରେ ଚାଲିବାକୁ ଏବଂ ଦୁଃଖୀ ମଣିଷର ଲୁହ ପୋଛିବାକୁ। ଆଜି ତୋର ପ୍ରତିମା ବିସର୍ଜିତ ହେଉଛି, କିନ୍ତୁ ତୋର ମହିମା କେବେ ବିସର୍ଜିତ ହେବ ନାହିଁ। ତୋର ନାମ ଆମ ଓଠରେ, ତୋର ରୂପ ଆମ ଆଖିରେ ଓ ତୋର କରୁଣା ଆମ ହୃଦୟରେ ସଦା ଜୀବନ୍ତ ରହିବ। ଶେଷରେ ଏତିକି ପ୍ରାର୍ଥନା— ହେ ମାଆ ଦୁର୍ଗା, ତୋର ଭସାଣି ସହିତ ଆମ ଦୁଃଖର ଭସାଣି ହେଉ, ଆମ ଜୀବନରୁ ଅନ୍ୟାୟ ଓ ଅହଂକାରର ବିସର୍ଜନ ହେଉ। ପ୍ରତ୍ୟେକ ହୃଦୟରେ ମାନବିକତା ଜାଗ୍ରତ ହେଉ, ପ୍ରତ୍ୟେକ ଘରେ ଶାନ୍ତି ପ୍ରତିଷ୍ଠିତ ହେଉ ଏବଂ ପୃଥିବୀର ପ୍ରତ୍ୟେକ ମଣିଷ ଭଲପାଇବାରେ ବଞ୍ଚିବାର ସୁଯୋଗ ପାଉ। ମାଆ, ତୁ ଯାଉନାହୁଁ— ତୁ କେବଳ ଆମ ଆଖିରୁ ଅନ୍ତର୍ଧାନ ହେଉଛୁ। ଆମ ହୃଦୟରେ ତୁ ସଦା ବିରାଜମାନ। ଆସ ମାଆ, ଆସନ୍ତା ଶାରଦୀୟ ପର୍ବରେ ପୁଣି ଆସିବୁ। ଆମ ଅପେକ୍ଷାର ଦୀପ ସେପର୍ଯ୍ୟନ୍ତ ଜଳୁଥିବ। ଜୟ ମାଆ ଦୁର୍ଗା। ——— ଲେଖିକାଙ୍କ ପରିଚୟ ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା Advocate / Writer ଚହଟା ଲେନ୍ ନଂ. ୬, ବିଡ଼ାନାସୀ, କଟକ, ଓଡ଼ିଶା – ୭୫୩୦୧୪।

## କ୍ଷତ୍ରିୟ ଖଣ୍ଡାୟତ ସମାଜର ପ୍ରସିଦ୍ଧ ଶସ୍ତ୍ର ପୂଜନ ଓ ଖଣ୍ଡା ଶୋଭାଯାତ୍ରା

ସୁବର୍ଣ୍ଣପୁର/ତରଭା:(ସଂଗ୍ରାମ / ଆଦ୍ୟାଶା ଲାଇଭ୍):ପବିତ୍ର ବିଜୟାଦଶମୀ ତଥା ଦଶହରା ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ତରଭା କ୍ଷତ୍ରିୟ ଖଣ୍ଡାୟତ ସମାଜ ତରଫରୁ ବେଶ୍ ଆଡ଼ମ୍ବର ଓ ଉତ୍ସାହର ସହ ପାରମ୍ପରିକ ଶସ୍ତ୍ର ପୂଜନ ଏବଂ ବିରାଟ ଖଣ୍ଡା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଣ୍ଡାୟତ ସମାଜର ପ୍ରାଚୀନ ଗାରିମା, ବୀରତ୍ୱ ଓ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଉତ୍ସବରେ ତରଭା ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶହ ଶହ ସଂଖ୍ୟାରେ ଖଣ୍ଡାୟତ ସମାଜର ବ୍ୟକ୍ତିବିଶେଷ ଓ ଯୁବକମାନେ ଏକତ୍ରିତ ହୋଇଥିଲେ। ପାଟଣେଶ୍ୱରୀ ମନ୍ଦିରରେ ପାରମ୍ପରିକ ପୂଜାର୍ଚ୍ଚନା ଓ କଖାରୁ ବଳି ବିଜୟାଦଶମୀର ଏହି ପବିତ୍ର ଅବସରରେ ତରଭାସ୍ଥିତ ଆରାଧ୍ୟା ଦେବୀ ମା' ପାଟଣେଶ୍ୱରୀ ମନ୍ଦିର ସମ୍ମୁଖରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ସମେତ ହୋଇଥିଲେ। ଖଣ୍ଡାୟତମାନଙ୍କ ଆରାଧ୍ୟ ଦେବୀ ଭୈରୋ ଦେବୀ ଏବଂ ମା' ପାଟଣେଶ୍ୱରୀଙ୍କ ପ୍ରତୀକ ଖଣ୍ଡାକୁ ହାତରେ ଧାରଣ କରି କୋଷାଗାର ଓ ଶାସ୍ତ୍ରୀୟ ରୀତିନୀତି ଅନୁସାରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ଏହି ସମୟରେ ପୂଜାବିଧି ଅନୁଯାୟୀ କଖାରୁ ବଳି ପ୍ରଦାନ କରାଯିବା ସହ ପାରମ୍ପରିକ ବାଜାଗଜା ଏବଂ ମା'ଙ୍କ ବରୁଆଙ୍କ ଉପସ୍ଥିତିରେ ପୂଜାସ୍ଥଳୀରେ ଏକ ଭକ୍ତିମୟ ଓ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।ନଗର ପରିକ୍ରମା ଓ ବିରାଟ ଖଣ୍ଡା ଶୋଭାଯାତ୍ରା ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ମା' ପାଟଣେଶ୍ୱରୀଙ୍କ ବରୁଆ ଓ ମାଣକୁଟା ବାଜାର ଗମ୍ଭୀର ଶବ୍ଦ ମଧ୍ୟରେ ଏକ ବିରାଟ ଓ ଭବ୍ୟ ଖଣ୍ଡା ଶୋଭାଯାତ୍ରା ବାହାରିଥିଲା। ତରଭା ସହରର ମୁଖ୍ୟ ପଥ ଦେଇ ଏହି ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ରାସ୍ତାର ଦୁଇପାର୍ଶ୍ୱରେ ଥିବା ନଗରବାସୀ ଏବଂ ମହିଳାମାନେ କଳସୀକୁମ୍ଭ ସ୍ଥାପନ କରି, ଧୂପଦୀପ ଦେଇ ମା'ଙ୍କ ପ୍ରତୀକ ଓ ଖଣ୍ଡା ଶୋଭାଯାତ୍ରାକୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଶୋଭାଯାତ୍ରାଟି ସହରର ବିଭିନ୍ନ ଅଞ୍ଚଳ ଦେଇ ଯାଇ ଦଶରା ପଦାରେ ପହଞ୍ଚିଥିଲା, ଯେଉଁଠାରେ ସ୍ୱତନ୍ତ୍ର ପୂଜାପାଠ କରାଯାଇ ପୁନର୍ବାର ସଭାସ୍ଥଳକୁ ଫେରିଥିଲା। ଖଣ୍ଡାୟତ ସମାଜର ଗାରିମା ଓ ନେତୃବୃନ୍ଦଙ୍କ ଯୋଗଦାନ ଶୋଭାଯାତ୍ରା ଶେଷରେ ଅନୁଷ୍ଠିତ ସଭାରେ ଖଣ୍ଡାୟତ ସମାଜର ଗାରିମା, ଇତିହାସ ଏବଂ ସାମାଜିକ ଏକତା ସମ୍ପର୍କରେ ବକ୍ତାମାନେ ନିଜର ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରମେଶ ଗୁରୁ, ରାମ ନାଏକ, ସୌମିତ୍ରୀ ନାଏକ, କୈଳାସ ମଲ୍ଲିକ, ଚିରଞ୍ଜିବୀ ନାଏକ, ସାମ୍ବାଦିକ କଲ୍ୟାଣ ନାଏକ ପ୍ରମୁଖଙ୍କ ସମେତ ବିଭିନ୍ନ ଗ୍ରାମରୁ ଆସିଥିବା କ୍ଷତ୍ରିୟ ଖଣ୍ଡାୟତ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏପରି ଆୟୋଜନ ଦ୍ୱାରା ଯୁବପିଢ଼ି ନିଜର ପ୍ରାଚୀନ ସଂସ୍କୃତି ଓ ପରମ୍ପରା ପ୍ରତି ଅଧିକ ଆକୃଷ୍ଟ ହେବେ ବୋଲି ମତପ୍ରକାଶ ପାଇଥିଲା।



ଜନମତ

## ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପକ୍ଷରୁ ୬୭ତମ ସହିଦ ସ୍ମୃତି ଦିବସ ପାଳିତ

ସୁବର୍ଣ୍ଣପୁର:/୨୧.୧୦ଆଦ୍ୟାଶା(ରିପୋର୍ଟ- କିଶୋର ହୋତା) ସୁବର୍ଣ୍ଣପୁର ଜିଲ୍ଲା ରିଜର୍ଭ ପୋଲିସ ପଡିଆ ଠାରେ ୬୭ ତମ ଶହୀଦ ସ୍ମୃତି ଦିବସ ପାଳିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଏସପି ଶ୍ରୀ ନାରାୟଣ ନାୟକ ଯୋଗ ଦେଇ ଦେଶ ତଥା ବିଦେଶ ରେ ବିଭିନ୍ନ ଜରୁରୀ କାଳୀନ ସମୟରେ ମାତୃଭୂମି ଓ ଦେଶର ସୁରକ୍ଷା ପାଇଁ ଶହୀଦ୍ ହୋଇଥିବା ଆମ ଜିଲ୍ଲା, ରାଜ୍ୟ ତଥା ଦେଶର ପୋଲିସଙ୍କ ସ୍ମୃତି ଚାରଣ କରିବା ସହ ମହାମାନ୍ୟ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ବାର୍ତ୍ତା ପଠନ କରିଥିଲେ । ଏହି ଅବସରରେ ପ୍ୟାରେଡ୍ ମାଧ୍ୟମ ରେ ଶହୀଦ୍ ଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରା ଯାଇଥିଲା । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡ. ଦୁର୍ଗାଦତ୍ତ ଦାଶ ଯୋଗ ଦେଇ ଏସପି ଶ୍ରୀ ନାରାୟଣ ନାୟକ ଙ୍କ ସହିତ ଶହୀଦ୍ ପୋଲିସ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ୨୦୦୯ ମସିହାରେ ସମ୍ବଲପୁର ଜିଲ୍ଲା ରେ ସହିଦ ହୋଇଥିବା ଆମ ଜିଲ୍ଲା ର ପୋଲିସ ଅଫିସର ନରସିଂହ ମହାକୁଡଙ୍କ ପତ୍ନୀଙ୍କୁ ଏବଂ କୋରାପୁଟରେ ସହିଦ ହୋଇଥିବା ଆମ ଜିଲ୍ଲା ପୋଲିସ ବିଭୀଷଣ ସାହୁ ଙ୍କ ପରିବାର କୁ ଆଜି ଏହି ଉତ୍ସବରେ ଜିଲ୍ଲାପାଳ ଓ ଏସପି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଅତିରିକ୍ତ ଏସପି କେ. କେ ହରିପ୍ରସାଦ, ଲିଲିମା ଲଳିତା ବାର୍ଲା, ଡିଏସପି ରେଣୁକା ସୁନା, ଚନ୍ଦ୍ର ଶେଖର ଶବର, ଜିଲ୍ଲା ଅଗ୍ନିଶମ ବିଭାଗ ଅଧିକାରୀ ଶ୍ରୀ ଭବେନ୍ଦ୍ର ନାଥ ଦେ, ଏସଡିପିଓ କଲ୍ୟାଣୀ ବେହେରା , ଆର୍ ଆଇ ମାନସ ବେହେରା, ଭକ୍ତ ବନ୍ଧୁ ସେଠ ପ୍ରମୁଖ ସମସ୍ତ ପୋଲିସ ଅଧିକାରୀ ଯୋଗ ଦେଇ ଶହୀଦ୍ ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଓଡ଼ିଶା ପୋଲିସ ହାବିଲଦାର କନେଷ୍ଟବଳ ସଂଘ ସଭାପତି କୁମୁଦ ରଞ୍ଜନ ମେହେର, ଉପ ସଭାପତି ଦୟାନିଧି ସାହୁ, ସଂମ୍ପାଦକ କାର୍ତ୍ତିକେଶ୍ୱର ରାଉତ ଓ ସଂଘ ର ସମସ୍ତ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ ।

ଜିଲ୍ଲାରୁ ସିଧା ରିପୋର୍ଟ

## ବିନିକାରେ ଯାଦବ ସମାଜର ମହାସମାବେଶ, ଦାବୀ ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତା ରେ ଲଢେଇ

ସୁବର୍ଣ୍ଣପୁର :୨୨।୧୦(ସଂଗ୍ରାମ):ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରାଞ୍ଚଳ ପାଲିପଡ଼ା ଠାରେ ମା' ସମଲେଶ୍ୱରୀଙ୍କ ପୂଜା ଅବସରରେ ଯାଦବ ସମାଜର ଏକ ମହାସଭା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିନିକା ନଗର ସଭାପତି ଧ୍ରୁବଚରଣ ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜର ପରମ୍ପରା, ସଂସ୍କୃତି, ଜାତିର ରୀତିନୀତି, ଏକତା, ଶିକ୍ଷା, ସ୍ୱାସ୍ଥ୍ୟ, ସରକାରୀ ସହାୟତା ଏବଂ କୌଳିକ ବୃତ୍ତିକୁ ପ୍ରୋତ୍ସାହନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ଆଗାମୀ ଦିନରେ ଯଦି ସରକାର ଯାଦବ ସମାଜକୁ ଅବହେଳା କରନ୍ତି ତେବେ ସମାଜ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ମହାସଭାରେ ଅଖିଳ ଭାରତୀୟ ଯାଦବ ସମାଜ ସମ୍ପାଦକ ତଥା ବରଗଡ଼ ଜିଲ୍ଲା ସଭାପତି ରାଜୁ ଘିବିଲା, ସୁବର୍ଣ୍ଣପୁର ଜିଲ୍ଲା ଯୁବ ସଭାପତି ତପନ ଜୁଆଡି, ଜିଲ୍ଲା ଯୁବ ସମ୍ପାଦକ ନିର୍ମଳ ଷାଣ୍ଡ, ବିନିକା ଯାଦବ ସମାଜ ପୂଜା ସଭାପତି ଦେବରାଜ ଗରିଆ, ପୂଜା ସମ୍ପାଦକ କୃଷ୍ଣଚନ୍ଦ୍ର ବନଛୋର, ବରିଷ୍ଠ କାର୍ଯ୍ୟକର୍ତ୍ତା ଶଙ୍ଖନାଦ ସାଲମା, ଗୋପବନ୍ଧୁ ଭୁଏ, ଉମାକାନ୍ତ ଦୀପ, ପଦ୍ମଲୋଚନ କାଲସେ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା ବୃନ୍ଦାବନ ଦୀପ କରିଥିବା ବେଳେ ମନଗଡୁ ଯୁଆଡି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବନ୍ଧୁ ମିଳନରେ ବିନିକା ସହରାଞ୍ଚଳ ଓ ବ୍ଲକ ସ୍ତରର ଶତାଧିକ ଯାଦବ ଭାଇ ଏବଂ ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସିଥିବା ସଦସ୍ୟମାନେ ଉପସ୍ଥିତ ରହିଥିଲେ।



## ଝଲସିବେ ମହାମାୟୀ ମା ସୁରେଶ୍ୱରୀ

ସୁବର୍ଣ୍ଣପୁର:(ଆଦ୍ୟାଶା ଲାଇଭ୍/ସଂଗ୍ରାମ ମୋହାପାତ୍ର):ପବିତ୍ର ଶାରଦୀୟ ଦୁର୍ଗାପୂଜାର ନବରାତ୍ରି ପୂଜାର୍ଚ୍ଚନା ଏବଂ ଷୋହଳ ପୂଜାର ଅନ୍ତ ଘଟିବା ପରେ ଆସନ୍ତାକାଲି ଠାରୁ ସୁବର୍ଣ୍ଣପୁର ଜିଲ୍ଲାର ପ୍ରସିଦ୍ଧ ଇଷ୍ଟଦେବୀ ଜଗତଜନନୀ ମା' ସୁରେଶ୍ୱରୀ ଏକ ଅପୂର୍ବ ଓ ଭବ୍ୟ 'ସୁନା ବେଶ'ରେ ଝଲସିବେ। ଚଳିତ ବର୍ଷ ମା'ଙ୍କ ଏହି ଦିବ୍ୟ ରୂପ ଦର୍ଶନ କରିବା ପାଇଁ ସମଗ୍ର ସୁବର୍ଣ୍ଣପୁର ସହର ସମେତ ଆଖପାଖ ଅଞ୍ଚଳରୁ ଛୁଟିଆସିଥିବା ଜିଲ୍ଲାବାସୀ ଓ ଭକ୍ତମାନଙ୍କ ମଧ୍ୟରେ ଅହେତୁକ ଉତ୍ସାହ ଓ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି।ପ୍ରାପ୍ତ ସୂଚନା ଅନୁଯାୟୀ, ମଙ୍ଗଳବାର ଦଶମୀ ଦିନ ସକାଳ ୬:୦୦ ଟାରୁ ଆରମ୍ଭ କରି ବୁଧବାର ଏକାଦଶୀ ରାତି 10:00 ଟା ପର୍ଯ୍ୟନ୍ତ ନିରନ୍ତର ଭାବେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ସୁନା ବେଶରେ ଦିବ୍ୟ ଦର୍ଶନ ଦେବେ ମା' ସୁରେଶ୍ୱରୀ। ମା'ଙ୍କ ଏହି ସ୍ୱତନ୍ତ୍ର ଓ ଆକର୍ଷଣୀୟ ବେଶରେ ସୁନା ମୁକୁଟ, ସୁନା ମୁହଁ ଏବଂ ବିଭିନ୍ନ ପ୍ରକାରର ପାରମ୍ପରିକ ସୁନା ଅଳଙ୍କାରରେ ମା' ସର୍ବାଙ୍ଗ ସଜ୍ଜିତ ହେବେ। ସବୁଠାରୁ ବଡ଼ ଏବଂ ଗର୍ବର କଥା ହେଲା, ମା'ଙ୍କ ଅନୁଗତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ସମର୍ପିତ ସୁନା ଅଳଙ୍କାରରେ ବିଭୂଷିତ ହୋଇ ମା' ପ୍ରଥମ ଥର ପାଇଁ ଭକ୍ତଙ୍କୁ ଏହି ଦୁର୍ଲଭ ଦର୍ଶନ ପ୍ରଦାନ କରିବେ। ଜିଲ୍ଲାବାସୀଙ୍କ ଆଧ୍ୟାତ୍ମିକ ଜୀବନରେ ଏହା ଏକ ଅତ୍ୟନ୍ତ ଶୁଭ ମୁହୂର୍ତ୍ତ ବୋଲି ଆଲୋଚନା ହେଉଛି।ଶାରଦୀୟ ଦୁର୍ଗାପୂଜାର ଶାସ୍ତ୍ରୀୟ ପରମ୍ପରା ଅନୁଯାୟୀ, ମା' ମହିଷାମର୍ଦ୍ଦିନୀ ରୂପରେ ଦୁଷ୍ଟ ବିନାଶ କରି ମହିଷାସୁର ବଧ କରିଛନ୍ତି। ଏହି ପବିତ୍ର ପର୍ବ ଅସତ୍ୟ ଉପରେ ସତ୍ୟର ଚରମ ବିଜୟ ଏବଂ ଅନ୍ୟାୟ ଉପରେ ନ୍ୟାୟର ଜୟଗାନର ଶାଶ୍ୱତ ବାର୍ତ୍ତା ସମଗ୍ର ବିଶ୍ୱକୁ ପ୍ରଦାନ କରିଥାଏ। ଏହି ଦିବ୍ୟ ବାର୍ତ୍ତା ଓ ଅପୂର୍ବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇ ଶେଷରେ ମା'ଙ୍କ ପୂର୍ଣ୍ଣମୟ ମୂର୍ତ୍ତିକୁ ବିସର୍ଜନ କରାଯିବ।ମା'ଙ୍କ ଏହି ସୁନା ବେଶ ଦର୍ଶନ ଏବଂ ବିସର୍ଜନ ଯାତ୍ରା ସମୟରେ ମନ୍ଦିର ପରିସରରେ ହେବାକୁ ଥିବା ପ୍ରବଳ ଜନଗହଳିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୂଜା କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଶୃଙ୍ଖଳାଗତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ପ୍ରମୁଖ ସ୍ଥାନମାନଙ୍କରେ ପୋଲିସ ଫୋର୍ସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମାନବିକତା ଦେଖାଇଲେ ଡୁଙ୍ଗୁରିପାଲି ଥାନାଧିକାରୀ ରୋଜାଲିନ ପଟେଲ୍.

ସୁବର୍ଣ୍ଣପୁର:୨୨।୧୦(ସଂଗ୍ରାମ):ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରେ ଏକ ଘଟଣା ରେ ଡୁଙ୍ଗୁରିପାଲି ଥାନାଧିକାରୀ ରୋଜାଲିନ ପଟେଲ୍ ଙ୍କ କାର୍ଯ୍ୟ ଙ୍କୁ ନେଇଁ ଏବେ ଜିଲ୍ଲା ସାରା ଚର୍ଚ୍ଚା ଚାଲିଛି। ଘଟଣା ରୁ ପ୍ରକାଶ ଯେ ଏକ ଅଜଣା ଗର୍ଭବତୀ ମହିଳା ଏକୁଟିଆ ଏଣେ ତେଣେ ବୁଲି ବୁଲି ତିତେରକୁନ୍ଦ୍ ଗ୍ରାମକୁ ଅସହାୟ ଅବସ୍ଥାରେ ପହଞ୍ଚିଥିବା ଡୁଙ୍ଗୁରିପାଲି ଥାନାଧିକାରୀ ରୋଜାଲିନ ପଟେଲ୍ ପାଖକୁ ଗ୍ରାମରକ୍ଷୀ ଖବର ଦେଇଥିଲେ । ସଙ୍ଗେ ସଙ୍ଗେ ଥାନାଧିକାରି ସେବା ଫାଉଣ୍ଡେସନ ର ପ୍ରତିଷ୍ଠାତା ଏବଂ ନିଜ ଷ୍ଟାଫ୍ ସହ ତିତେରକୁନ୍ଦ୍ ଗ୍ରାମକୁ ଯାଇ ମହିଳା ଜଣଙ୍କୁ ଉଦ୍ଧାର କରିଥିଲେ । ସେ କିଛି କହୁନଥିବାରୁ ତାଙ୍କର ସଠିକ୍ ପରିଚୟ ମିଳିପାରି ନଥିଲା । ତାଙ୍କର ଉତ୍ତମ ଚିକିତ୍ସା ସହ ସୁବିଧାରେ ରହିବା ନେଇ ଡୁଙ୍ଗୁରିପାଲି ଥାନାଧିକାରି ସୁବ୍ୟବସ୍ଥା କରାଇଲେ । ଡୁଙ୍ଗୁରିପାଲି ଥାନା SI ବୀଣା ନାଗ ଓ ସେବା ଫାଉଣ୍ଡେସନର ସଭ୍ୟା ନିତା ପଟେଲ୍ ସହ ଥାନା ଷ୍ଟାଫ୍ ଯାଇ ତାଙ୍କୁ ସୁବର୍ଣ୍ଣପୁର ସ୍ଥିତ ସଖୀ କେନ୍ଦ୍ରରେ ଛାଡ଼ିଦେଇ ଆସିଲେ । ପୁଲିସ ଉପରେ ଜନସାଧାରଣ ଭରସା କାମୁଥିବା ବେଳେ ଏହି ଅଧିକାରୀଣି ଙ୍କ କାର୍ଯ୍ୟ ଏବେ ବିଶ୍ୱାସଯୋଗ୍ୟ ହୋଇଥିବା କୁହାଯାଉଛି ।




## ଜୋରଦାର ହବ ସୋନପୁର ମହାବିଦ୍ୟାଳୟକୁ ସରକାରି ମାନ୍ୟତା ଦାବୀ ନୂଆ ସଭାପତି ଙ୍କ ଘୋଷଣା





ସୁବର୍ଣ୍ଣପୁର:୨୨।୧୦(ସଂଗ୍ରାମ):ସୁବର୍ଣ୍ଣପୁର ଜିଲ୍ଲାର ସର୍ବପୁରାତନ କଲେଜ ସୋନପୁର ମହାବିଦ୍ୟାଳୟକୁ ସରକାରି ମାନ୍ୟତା ଦାବିରେ ବିଜୁ ଛାତ୍ର ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇ ପାରେ। ପୂଜା ଛୁଟି ପରେ ଜୋରଦାର ଆନ୍ଦୋଳନ ହୋଇପାରେ ବୋଲି ଚର୍ଚ୍ଚା ଏବେ ସୋନପୁର ସହରରେ ଜୋର୍ ଧରିଛି। ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ କଲେଜ ସରକାରୀ ମାନ୍ୟତା ବିଜୁ ଛାତ୍ର ଜନତା ଦଳର ପ୍ରାଥମିକତାରେ ରହିଥିଲା। ବିଜୟ ଲାଭ କରିବା ପରେ ବିସିଜେଡି ସଭାପତି ରୋଶନ ଶର୍ମା ପ୍ରତିଶ୍ରୁତିକୁ ଦୋହରାଇଛନ୍ତି। ସେ କହିଛନ୍ତି, ଆମେ କଲେଜ କରକାରୀ କର୍ମୁ ବୋଲି ମୁଖ୍ୟ ପ୍ରତିଶ୍ରୁତି ଦେଇଥିଲୁଁ। ସବୁ ଭାଇ ଭଉଣୀ ଲାଗଲେ କରିପାର୍ମୁ। ସୋନପୁର ମହାବିଦ୍ୟାଳୟ ୧୯୬୪ ମସିହାରୁ ସ୍ଥାପିତ ହୋଇଥିଲେ ସୁଦ୍ଧା ସରକାରୀ ମାନ୍ୟତା ପାଇ ପାରିନାହିଁ। ସୁବର୍ଣ୍ଣପୁର ଜିଲ୍ଲାର ସର୍ବପୁରାତନ ସୋନପୁର ମହାବିଦ୍ୟାଳୟ ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ବର୍ତ୍ତମାନ ଏହି ଯଥାର୍ଥ ଦାବି ହାସଲ ପ୍ରତି ଆଲୁମନି ଏସୋସିଏସନ୍ ବା ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ସଂଘ ଏକ ଆହ୍ୱାନ ଭାବେ ଗ୍ରହଣ କରିଛି। ଦାବି ପୂରଣ ହେବା ପର୍ଯ୍ୟନ୍ତ ସଂଘ ଗଣତାନ୍ତ୍ରିକ ପଦ୍ଧତିରେ ସଂଘର୍ଷ ଜାରି ରଖିବାକୁ ବଦ୍ଧପରିକର ଅଟେ। ଏଣୁ ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ସଂଘ ଏବଂ ବିଜୁ ଛାତ୍ର ଜନତା ଦଳ ଉଭୟଙ୍କ ଆଭିମୁଖ୍ୟ ଏକ ରହିଛି କଲେଜ ସରକାରୀ ମାନ୍ୟତା ଦାବି ପ୍ରତି। ଜିଲ୍ଲାବାସୀଙ୍କ ମଧ୍ୟ ଆବେଗ ରହିଥିବା ସରକାରୀ ମାନ୍ୟତା ଦାବି ପ୍ରତି। ଏହି ଉଭୟ ସଂଗଠନର ମିଳିତ ପ୍ରୟାସରେ ସଫଳତା ମିଳିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ଉଭୟ ସଙ୍ଗଠନର ଆଭିମୁଖ୍ୟ ଏକ ରହିଥିଲେ ହେଁ ରଣନୀତି ସ୍ପଷ୍ଟ ହୋଇପାରିନାହିଁ। ପୂଜା ଛୁଟି ପରେ ବିସିଜେଡିର କଣ କାର୍ଯ୍ୟପନ୍ଥା ରହିବ, ତାକୁ ନେଇ ରହିଛି ସମସ୍ତଙ୍କ ନଜର।

## ନିଶାନ୍ ଅଖୋଜ୍ ର ଖୋଜ୍ ସମ୍ମାନରେ ସମ୍ମାନିତ ହେଲେ ଅଧ୍ୟାପିକା ନିରୁପମା ଷାଣ୍ଢ

ସୁବର୍ଣ୍ଣପୁର:୨୨।୧୦(ସଂଗ୍ରାମ):ସୁବର୍ଣ୍ଣପୁର ଜିଲ୍ଲା ରାଏପାଲି ର ୯ମ ଦୁର୍ଗା ପୂଜା ମହୋତ୍ସବ ୨୦୨୬ର ଯୁବ କଳାକାର୍ "ବଏନା" ନୁ ନେଇକି "ସଛ" ଚଳଚ୍ଚିତ୍ର ଆର୍ ସାହିତ୍ୟ କୃତି ଲାଗି "ନିଶାନ୍ ଅଖୋଜ୍ ର ଖୋଜ୍ ସମ୍ମାନ -୨୦୨୬" ପ୍ରଦାନ କରିଛି ବିନିକା ବାଉଁଶୁଣି ମହାବିଦ୍ୟାଳୟ ଅଧ୍ୟାପିକା ଶ୍ରୀମତୀ ନିରୁପମା ଷାଣ୍ଢ ଙ୍କୁ | ତାଙ୍କର ସୁନ୍ଦର ଅଭିନୟ ପାଇଁ ସବୁବେଳେ ଚର୍ଚ୍ଚରେ ଥିବା ଶ୍ରୀମତୀ ଷାଣ୍ଢ ଅନେକ ପୁରସ୍କାର ରେ ପୁରସ୍କୃତ ହୋଇଛନ୍ତି | ଏକ ସାଧାରଣ ପରିବାର ରେ ଜନ୍ମ ଏବଂ ଏକ ସାଧରଣ ପରିବାର ରେ ବୋହୁ ହୋଇଥିବା ଶ୍ରୀମତୀ ନିରୁପମା ଅନେକ ପ୍ରତିଭା ଅଧିକାରୀ | କବିତା ଲେଖିବା ଠାରୁ ସଂଗୀତ ଗାଇବା ସହ ମଞ୍ଚ ପରିଚାଳନା ରେ ସବୁଠି ଆଗରେ | ତାଙ୍କର ଏହି ଇଛା ଶକ୍ତି ଏବଂ କଠିନ ପରିଶ୍ରମ ତାକୁ ଆଜି ଏହି ସ୍ଥାନରେ ପୁରସ୍କାର ଅଧିକାରୀ କରିଛି | ଏହି ପୁରସ୍କାର ପାଇଁ ତାଙ୍କୁ ମନୋନୀତ କରିଥିବାରୁ ସିଏ ନିଶାନ କଳା ସଂସଦ ଏବଂ ରାଏପାଲି ଗ୍ରାମବାସୀ ଙ୍କୁ ବହୁତ୍ ବହୁତ୍ ଧନ୍ୟବାଦ୍ ଦେଇଛନ୍ତି ଏଥିସହ ଆଗାମୀ ଦିନରେ ତାଙ୍କର ଏହି ଯାତ୍ରା ଆହୁରି ଆଗକୁ ଯିବ ବୋଲି ପ୍ରକାଶ କରିଛନ୍ତି ଏହି ଯୁବ ଅଧ୍ୟାପିକା ନିରୁପମା ଷାଣ୍ଢ |



## ସୁଭାଷିନୀ ନନ୍ଦ ଙ୍କ ବିୟୋଗ ଅନ୍ତିମ ସଂସ୍କାର ରେ ଯୋଗ ଦେଲେ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶ

ସୋନପୁର:୧୯|୧୦(ସଂଗ୍ରାମ):ସୋନପୁର ଘୋଡ଼ାଘାଟ ପଡା ବାସିନ୍ଦା ତଥା ସୋନପୁର ର ପ୍ରାକ୍ତନ ତହସିଲଦାର ସ୍ୱର୍ଗତ ରାମ ଶଙ୍କର ମିଶ୍ର ଙ୍କ ଦ୍ୱିତୀୟ ବଧୂ ସୁଭାଷିନୀ ନନ୍ଦ ଙ୍କ ମହା ସପ୍ତମୀ ତିଥି ରେ ବିୟୋଗ ଘଟିଛି । ଶ୍ରୀମତୀ ନନ୍ଦ ଦେବଗଡ, ବରଗଡ଼, କଣ୍ଟାବାଞ୍ଜି ଓ ଟିଟିଲାଗଡ ବିଭିନ୍ନ ହାଇସ୍କୁଲ ମାନଙ୍କ ରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଶୃଂଖଳା ଦକ୍ଷତା ର ସହ କାର୍ଯ୍ୟକରି ଆସୁଥିଲେ । ଅବସର ପରେ ସେ ସୋନପୁର ଥନା ପତି ପଡା ସ୍ଥିତ କୃଷ୍ଣାୟନ ବାସ ଭବନ ରେ ସ୍ୱାମୀ ବୀରେନ୍ଦ୍ର କୁମାର ମିଶ୍ର ଙ୍କ ସହ ରହୁଥିଲେ । ଶେଷ ସମୟରେ ସେ ଜରୁରୀ ଚିକିତ୍ସା ପାଇଁ କଟକ ରେ ଝିଅ ନିବେଦିତା ଦାଶ ଙ୍କ ଘରେ ରହୁଥିଲେ । ତାଙ୍କ ଶେଷ ଇଚ୍ଛା ଅନୁସାରେ ଶ୍ରୀମତୀ ନନ୍ଦ ଙ୍କ ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗ ଦ୍ୱାର ଠାରେ କରା ଯାଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ଅଭିନାଶ ମିଶ୍ର, ବଧୂ ସୁନାୟନା ମିଶ୍ର, ଝିଅ ନିବେଦିତା ଜ୍ୱାଇଁ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶ, ନାତୁଣୀ ଓଡ଼ିଶା ସରକାର ଙ୍କ ଅତିରିକ୍ତ ସରକାରୀ ଓକିଲ ବିଶ୍ୱବାରା ଦାଶ ଉପସ୍ଥିତ ଥିଲେ ।



## ମହାମାୟୀଙ୍କ ମା ସୁରେଶ୍ୱରୀଙ୍କ ଅପୂର୍ବ 'ସୁନାବେଶ



ସୋନପୁର:୨୨।୧୦(ସଂଗ୍ରାମ): ସୁବର୍ଣ୍ଣପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ତଥା ଜଗତଜନନୀ ମା' ସୁରେଶ୍ୱରୀଙ୍କ ପୀଠରେ ଏକ ଐତିହାସିକ ତଥା ଭକ୍ତିପୂତ ମୁହୂର୍ତ୍ତ । ପବିତ୍ର ବିଜୟା ଦଶମୀର ପବିତ୍ର ତିଥିରୁ ମା' ମହାମାୟୀ ସୁବର୍ଣ୍ଣ ଆଭୂଷଣରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଇତିହାସରେ ପ୍ରଥମ ଥର ପାଇଁ ଶ୍ରଦ୍ଧାଳୁଙ୍କ ଦ୍ୱାରା ଶ୍ରଦ୍ଧା ଓ ଭକ୍ତିର ସହ ସମର୍ପିତ ସ୍ୱର୍ଣ୍ଣ ଅଳଙ୍କାରରେ ମା' ବିଭୂଷିତ ହୋଇଥିବାରୁ ସମଗ୍ର ଜିଲ୍ଲାରେ ଏବେ ଅପୂର୍ବ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ମଙ୍ଗଳବାର ଦଶମୀ ପ୍ରଭାତ ୬ଟାରୁ ଏହି ସ୍ୱତନ୍ତ୍ର ସୁନାବେଶ ଆରମ୍ଭ ହୋଇ ବୁଧବାର ଏକାଦଶୀ ରାତି ୧୦ଟା ପର୍ଯ୍ୟନ୍ତ ଅର୍ଥାତ୍ ଦୀର୍ଘ ୪୦ ଘଣ୍ଟା ଧରି ମା' ଏହି ଦିବ୍ୟ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ମା'ଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିପାରିବେ, ସେଥିପାଇଁ ମନ୍ଦିର କମିଟି ଓ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ।ଏହି ଦିବ୍ୟ ବେଶରେ ମା' ସୁରେଶ୍ୱରୀଙ୍କୁ ସୁନା ମୁକୁଟ, ସୁବର୍ଣ୍ଣ ମୁଖା (ସୁନା ମୁହଁ) ଏବଂ ବିଭିନ୍ନ ପାରମ୍ପରିକ ସୁନା ଗହଣାରେ ସୁସଜ୍ଜିତ କରାଯାଇଛି । ମା'ଙ୍କ ଜ୍ୟୋତିର୍ମୟ ରୂପକୁ ଅଧିକ ଦୀପ୍ତିମନ୍ତ କରିବା ପାଇଁ ସେବାୟତମାନେ ସ୍ୱତନ୍ତ୍ର ନୀତିକାନ୍ତି ଅନୁସାରେ ଏହି ବେଶ ସମ୍ପନ୍ନ କରିଛନ୍ତି ।ଏହି ବର୍ଷର ସୁନାବେଶ ସ୍ୱତନ୍ତ୍ର ଏବଂ ଐତିହାସିକ, କାରଣ ଏହି ସମସ୍ତ ଆଭୂଷଣ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦାନ ଏବଂ ସମର୍ପଣରେ ପ୍ରସ୍ତୁତ ହୋଇଛି । ମା'ଙ୍କ ପ୍ରତି ଭକ୍ତଙ୍କର ଅନାବିଳ ବିଶ୍ୱାସର ଏହା ଏକ ପ୍ରତୀକ । ନିଜ ଆରାଧ୍ୟା ଦେବୀଙ୍କ ଶ୍ରୀଅଙ୍ଗରେ ନିଜ ପ୍ରଦତ୍ତ ଅଳଙ୍କାର ଦେଖିବା ଭକ୍ତମାନଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି ହେବ ।ପୁରାଣ ଓ ଲୋକବିଶ୍ୱାସ ଅନୁଯାୟୀ, ଦୁର୍ଗାପୂଜା ତଥା ବିଜୟା ଦଶମୀ ପରି ମହାପର୍ବରେ ଇଷ୍ଟଦେବୀଙ୍କର ଏଭଳି ସ୍ୱର୍ଣ୍ଣମୟ ଦର୍ଶନ କ୍ଷେତ୍ର ତଥା ଜିଲ୍ଲାବାସୀଙ୍କ ପାଇଁ ସୁଖ, ସମୃଦ୍ଧି ଓ କଲ୍ୟାଣ ଆଣିଥାଏ । ଅଧିଷ୍ଠାତ୍ରୀ ଦେବୀଙ୍କ ଏହି ଅପୂର୍ବ ରୂପ ଦର୍ଶନ କରିବା ପାଇଁ ସୁବର୍ଣ୍ଣପୁର ସମେତ ଆଖପାଖ ଜିଲ୍ଲାରୁ ଅନେକ ଭକ୍ତ ଆସିଛନ୍ତି ।

ମାଟିର ଖବର

# ଚଳଚଞ୍ଚଳ ସହର ସବୁଆଡେ ପୂଜାର ମହଲ ଚାରିଆଡୁ ଛୁଟୁଛି ମା ଙ୍କ ବନ୍ଦନା



ସୁବର୍ଣ୍ଣପୁର:୧୯ ଅକ୍ଟୋବର:(ଆଦ୍ୟାଶା ଲାଇଭ୍/ସଂଗ୍ରାମ ମୋହାପାତ୍ର):ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ମା' ସୁରେଶ୍ୱରୀଙ୍କ ଯଜ୍ଞ ମଣ୍ଡପରେ ଷୋହଳ ପୂଜା ଚଣ୍ଡୀ ଯଜ୍ଞ ଏବଂ ସହରର ବିଭିନ୍ନ ଆକର୍ଷଣୀୟ ପୂଜା ମଣ୍ଡପଗୁଡ଼ିକରେ ମା' ଦୁର୍ଗାଙ୍କ ଦେବୀ ଆରାଧନା ପାଇଁ ସମଗ୍ର ସୁବର୍ଣ୍ଣପୁର ସହର ଉତ୍ସବମୁଖର ହୋଇଉଠିଛି। ଶ୍ରଦ୍ଧାଳୁଙ୍କ ଗହଳି ଓ ଭକ୍ତିମୟ ପରିବେଶରେ ସୁବର୍ଣ୍ଣପୁର ଚଳଚଞ୍ଚଳ ହୋଇପଡ଼ିଛି।ମିଳିଥିବା ସୂଚନା ଅନୁସାରେ, ଆଜି ମା' ସୁରେଶ୍ୱରୀଙ୍କ ପୀଠରେ ଅତ୍ୟନ୍ତ ନୀତିକାନ୍ତି ଓ ସାତ୍ତ୍ୱିକ ପରମ୍ପରା ମଧ୍ୟରେ ସନ୍ଧି ପୂଜା ଏବଂ କୁମାରୀ ପୂଜା ଶ୍ରଦ୍ଧା ଓ ବିଶ୍ୱାସର ସହ ସମ୍ପାଦିତ ହୋଇଛି। ଆସନ୍ତାକାଲି ପୂର୍ବାହ୍ନରେ ମା'ଙ୍କ ମଣ୍ଡପରେ ପାରମ୍ପରିକ ଅପରାଜିତା ପୂଜା ବିଧି ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଯେ, ଗତ ୩ ତାରିଖ ମୂଳାଷ୍ଟମୀ ତିଥିରୁ ମା' ସୁରେଶ୍ୱରୀଙ୍କ ମଣ୍ଡପରେ ଏହି ପ୍ରସିଦ୍ଧ ଚଣ୍ଡୀ ଯଜ୍ଞ ଓ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ପୁରୀ ବୈଦିକ କଲେଜରୁ ଆସିଥିବା ଅଧ୍ୟାପକ ପଣ୍ଡିତ କିଶୋର ମିଶ୍ର, ଶିବ ପ୍ରସାଦ ମିଶ୍ର ଏବଂ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଅହୋରାତ୍ର ନବରାତ୍ର ଚଣ୍ଡୀ ପାଠ ଓ ଜପ ସୁଚାରୁରୂପେ କରାଯାଉଛି। ଏହି ବୈଦିକ କାର୍ଯ୍ୟକ୍ରମରେ ପଣ୍ଡିତ କାଳୀ ପ୍ରସାଦ ମିଶ୍ରଙ୍କ ସମେତ ଏକ ଛଅ ଜଣିଆ ବିଶିଷ୍ଟ ପଣ୍ଡିତ ଦଳ ପୂର୍ଣ୍ଣ ସହଯୋଗ କରୁଛନ୍ତି।ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ବର୍ଷ ଧରି ମା' ସୁରେଶ୍ୱରୀଙ୍କ ମଣ୍ଡପରେ ଏହି ଭବ୍ୟ ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ମା'ଙ୍କ ନୀତିକାନ୍ତି ସେବା ସଂଘ ପକ୍ଷରୁ ପ୍ରତ୍ୟହ ସନ୍ଧ୍ୟାରେ ମନୋରମ ସନ୍ଧ୍ୟା ଆଳତି ଏବଂ ସର୍ବସାଧାରଣଙ୍କ ପାଇଁ ଭୋଗ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଦିବ୍ୟ ଦର୍ଶନ ଓ ପ୍ରସାଦ ସେବନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ଦେଖିବାକୁ ମିଳୁଛି।ପୂଜା ସମୟରେ ଆଇନ ଶୃଙ୍ଖଳା ରକ୍ଷା ଓ ଶାନ୍ତି ଶୃଙ୍ଖଳା ସହିତ ଦେବୀ ଦର୍ଶନ ସୁନିଶ୍ଚିତ କରିବା ପାଇଁ ମନ୍ଦିର ଏବଂ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସହରର ସମସ୍ତ ଦେବୀ ମନ୍ଦିର ଓ ବିଭିନ୍ନ ଅସ୍ଥାୟୀ ପୂଜା ମଣ୍ଡପଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାଏକ ସୂଚନା ଦେଇଛନ୍ତି ଯେ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପୋଲିସ ବଳ ମୁତୟନ କରାଯାଇଛି।